

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୧ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 11 June 2026
Vol.No. 36 ■ No.153 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬
ସାଇ ସାଧନା ସେବାଶ୍ରମ
ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ
(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)
୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬
Only for ST/SC Students
(Not for Service Holders)
ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା
Contact No: 9437294587, 9437443950, 9937557158


## ଦୁଷ୍କର୍ମ ମାମଲାରେ ଦୋଷମୁକ୍ତ ହୋଇଥିବା ବ୍ୟକ୍ତିଙ୍କର ମଧ୍ୟ ଡିଏନଏ ପରୀକ୍ଷା କରାଯାଇପାରିବ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୦/୬ : ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ଯେ, ପିତୃତ୍ୱ ବିବାଦରେ ଦୁଷ୍କର୍ମ ଅଭିଯୋଗ ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ ହେବା ପରେ ମଧ୍ୟ ତାଙ୍କର ଡିଏନଏ ପରୀକ୍ଷା କରାଯାଇପାରିବ। କୋର୍ଟ କହିଛନ୍ତି, ପିତୃତ୍ୱ ବିବାଦ ମାମଲାରେ, କୋର୍ଟ ଡିଏନଏ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇପାରିବେ। ଖଣ୍ଡପୀଠ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଫୌଜଦାରୀ ମାମଲାରେ ଦୋଷମୁକ୍ତ ହେବା ପ୍ରମାଣିତ କରେ ନାହିଁ ଯେ ସମ୍ପୃକ୍ତ ବ୍ୟକ୍ତି ଜୈବିକ ପିତା ହୋଇପାରିବେ ନାହିଁ। ବିଚାରପତି ସଞ୍ଜୟ କାରୋଲ ଏବଂ ଏନ. କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଆବେଦନକୁ ଖାରଜ କରି କହିଛନ୍ତି ଯେ, ଏକ ଫୌଜଦାରୀ ମାମଲାରେ ଦୋଷମୁକ୍ତ ହେବାର ଅର୍ଥ ଏହା ନୁହେଁ ଏହି ଯେ ଅଭିଯୋଗଗୁଡ଼ିକ ଯୁକ୍ତିଯୁକ୍ତ ଭାବେ ପ୍ରମାଣିତ ହୋଇପାରିବ ନାହିଁ। ଏହା ସୂଚିତ କରୁ ନାହିଁ ଯେ, ଦୁଇ ବୟସ୍କଙ୍କ ମଧ୍ୟରେ କୌଣସି ଜୈବିକ ସମ୍ପର୍କ ନଥିଲା। ତେଣୁ, ପିତୃତ୍ୱର ପ୍ରଶ୍ନର ଉତ୍ତର ପାଇଁ ଯାଞ୍ଚ କରାଯାଇ ପାରିବ। ପୁଅର ପିତା କିଏ ତାହା ଜାଣିବାର ଅଧିକାର ଅଛି। କୋର୍ଟ କହିଛନ୍ତି ଯେ ଏହି ମାମଲାରେ, ଗୋଟିଏ ପଟେ, ଆବେଦନକାରୀଙ୍କର ଗୋପନୀୟତାର ଅଧିକାର ଅଛି, ଅନ୍ୟପଟେ, ଯୁବକଙ୍କର ତାଙ୍କ ଜୈବିକ ପିତାଙ୍କ ପରିଚୟ ଜାଣିବା ଏବଂ ଏହା ସହିତ ଜଡ଼ିତ ଆଇନଗତ ଅଧିକାର ଉପଭୋଗ କରିବାର ଅଧିକାର ଅଛି। ପିଲାଦିନରୁ, ଯୁବକ ଜଣକ ତାଙ୍କ ମାଆଙ୍କୁ କହୁଥିବା ଶୁଣିଥିଲେ ଯେ ଆବେଦନକାରୀ ତାଙ୍କ ପିତା, ତଥାପି ଏହି ଦାବିକୁ ବିଭିନ୍ନ ସ୍ତରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଯଦି ଏହି ପ୍ରଶ୍ନର ଉତ୍ତର ନମିଳିବ ତେବେ ସେ ପ୍ରକୃତରେ ଯେଉଁ ଅଧିକାର ପାଇବାକୁ ହକଦାର ସେଥିରୁ ବଞ୍ଚିତ ହୋଇପାରନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଏହି ମାମଲାର ସମାଧାନ ପାଇଁ ଡିଏନଏ ପରୀକ୍ଷା ଜରୁରୀ, ତେଣୁ ଶୀର୍ଷକୋର୍ଟ ଆବେଦନକୁ ଖାରଜ କରି ଆବେଦନକାରୀଙ୍କୁ ଡିଏନଏ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପତ୍ତି, ଉତ୍ତରାଧିକାର ଏବଂ ପାରିବାରିକ ଅଧିକାର ସହିତ ଜଡ଼ିତ ମାମଲାରେ ଡିଏନଏ ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରମାଣ। ନିଷ୍ପତ୍ତି ନେବା ପୂର୍ବରୁ କୋର୍ଟଗୁଡ଼ିକୁ ଗୋପନୀୟତାର ଅଧିକାର ଏବଂ ବ୍ୟକ୍ତିଙ୍କର ପରିଚୟ ଜାଣିବାର ଅଧିକାର ମଧ୍ୟରେ ସନ୍ତୁଳନ ରଖିବାକୁ ପଡିବ।

◆◆ପୃଷ୍ଠା ୭

## ଏନ୍‌ଡିଏ କନ୍‌କ୍ଲେଭ୍: ୧୪୦ କୋଟି ଭାରତୀୟଙ୍କ ବିଶ୍ୱାସ ହିଁ ଆମ ଶକ୍ତି: ମୋଦୀ



ନୂଆଦିଲ୍ଲୀ,୧୦/୬ : ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ରେକର୍ଡକୁ ପଛରେ ପକାଇ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ଇତିହାସରେ ସବୁଠାରୁ ଦୀର୍ଘ ସମୟ ଧରି ଦାୟିତ୍ୱ ତୁଲାଇଥିବା ନିର୍ବାଚିତ ପ୍ରଧାନମନ୍ତ୍ରୀ ହେବାର ଗୌରବ ହାସଲ କରିଛନ୍ତି। ମୋଦୀ ପ୍ରଧାନମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟକାଳର ୧୨ ବର୍ଷ ପୂର୍ତ୍ତି ଅବସରରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଆଜି ଅନୁଷ୍ଠିତ ଏନ୍‌ଡିଏ କନକ୍ଲେଭ୍‌ରେ ଏନ୍‌ଡିଏ ନେତାମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ମୋଦୀ କହିଛନ୍ତି, ୧୨ ବର୍ଷରେ ଯଦି ଏତେ ସବୁକିଛି ହାସଲ କରିହେଲା ତେବେ ଏହାର ପୂର୍ବ ଦଶନ୍ଧି ଗୁଡ଼ିକରେ କାହିଁକି ହୋଇପାରିନଥିଲା। ଏହା ହିଁ କଂଗ୍ରେସ ଯୁଗର ବିକାଶ ଏବଂ ଏନ୍‌ଡିଏ ଯୁଗର ବିକାଶ ମଧ୍ୟରେ ପ୍ରଭେଦକୁ ଦର୍ଶାଉଛି। ଗୋଟିଏ ବ୍ୟବସ୍ଥା ଲୋକଙ୍କୁ ଅପେକ୍ଷା କରାଇଛି। କିନ୍ତୁ ବର୍ତ୍ତମାନର ବ୍ୟବସ୍ଥା ସିଧାସଳଖ ଲୋକଙ୍କୁ ଫଳ ପ୍ରଦାନ କରୁଛି। ମୋଦୀ କହିଛନ୍ତି, ୨୦୧୪ରୁ ୨୦୨୬ ପର୍ଯ୍ୟନ୍ତ କାହାଣୀ କେବଳ ଏକ ପରିସଂଖ୍ୟାନର କାହାଣୀ ନୁହେଁ। ବରଂ ଏହା ଏକ ଭାରତର କାହାଣୀ ଯାହା ପ୍ରଥମ ଥର ପାଇଁ ପୂର୍ଣ୍ଣ ସାମର୍ଥ୍ୟର ସହ ଦୌଡ଼ିବା ଆରମ୍ଭ କରିଛି ଏବଂ ଏହା ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖି ଏହାକୁ ପୂରଣ କରିବା ଦିଗରେ ଅକ୍ଳାନ୍ତ ଭାବେ କାମ କରୁଛି। ୧୪୦ କୋଟି ଲୋକଙ୍କ ବିଶ୍ୱାସ ହିଁ ଆମ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶ ଏବେ ବ୍ୟାପକ ବିକାଶ ହାସଲ କରିଥିବା ବେଳେ ଆମ ଲକ୍ଷ୍ୟ ୨୦୪୭ ବିକଶିତ ଭାରତ ଉପରେ ଫୋକସ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। କଂଗ୍ରେସକୁ ତୀବ୍ର ସମାଲୋଚନା କରି ମୋଦୀ 'ହିନ୍ଦୁ ଅଭିବୃଦ୍ଧି ହାର' ଶବ୍ଦର ଐତିହାସିକ ବ୍ୟବହାରକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ପୂର୍ବରୁ ଏହି ଶବ୍ଦଟି ସଂଖ୍ୟାଗରିଷ୍ଠ ହିନ୍ଦୁ ଜନସଂଖ୍ୟାକୁ ବଦନାମ କରିବା ଏବଂ ଶାସନକୁ ଲୁଚାଇବା ପାଇଁ କଂଗ୍ରେସ ବ୍ୟବହାର କରାଯାଇଥିଲା। ଏନ୍‌ଡିଏ ନେତାମାନଙ୍କ ବୈଠକରେ ମୋଦୀ କହିଛନ୍ତି, କଂଗ୍ରେସ ନିଜ ଶାସକ କାଳରେ ଦେଶକୁ ବିଶାଳ ଦୁର୍ନୀତି ମଧ୍ୟକୁ ଟାଣିନେଇଥିଲା। କଂଗ୍ରେସର ଶାସନ ବିଫଳତା ଯୋଗୁ ଦେଶ ଅସହାୟତା, ଦୁଃଖ ଓ ଦୁର୍ଦ୍ଦଶା ମଧ୍ୟକୁ ଠେଲି ହୋଇଯାଇଥିଲା। କିନ୍ତୁ ୨୦୧୪ରେ ଏନ୍‌ଡିଏ ସରକାର ଗଠନ ହେବା ପରଠାରୁ ଦେଶର ଭାଗ୍ୟ ବଦଳିଛି।

◆◆ପୃଷ୍ଠା ୭

## ମମତାଙ୍କୁ ସୋନିଆଙ୍କ ଅଫର : କଂଗ୍ରେସରେ ମିଶ, ଉପାଧ୍ୟକ୍ଷ ପଦ ନିଅ



ନୂଆଦିଲ୍ଲୀ,୧୦/୬ : ଦେଶ ରାଜନୀତିରେ ଏକ ନୂଆମୋଡ଼ ଆସିବା ନେଇ ରାସ୍ତା ପରିଷ୍କାର ହେବାରେ ଲାଗିଛି । କିଛିମାସ ତଳେ ଦେଶର ଅଗ୍ନିବର୍ଷୀ ନେତା ଭାବେ ଗଣନା କରାଯାଉଥିବା ଟିଏମସି ବା ତୃଣମୂଳ କଂଗ୍ରେସର ମୁଖ୍ୟ ମମତା ବାନାର୍ଜୀ ଆଜି ଅସହାୟ ହୋଇପଡ଼ିଛନ୍ତି । ୮୦ ଦଶକରେ ଯେଉଁ କଂଗ୍ରେସକୁ ବିରୋଧ କରି ସେ କଂଗ୍ରେସ ଛାଡ଼ି ତୃଣମୂଳ କଂଗ୍ରେସ ଗଠନ କରିଥିଲେ, ୩୫ ବର୍ଷ ପରେ ପୁଣି ସମୟ କଡ଼ ଲେଉଟାଇଛି । ଦୀର୍ଘ ୧୫ ବର୍ଷ ଧରି ପଶ୍ଚିମବଙ୍ଗର ଶାସନ କ୍ଷମତାକୁ ନିଜ ମୁଠାରେ ଜାବୁଡ଼ି ଧରିଥିବା ମମତା ବାନାର୍ଜୀ ଆଜି ନିଶହାୟ ହୋଇ ପୁଣି ସେହି କଂଗ୍ରେସ ଶରଣରେ ପଶିଛନ୍ତି ଓ ଏହାର ଫାଇଦା ନେବାକୁ କଂଗ୍ରେସ ଏବେ ଯୋଜନା ପ୍ରସ୍ତୁତ କରିଛି । କଂଗ୍ରେସର ଅଦୃଶ୍ୟ କ୍ଷମତାକେନ୍ଦ୍ର ସୋନିଆ ଗାନ୍ଧୀ ମମତା ବାନାର୍ଜୀଙ୍କୁ ଏକ ଅଫର ଦେଇଛନ୍ତି । ଏଥିରେ କୁହାଯାଇଛି କି, ଯଦି ମମତା ବାନାର୍ଜୀ ତାଙ୍କ ଦଳ ଟିଏମସିକୁ ସମ୍ପୂର୍ଣ୍ଣ ଭାବେ କଂଗ୍ରେସରେ ବିଲୀନ କରିଦେବେ ତେବେ ତାଙ୍କୁ ଜାତୀୟ କଂଗ୍ରେସର ଉପାଧ୍ୟକ୍ଷ ପଦ ମିଳିବ। ଏହାସହ ଅଭିଷେକ ବାନାର୍ଜୀଙ୍କୁ ଦଳର ମହାସଚିବ ପଦ ମିଳିବ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ

◆◆ପୃଷ୍ଠା ୭

## ପରାଜୟର ଦୁଇବର୍ଷ ପରେ ପୁଣି ଅଣ୍ଟା ଭିଡ଼ିଲା ବିଜେଡି: ଜିଲ୍ଲାକୁ ଜିଲ୍ଲା ବୁଲି ପୁଣି ଲୋକ ସମ୍ପର୍କ ତିଆରି କରିବେ ନବୀନ



ଭୁବନେଶ୍ୱର, ୧୦/୬ (ନି.ପ୍ର): ନିର୍ବାଚନ ପରାଜୟକୁ ଦୁଇବର୍ଷ ପୁରିଛି । ଦୁଇବର୍ଷ ଭିତରେ ବିଜେଡି ଅନେକ ବିପର୍ଯ୍ୟୟକୁ ସାମ୍ନା କରିଛି। ନିର୍ବାଚନ ପୂର୍ବରୁ ବିଜେଡିର ଦୁର୍ନୀତି ଅଭିଯୋଗ ଥିବା ନେତାଙ୍କୁ ଜେଲରେ ପୁରାଇବାକୁ ଗର୍ଜନ କରୁଥିବା ବିଜେପି ଧିରେ ଧିରେ ବିଜେଡି ନେତାଙ୍କୁ ଜେଲରେ ପୁରାଇବା ପରିବର୍ତ୍ତେ ନିଜ ଦଳରେ ଉତ୍ତରୀୟ ଦେଇ ସାମିଲ କରିଛି । ରାଜ୍ୟସଭାରେ ଜଣଙ୍କ ପରେ ଜଣେ ସାଂସଦ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି । କହିବାକୁ ଗଲେ ବିଜେଡିକୁ ଭାଙ୍ଗିବାକୁ କଳ, ବଳ କୌଶଳ ଲଗାଇ ଦେଇଛି ଶାସକ ବିଜେପି । ପଞ୍ଚାୟତ ସ୍ତରରୁ ନେଇ ସଂସଦୀୟ କ୍ଷେତ୍ର ପର୍ଯ୍ୟନ୍ତ ସବୁଠି ବିଜେଡି ନେତାଙ୍କୁ ବିଜେପି ହାତେଇ ନେବାରେ ସଫଳ ହୋଇଛି ।

◆◆ପୃଷ୍ଠା ୭

## ଉମରକୋଟରେ ଅଭିଯୋଗ ଶୁଣାଣି କଲେ ନିତ୍ୟାନନ୍ଦ ଗଣ୍ଡ

ଭୁବନେଶ୍ୱର, ୧୦/୬ (ନି.ପ୍ର): ଉମରକୋଟ ସ୍ଥିତ ନିଜସ୍ୱ ବାସ ଭବନରେ ଜନ ଅଭିଯୋଗ ଶୁଣାଣି କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ମନ୍ତ୍ରୀ ଦୂର ଦୂରାନ୍ତ ଏବଂ ନିଜ ନିର୍ବାଚନ ମଣ୍ଡଳୀରୁ ଆସିଥିବା ଲୋକଙ୍କ ସମସ୍ୟା ଶୁଣିବା ସହିତ ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ଲୋକଙ୍କ ସମସ୍ୟାକୁ ଦୂର କରିବା ଦିଗରେ ଆମେ ପ୍ରାଥମିକତା ଦେଉଥିବା ବେଳେ ଭୁବନେଶ୍ୱର ଭଳି ନିଜ ଅଂଚଳରେ ମଧ୍ୟ ପ୍ରତ୍ୟେକ ସମୟରେ ଆମେ ଏହି କାର୍ଯ୍ୟକୁ ସୁଚାରୁ ରୂପେ ପାଳନ କରି ଆସୁଛୁ ମନ୍ତ୍ରୀ ଏହି ଅବସରରେ କହିଛନ୍ତି।

## ଭୁବନେଶ୍ୱର ଶ୍ରୀୟା ଛକରେ ଦୁର୍ଘଟଣା ଘଟାଇଲା ଆମ ବସ୍

ଭୁବନେଶ୍ୱର, ୧୦/୬ (ନି.ପ୍ର): ଭୁବନେଶ୍ୱର ଶ୍ରୀୟା ଛକରେ ଦୁର୍ଘଟଣା ଘଟାଇଲା ଆମ ବସ୍ । ଆମ ବସ୍' ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ବାଇକ୍ ଆରୋହୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଅନ୍ୟପଟେ ବସ୍‌କୁ ସିଜ୍ କରିଛି ଖାରବେଳ ନଗର ଥାନା ପୋଲିସ ।

## ଓଡ଼ିଶା ଗାଁରେ ଆନ୍ଧ୍ରର ଦାଦାଗିରି: କୋଟିଆରେ ଆନ୍ଧ୍ର ମନ୍ତ୍ରୀଙ୍କ ସଭା

ଭୁବନେଶ୍ୱର, ୧୦/୬ (ନି.ପ୍ର): ଉତ୍ତରରେ ପଶ୍ଚିମବଙ୍ଗ ସହ ଜଗନ୍ନାଥ ଧାମକୁ ନେଇ ଥିବା ବିବାଦର ସମାଧାନ ହୋଇଥିବାବେଳେ ଦକ୍ଷିଣରେ ଆନ୍ଧ୍ର ସହ ଲାଗି ରହିଛି ବିବାଦ । ବାରମ୍ବାର ମୁହାଁମୁହିଁ ହେବା ସତ୍ତ୍ୱେ ଓଡ଼ିଶା ସୀମାରେ ପଶି ଦାଦାଗିରି କରୁଛି ଆନ୍ଧ୍ର । ପୂର୍ବରୁ ଆନ୍ଧ୍ର ଅଧିକାରୀ ଆସି ଜନଗଣନା କରିଥିବାବେଳେ ଏବେ ରାସ୍ତାର ଉଦଘାଟନ କରିଛନ୍ତି ଆନ୍ଧ୍ର ମନ୍ତ୍ରୀ । ଯାହାକୁ ନେଇ ଓଡ଼ିଶାରେ ତେଜିଛି ରାଜନୀତି । ଓଡ଼ିଶା-ଆନ୍ଧ୍ର ସୀମା ବିବାଦର କେନ୍ଦ୍ରବିନ୍ଦୁ କୋଟିଆ ଗ୍ରାମପୁଞ୍ଜର ସୀମାନ୍ତ ଗାଁରେ ପୁଣି ଦେଖିବାକୁ ମିଳିଛି ଆନ୍ଧ୍ର ପ୍ରଦେଶ ସରକାରଙ୍କ ସକ୍ରିୟତା । ଆନ୍ଧ୍ର ପ୍ରଦେଶର ଆଦିବାସୀ, ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ତଥା ସାଲୁର ବିଧାୟିକା ଗୁମ୍ମଡି ସନ୍ଧ୍ୟାରାଣୀ କୋଟିଆ ପଞ୍ଚାୟତର ନେରେଡିବାଲସା ଗାଁ ଗସ୍ତ କରି ଏକ ନୂତନ ରାସ୍ତାର ଉଦଘାଟନ କରିଛନ୍ତି । ଏହାସହ ସ୍ଥାନୀୟ ଲୋକଙ୍କ ସହ ବୈଠକ କରି ଆନ୍ଧ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଛନ୍ତି ।

◆◆ପୃଷ୍ଠା ୭

## ନିର୍ଦ୍ଦେଶ ଆସିଲା ଧାମ ହଟିଲା: ଲାଗିଲା ଦୀଘା ଜଗନ୍ନାଥ ସଂସ୍କୃତି କେନ୍ଦ୍ର ଲେଖା

ନୂଆଦିଲ୍ଲୀ,୧୦/୬ : ଦୀଘାରୁ ଜଗନ୍ନାଥ ଧାମ ଶବ୍ଦ ହଟାଇବାକୁ ବାରମ୍ବାର ଦାବି ସତ୍ତ୍ୱେ ଶୁଣିନଥିଲେ ମମତା ବାନାର୍ଜୀ । ଶ୍ରୀକ୍ଷେତ୍ରର ଗରିମାକୁ ଅଣଦେଖା କରି ଜିଦରେ ଅଟଳ ରହିଥିଲେ । ପଶ୍ଚିମବଙ୍ଗରେ ସରକାର ବଦଳିବା ପରେ, ଓଡ଼ିଶାର ଦାବିକୁ ଗ୍ରହଣ କରିବା ସହ ଦୀଘାରୁ ଏହି ଶବ୍ଦକୁ ହଟାଇ ଦେଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ । ଜଗନ୍ନାଥ ଧାମ ବଦଳରେ ଲେଖାଯାଇଛି ଦୀଘା ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର । ଶୁଭେନ୍ଦୁ ଅଧିକାରୀଙ୍କ ଏହି ନିଷ୍ପତ୍ତି ଜଗନ୍ନାଥ ପ୍ରେମୀ ସ୍ୱାଗତ କରିଛନ୍ତି । ପ୍ରଥମଟି ମମତା ବାନାର୍ଜୀଙ୍କ ସରକାର ସମୟର ହୋଇଥିବାବେଳେ ଦ୍ୱିତୀୟଟି ଆଜିର । ଶ୍ରୀକ୍ଷେତ୍ର ପୁରୀର ଗରିମା ଓ ସାଂସ୍କୃତିକ ମହତ୍ୱକୁ ସମ୍ମାନ ଜଣାଇ ପଶ୍ଚିମବଙ୍ଗର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ଦୀଘାରୁ ହଟାଯାଇଛି ଜଗନ୍ନାଥ ଧାମ ଲେଖା ।


B.I.T. POLYTECHNIC, BALASORE
(A Sister Concern of Samalpur ITI, Balasore)
DIPLOMA ENGG COURSES
Mechanical Engineering
Electrical Engineering
Civil Engineering
E. & T. C. Engineering
Comp. Sc. & Engineering
ITI TRADE
Electrician • Fitter • Welder • R & AC
Walk-In-Interview on Dated : 08-06-2026 (Monday)
FACULTY RECRUITMENT: Lecture in all above Branches | Lab Technician in all above Branches | Clerk & Hostel Superintendent
Place of Interview : IET Samalpur, Balasore
Contact : 9861947995, 8270317712
E-mail : bit_balasore@rediffmail.com

31 years of imparting quality technical education with excellence.
ADMISSIONS Open 2026-27
BAISINGA I.T.I
Trade: Fitter, Electrician
Affiliated to NCVT, Govt. of India, New Delhi
Baisinga, Mayurbhanj, Odisha
9937861296, 9692864722
8327799536, 9337957048

# ଅବିଭକ୍ତ କୋରାପୁଟ ଜିଲ୍ଲାରେ ଜଙ୍ଗଲ କ୍ଷୟ ପରିବେଶ ପାଇଁ ବିପଦ

ଜୟପୁର, ୧୦/୦୬ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲା ଘଂଚ ଜଙ୍ଗଲରେ ପରିପୁଷ୍ଟ ଥିଲା । ଧିରେ ଧିରେ ଲୋପ ପାଇବାକୁ ବସିଲାଣି ଜଙ୍ଗଲ, ଯାହାକି ପରିବେଶ ପାଇଁ ବିପଦ ସୃଷ୍ଟି କରିଛି । ଦିନେ ଶୀତଳ ଥିବା କୋରାପୁଟ ଜିଲା ଏବେ ୪୦ ଡିଗ୍ରୀ ତାପମାତ୍ରାରେ ପହଂଚି ଲାଣି । ଆଗାମି ଦିନରେ ଜିଲା ପ୍ରତି ମଧ ବିପଦ ରହିଛି । ପ୍ରତିବର୍ଷ ପାଳିତ ହେଉଥିବା ବିଶ୍ୱ ପରିବେଶ ଦିବସ ନୁହେଁ ବରଂ ପ୍ରତିଟି ଦିନ ଆମେ ପରିବେଶର ସୁରକ୍ଷା ପ୍ରତି ଯତ୍ନବାନ ହେବା ଜରୁରୀ । ଜଳଭାଗ ଓ ସ୍ଥଳଭାଗରେ ବିଭିନ୍ନ ପ୍ରକାର ସଜୀବମାନେ ବାସ କରନ୍ତି । କୀଟ, ପତଙ୍ଗ, ଗଛ, ଗାଇଗୋରୁ ପ୍ରମୁଖ ସ୍ଥଳ ଭାଗରେ ଥିବା ସମୟରେ ମାଛ, ଜଳଜ ଉଦ୍ଭିଦ ପରି କେତେକ ମୁଖ୍ୟତଃ ଜଳ ଭାଗରେ ବସବାସ କରନ୍ତି । ଅବିଭକ୍ତ କୋରାପୁଟ ଜିଲାରେ ସ୍ଥଳ ଭାଗରେ ଥିବା ଜୈବ ସନ୍ତୁଳନ ମୁଖ୍ୟତଃ ଜଙ୍ଗଲ ପୋଡି, ଗାଇଗୋରୁମାନଙ୍କ ଅତ୍ୟଧିକ ଚରାଚର ପ୍ରବୃତି, ଜଙ୍ଗଲ କ୍ଷୟ ପ୍ରଭୃତି ଯୋଗୁ ନଷ୍ଟ ହେବାରେ ଲାଗିଛି । ବନ୍ୟପ୍ରାଣୀମାନେ ନିଜ ବାସସ୍ଥଳୀ ହରାଇବା ସହିତ ବାସହରା ହୋଇଯାଇଛନ୍ତି । ଏହାର ପ୍ରମୁଖ କାରଣ ଭିତରେ ମୁଖ୍ୟତଃ ଲୋକମାନେ ନିଜର ଆବଶ୍ୟକତାକୁ ଚରିତାର୍ଥ କରିବା ନିମନ୍ତେ କଳକାରଖାନା ଓ ଜନବସତି ସ୍ଥାପନ କରୁଛନ୍ତି । ପରିବେଶ ସନ୍ତୁଳନ ଆଜି ନଷ୍ଟ ପ୍ରାୟ । ନା ଅଛି ପଶୁପକ୍ଷୀମାନଙ୍କ ପାଇଁ ବାସସ୍ଥାନ, ନା ଅଛି ଜୈବ ସନ୍ତୁଳନ। ସହରୀକରଣ ଏହାର ପ୍ରମୁଖ କାରଣ । ଜଳଭାଗ ଓ ସ୍ଥଳଭାଗରେ ବିଭିନ୍ନ ପ୍ରକାର ସଜୀବ ବାସ କରନ୍ତି । କୀଟ, ପତଙ୍ଗ, ଗଛ, ଗାଇଗୋରୁ ପ୍ରମୁଖ ସ୍ଥଳ ବା ଭାଗରେ ଥିବା ସମୟରେ ମାଛ, ଜଳଜ ଉଦ୍ଭିଦ ପରି କେତେକ ମୁଖ୍ୟତଃ ଜଳ ଭାଗରେ ବସବାସ କରନ୍ତି । ଏହି ସ୍ଥଳଭାଗରେ ଥିବା ଜୈବ ସନ୍ତୁଳନ ମୁଖ୍ୟତଃ ଜଙ୍ଗଲ ପୋଡି, ଗାଈଗୋରୁମାନଙ୍କ ଅତ୍ୟକ ଚରାଚର ପ୍ରବୃତି, ଜଙ୍ଗଲ କ୍ଷୟ ପ୍ରଭୃତି ଯୋଗୁଁ ନଷ୍ଟ ହେବାରେ ଲାଗିଛି । ପରିବେଶର ଜୈବ ବିବିଧତାକୁ ସଂରକ୍ଷଣ କରିବା ଆମର ପ୍ରଧାନ କର୍ତବ୍ୟ । ଏହା ପୃଥିବୀରେ ଜୀବନ ସହାୟତା ପ୍ରଣାଳୀର ସ୍ଥାୟୀ ଉପଯୋଗ । ପ୍ରକୃତିର ଶୋଭାରେ ପ୍ରଲୁବ୍ଧ ମଣିଷ ଏବେ ସ୍ୱାର୍ଥ ସର୍ବସ୍ୱ ନିଶାରେ ମସଗୁଲ । ଆମ ପରିବେଶ, ଆମ ଜୀବନ । ମଣିଷ ନିଜର ଆଶାକୁ ପୂରଣ କରିବା ପାଇଁ ସବୁକିଛିକୁ ବଳି ଦେବାର ଉଦାହରଣ ସର୍ବତ୍ର ଦେଖିବାକୁ ମିଳେ । କାରଣ ମଣିଷ ଲୋଭର ବଶବର୍ତୀ । ନିଜର ଲାଳସା ଉପରେ ମଣିଷର ଅକ୍ତିଆର ନାହିଁ । ବିଜ୍ଞାନର ବଳରେ ବଳୀୟାନ ଏହି ମାନବ ସମାଜ ଏବେ କ୍ଷଣିକ ସମୟରେ ସୃଷ୍ଟି କରିପାରୁଛି ପ୍ରଦୂଷଣର ବିଷ ମଞ୍ଜି । ଯେଉଁ ପରିବେଶ ଦିନେ ଘଂଚ ଜଙ୍ଗଲ ଶସ୍ୟଶ୍ୟାମଳା ଥିଲା ଆଜି ସେଠାରେ ନିରବତା ସୃଷ୍ଟି ହୋଇଛି । କୃଷି କ୍ଷେତ୍ରରେ ଉତ୍ପାଦ ବୃଦ୍ଧି କରିବା ପାଇଁ ମଣିଷ ବ୍ୟବହାର କରୁଛି ବିଭିନ୍ନ ରାସାୟନିକ ବିଷ । ଏହା ଯୋଗୁଁ ବାୟୁମଣ୍ଡଳ ନଷ୍ଟ ହେବା ସହ ରାସାୟନିକ ସାରର ପ୍ରୟୋଗରେ ମୃତିକାର ଉର୍ବରତା ବି ନଷ୍ଟ ହେଉଛି । ବିଭିନ୍ନ ପୂଜାପର୍ବରେ ଡ଼ାକବାଜି ଯନ୍ତ୍ରର ଚାହିଦା ଯୋଗୁଁ ଅନେକ ଶବ୍ଦ ପ୍ରଦୂଷଣ ବି ହେଉଛି । ସୁତରାଂ ବର୍ତମାନ ସମୟରେ ପରିବେଶରେ ବୃଦ୍ଧି ପାଇଛି ପ୍ରଦୂଷଣର ଚିତ୍ର । ପରିବେଶର ପାରିପାର୍ଶିକ ସ୍ଥିତି ଏ ସଂଜ୍ଞାହୀନ ହେବାକୁ ବସିଲାଣି । ପ୍ରକୃତିକୁ ନେଇ ଇଏ ସମାଜ । ପ୍ରକୃତିର କରାଳ ରୂପକୁ ମାନବ ମୁହୂର୍ତକ ପାଇଁ ମଧ ସହ୍ୟ କରିବା କଷ୍ଟକର ହୋଇପଡ଼େ । ଆଜି ଜୀବନ ଜୀଇଁବାର ପ୍ରତ୍ୟେକଟି ସୋପାନରେ କେବଳ ପ୍ରଦୂଷଣର ବିଷ । ତେଣୁ ଗଛ ଲଗାଇ ପରିବେଶକୁ ସୁରକ୍ଷା ଦେବାକୁ ଆହ୍ୱାନ ଦିଆଯାଇଛି ।

# ବିପୁଳ ପରିମାଣର ମାଓ ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି, ୧୦/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଓ ବିରୋଧୀ ଅପରେସନରେ ସୁରକ୍ଷାବାହିନୀକୁ ପୁଣି ମିଳିଛି ସଫଳତା । ପୋଲିସ ଓ ସୁରକ୍ଷାକର୍ମୀଙ୍କ ମିଳିତ ଅପରେସନରେ ମିଳିଛି ସଫଳତା । ପୋଲିସ ଖବର ଅନୁଯାୟୀ, ଜିଲ୍ଲାର କିଟିମିଟି ଓ କଟୁଆପଦର ଜଙ୍ଗଲ ଅଞ୍ଚଳରେ ବିଏସଏଫ ଏବଂ ଡିଭିଏଫ୍ ଯବାନଙ୍କ ମିଳିତ ତଲାସୀ ଅଭିଯାନ ବେଳେ ଏହି ସଫଳତା ମିଳିଛି। ଅଭିଯାନ ସମୟରେ ପ୍ରାୟ ୩୨ ପ୍ରକାରର ମାଓ ସାମଗ୍ରୀ ଜବତ କରାଯାଇଥିବା ପୋଲିସ କହିଛି। ଜବତ ସାମଗ୍ରୀ ମଧ୍ୟରେ ବନ୍ଧୁକ, ବିସ୍ଫୋରକ ଉପକରଣ, ଦୈନନ୍ଦିନ ବ୍ୟବହାର ସାମଗ୍ରୀ ସହ ଅନ୍ୟାନ୍ୟ ମାଓବାଦୀ ସାମଗ୍ରୀ ରହିଛି। ଏହି ଜବତ ଫଳରେ ମାଓବାଦୀଙ୍କ କାର୍ଯ୍ୟକଳାପକୁ ବଡ଼ ଧକ୍କା ଲାଗିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଅଂଚଳରେ ଏଭଳି କମ୍ବିଂ ଓ ସର୍ଚ୍ଚ ଅପରେସନ୍ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଏସପି ସୂଚନା ଦେଇଛନ୍ତି। ତେବେ ମିଳିତ ତଲାସୀ ଅଭିଯାନ ସମୟରେ ବିପୁଳ ପରିମାଣର ମାଓ ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଜବତ କରିଛି ପୋଲିସ। ଜବତ ସାମଗ୍ରୀ ମଧ୍ୟରେ ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଏବଂ ମାଓବାଦୀଙ୍କ ନିତ୍ୟ ବ୍ୟବହାର୍ଯ୍ୟ ବିଭିନ୍ନ ସାମଗ୍ରୀ ରହିଛି। ମାଲକାନଗିରି ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ବିନୋଦ ପାଟିଲ ଏହି ସୂଚନା ଦେଇଛନ୍ତି।

# ଭତ୍ତା ପ୍ରଦାନରେ ବିଳମ୍ବ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ପ୍ରତିବାଦରେ ବିଶାଳ ବିକ୍ଷୋଭ ଓ ଘେରାଉ

ଜୟପୁର, ୧୦/୦୬ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସମେତ ସାରା ଓଡ଼ିଶାରେ ଗତ ତିନି ମାସ ଧରି ବାର୍ଦ୍ଧକ୍ୟ ଭତା, ଭିନ୍ନକ୍ଷମ ଭତା ଓ ବିଧବା ଭତା ହିତାଧିକାରୀଙ୍କ ଖାତାକୁ ଭତା ରାଶି ପ୍ରଦାନ ନ ହେବା, ପେଟ୍ରୋଲ, ଡିଜେଲ, ଘରୋଇ ରନ୍ଧନ ଗ୍ୟାସ ଏବଂ ନିତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ବିରୋଧରେ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଆବାହନ କ୍ରମେ ଆଜି ବୋରିଗୁମ୍ମା ଠାରେ କଂଗ୍ରେସ କର୍ମୀ ଓ ସାଧାରଣ ଜନତାଙ୍କ ଦ୍ୱାରା ବିଶାଳ ବିକ୍ଷୋଭ, ଶୋଭାଯାତ୍ରା ଓ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ଘେରାଉ କରାଯାଇଛି କ୍ଷ ଦୀର୍ଘ ତିନି ମାସ ଧରି ଭତା ବନ୍ଦ ରହିବା ଫଳରେ ବୃଦ୍ଧ, ଭିନ୍ନକ୍ଷମ ଓ ବିଧବା ହିତାଧିକାରୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ପେଟ୍ରୋଲ, ଡିଜେଲ, ଘରୋଇ ଗ୍ୟାସ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର କ୍ରମାଗତ ଦରବୃଦ୍ଧି ସାଧାରଣ ଜନଜୀବନକୁ ଅତିଷ୍ଠ କରିଦେଇଛି। ଏହା ଗରିବ, ମଧ୍ୟବିତ ଓ ଅସହାୟ ବର୍ଗ ପ୍ରତି ସରକାରଙ୍କ ଉଦାସୀନତାର ଏକ ଜ୍ୱଳନ୍ତ ଉଦାହରଣ ବୋଲି ବିଧାୟକ ସୂଚନା ଦେଇଛନ୍ତି । ଏହି ଅବସରରେ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେଥିରେ ଅବିଳମ୍ବେ ସମସ୍ତ ବକେୟା ଭତା ପ୍ରଦାନ, ଦରଦାମ ବୃଦ୍ଧି ଉପରେ ନିୟନ୍ତ୍ରଣ ଏବଂ ସାଧାରଣ ଜନତାଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ଭତା କୌଣସି ଦୟା କିମ୍ବା ଭିକ ନୁହେଁ, ବରଂ ହିତାଧିକାରୀଙ୍କ ଅଧିକାର। ସରକାର ଯଦି ତୁରନ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ସାରା ଓଡ଼ିଶାରେ ଅଧିକ ବ୍ୟାପକ ଓ ତୀବ୍ର କରାଯିବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି । ଏହି ବିକ୍ଷୋଭ ଶୋଭାଯାତ୍ରାରେ କଂଗ୍ରେସ ନେତା, କର୍ମୀଙ୍କ ସହ ହଜାର ହଜାର ହିତାଧିକାରୀ ଉପସ୍ଥିତ ଥିଲେ କ୍ଷ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବୋରିଗୁମ୍ମା ପୋଲିସ ମୁତୟନ ହୋଇଥିଲେ।

# ଏସଆଇଏଚଏମ୍‌ରେ ନାମ ଲେଖାଇଲେ ୩ ଜଣ ଛାତ୍ରଛାତ୍ରୀ

ବଲାଙ୍ଗିର, ୧୦/୦୬ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ରାଜ୍ୟ ହୋଟେଲ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ (ଏସ ଆଇ ଏଚ ଏମ୍) ଠାରେ ୬ ମାସ ସାର୍ଟିଫିକେଟ କୋର୍ସ ପାଠ ପଢ଼ି ଶିଘ୍ର ନିଯୁକ୍ତି ମିଳିବା ପାଇଁ ପିତୃ ଓ ମାତୃହିନ ଛାତ୍ର ଛାତ୍ରୀ ମାନଙ୍କୁ ସରକାରଙ୍କ ଦ୍ୱାରା ଯଶୋଦା ଯୋଜନା ମାଧ୍ୟମରେ ନାମ ଲେଖାଇବାକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀର ତରଫରୁ ପଦକ୍ଷେପ ଗ୍ରହଣ କରାଯାଇଛି ।ଏହି ଅବସରରେ ଆଜି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ଅବସ୍ଥାପିତ ଥିବା ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତିଙ୍କ ନେତୃତ୍ୱରେ ଲକ୍ଷ୍ମୀଧର ସାହୁ, ସ୍ନେହା ଜେନା ଓ ରୋହନ ସେଲମାଙ୍କର ନାମ ଲେଖାଯାଇଛି। ଏହି ଛାତ୍ର ଛାତ୍ରୀ ମାନଙ୍କୁ ଏସ ଆଇ ଏଚ ଏମ୍ ର ଅଧ୍ୟକ୍ଷ ଡଃ. ଏକନାଥ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ଓ ୬ ମାସ କୋର୍ସ ଶେଷ ହେବା ପୂର୍ବରୁ କ୍ୟାମ୍ପସ ନିଯୁକ୍ତି ନିଶ୍ଚିତ ବୋଲି କହିଛନ୍ତି ।

# ଡିଜେଲ କଟକଣାରେ ଇବ୍ ଭ୍ୟାଲି କୋଇଲା ପରିବହନ ଠପ୍: ଜୀବିକା ସଙ୍କଟରେ ଶତାଧିକ ବିସ୍ଥାପିତ ପରିବାର

ଝାରସୁଗୁଡା, ୧୦/୦୬ (ନି.ପ୍ର): ଇବ୍ ଭ୍ୟାଲି କୋଇଲା ଅଞ୍ଚଳରେ ଡିଜେଲ ଯୋଗାଣ ଉପରେ ପ୍ରଶାସନିକ କଟକଣା ଜାରି ହେବା ପରେ ଲଜକୁରା ଓ ଲଖନପୁର ଖଣି କ୍ଷେତ୍ରରେ କୋଇଲା ପରିବହନ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ଏମ୍ସିଏଲ୍ ଦ୍ୱାରା ବିସ୍ଥାପିତ ଓ ପ୍ରଭାବିତ ପରିବାରଙ୍କୁ ନେଇ ଗଠିତ ପିଏପି (ପ୍ରୋଜେକ୍ଟ ଆଫେକ୍ଟେଡ୍ ପର୍ସନ୍ସ) ସମବାୟ ସମିତିଗୁଡ଼ିକ ଗଭୀର ଆର୍ଥିକ ସଙ୍କଟରେ ପଡ଼ିଥିବା ବେଳେ ଶତାଧିକ ଡ୍ରାଇଭର, ଅପରେଟର ଓ ଶ୍ରମିକଙ୍କ ଜୀବିକା ବିପଦରେ ପଡ଼ିଛି।

ସୂଚନା ଅନୁସାରେ, ପିଏପି ସମିତିଗୁଡ଼ିକ ବଡ଼ ବ୍ୟବସାୟିକ ସଂସ୍ଥାମାନଙ୍କ ଭଳି ସିଧାସଳଖ ତେଲ କମ୍ପାନୀଠାରୁ ବଲ୍କ ପରିମାଣରେ ଡିଜେଲ କ୍ରୟ କରିବାର ସାମର୍ଥ୍ୟ ରଖୁନାହାନ୍ତି। ସେମାନେ ସ୍ଥାନୀୟ ପେଟ୍ରୋଲ ପମ୍ପରୁ ଛୋଟ ଟ୍ୟାଙ୍କର ମାଧ୍ୟମରେ ଡିଜେଲ ଆଣି ଖଣି ଭିତରେ ଚାଲୁଥିବା ଭାରୀ ଯାନଗୁଡ଼ିକରେ ଇନ୍ଧନ ଯୋଗାଉଥିଲେ। କିନ୍ତୁ ସମ୍ପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ଡିଜେଲ ପରିବହନ ଉପରେ କଟକଣା ଲାଗୁ କରାଯାଇଥିବା ସହ ପ୍ରତି ଗାଡ଼ିକୁ ସର୍ବାଧିକ ୧୦୦ ଲିଟର ଡିଜେଲ ଯୋଗାଣ ସୀମିତ କରାଯାଇଛି। ପିଏପି ସମିତିଗୁଡ଼ିକର ଅଭିଯୋଗ ଅନୁଯାୟୀ, ପ୍ରତ୍ୟେକ ସମିତି ପାଖରେ ପ୍ରାୟ ୨୦ଟି ଟିପର ଓ ହାଇୱା ସହ ୨ଟି ପେ-ଲୋଡର ରହିଛି। ଏହି ଯାନଗୁଡ଼ିକର ଦୈନିକ ଡିଜେଲ ଆବଶ୍ୟକତା ୩,୫୦୦ରୁ ୪,୦୦୦ ଲିଟର ହୋଇଥିବା ବେଳେ ୧୦୦ ଲିଟର ଡିଜେଲରେ କାର୍ଯ୍ୟ ଚାଲୁ ରଖିବା ଅସମ୍ଭବ ହୋଇପଡ଼ିଛି। ଏମ୍ସିଏଲ୍ର ସୁରକ୍ଷା ନିୟମ ଯୋଗୁଁ ବାରମ୍ବାର ଗାଡ଼ିକୁ ଖଣି ବାହାରକୁ ଆଣି ତେଲ ଭରିବା ମଧ୍ୟ ସମ୍ଭବ ହେଉନାହିଁ।

ଏହି ସମସ୍ୟାର ସମାଧାନ ଦାବିରେ ଶିବଶକ୍ତି ମଲ୍ଟିପରପୋଜ କୋ-ଅପରେଟିଭ ସୋସାଇଟି ଲିମିଟେଡ୍ର ଅଶୋକ କୁମାର ସିଂହ, ମା ମଙ୍ଗଳା ଟ୍ରାନ୍ସପୋର୍ଟର ବିଜୟ କୁମାର ସିଂହଦେଓ ଓ ଜିତେନ୍ଦ୍ର ପ୍ରଧାନଙ୍କ ସମେତ ପ୍ରତିନିଧିମାନେ ଜିଲ୍ଲାପାଳ ଓ ଉପ-ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ପେଟ୍ରୋଲ ପମ୍ପରୁ ଟ୍ୟାଙ୍କର ମାଧ୍ୟମରେ ଡିଜେଲ ଯୋଗାଣକୁ ଅନୁମତି ଦେବା ସହ ଏକ ସ୍ୱତନ୍ତ୍ର ଏସଓପି ପ୍ରଣୟନ କରିବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ, ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ବର୍ତ୍ତମାନ ସ୍ଥିତିରେ ଏହି ଦାବି ପୂରଣ ସମ୍ଭବ ନୁହେଁ ବୋଲି କୁହାଯାଇଥିବାରୁ ବିସ୍ଥାପିତ ଶ୍ରମିକ ଓ ସମିତି ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଜିଲ୍ଲାପାଳ କୁଣାଲ ମୋତିରାମ ଚୌହ୍ୱାଣ ସମସ୍ୟାର ସମାଧାନ ପାଇଁ ସିଏସଓ ଦୁର୍ଗା ଚରଣ ବେସ୍ରାଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଫଳପ୍ରଦ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପ୍ରଶାସନ ତୁରନ୍ତ ହସ୍ତକ୍ଷେପ ନ କଲେ କୋଇଲା ପରିବହନ ସମ୍ପୂର୍ଣ୍ଣ ବନ୍ଦ ହେବା ସହ ସରକାରୀ ରାଜସ୍ୱ କ୍ଷତିଗ୍ରସ୍ତ ହେବା ଓ ଶ୍ରମିକ ଅଶାନ୍ତି ବଢ଼ିବାର ଆଶଙ୍କା ରହିଛି। ଏହା ସହ ଶତାଧିକ ବିସ୍ଥାପିତ ପରିବାରଙ୍କ ଜୀବିକା ଉପରେ ଗଭୀର ପ୍ରଭାବ ପଡ଼ିବ ବୋଲି ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି।

# ଏସଆଇଆର ପ୍ରକ୍ରିୟା ନେଇ ବ୍ଲକସ୍ତରୀୟ ସମୀକ୍ଷା ଓ ଭୋଟର ସଚେତନତା ଶିବିର

ମାଲକାନଗିରି, ୧୦/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ବ୍ଲକରେ ପ୍ରଶାସନିକ ସମୀକ୍ଷା ବୈଠକ ଏବଂ ସ୍ୱିପ୍ ଆନୁକୂଲ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ୧୪୭ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ମାଥିଲି ବ୍ଲକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ଇଆରଓ ଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ମାଥିଲି ବିଡିଓ ତଥା ଏଇଆରଓ ଏବଂ ସହକାରୀ କଲେକ୍ଟର ନିର୍ବାଚନ ଉପସ୍ଥିତ ରହି କାର୍ଯ୍ୟର ଅଗ୍ରଗତି ଯାଂଚ୍ କରିଥିଲେ। ଅନୁରୂପ ଭାବେ ଚିତ୍ରକୋଣ୍ଡା ବ୍ଲକରେ ମଧ୍ୟ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ବିଏଲଓ ଏବଂ ସୁପରଭାଇଜରମାନଙ୍କୁ ନେଇ ଏକ ବୈଠକ କରାଯାଇ ଏନୁମେରେସନ ଫର୍ମ ବଂଟନ, ସଂଗ୍ରହ ଏବଂ ଏହାର ଡିଜିଟାଇଜେସନ ପ୍ରକ୍ରିୟାର ସମୀକ୍ଷା କରାଯାଇଛି, ଯେଉଁଥିରେ ଚିତ୍ରକୋଣ୍ଡା ବିଡିଓ-ତଥା-ଏଇଆରଓ ଏବଂ ସମସ୍ତ ନିର୍ବାଚନ କର୍ମଚାରୀ ସାମିଲ ଥିଲେ। ଅପରପକ୍ଷେ, ୧୪୬ ମାଲକାନଗିରି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ମାଲକାନଗିରି ବ୍ଲକର ଏସଆଇଆର ୨୬ ପ୍ରକ୍ରିୟାର ଅଗ୍ରଗତି ନେଇ ଉପଜିଲ୍ଲାପାଳ ତଥା ଇଆରଓ ଏକ ସ୍ୱତନ୍ତ୍ର ସମୀକ୍ଷା କରିଛନ୍ତି। ଏହି ବୈଠକରେ ସମସ୍ତ ବିଏଲଓ, ସୁପରଭାଇଜର, କାର୍ଯ୍ୟରେ ପଛୁଆ ଥିବା ବିଏଲଓ ଏବଂ ସଂଶ୍ଳିଷ୍ଟ ଟ୍ୟାଗ୍ଡ ଅଧିକାରୀମାନଙ୍କୁ କାର୍ଯ୍ୟରେ ସୁଧାର ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ଭୋଟରମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଭୋଟର ସଚେତନତା ଫୋରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏସଆଇଆର ପ୍ରକ୍ରିୟା ପରିଚାଳନା, ଅନଲାଇନ ଏନୁମେରେସନ ଫର୍ମ ପୂରଣ ଏବଂ ୨୦୦୨ ଭୋଟର ତାଲିକାରୁ ସହଜରେ ନାମ ଖୋଜିବା ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲାରେ ଏକ ସ୍ୱଚ୍ଛ ଓ ସତେଜ ଭୋଟର ତାଲିକା ପ୍ରସ୍ତୁତ କରିବାରେ ବେଶ ସହାୟକ ହେବ ।

# ନିଳାଗୁଡା ଜଙ୍ଗଲରେ ଅବକାରୀ ଚଢଉ

ଜୟପୁର, ୧୦/୦୬ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଆଜି ଅବକାରି ଚଢଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ପାଇ ଜୟପୁର ଅବକାରି ଥାନା ଚଢଉ କରିଛି । ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୧୩ ଶହ ଲିଟର ପୋଚ ଓ ୪୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି ।

# ବିଜେପି ମଣ୍ଡଳ ସାଙ୍ଗଠନିକ ବୈଠକ

ପଟ୍ଟାମୁଣ୍ଡାଇ, ୧୦/୦୬ (ନି.ପ୍ର): ପଟ୍ଟାମୁଣ୍ଡାଇ ନଗର ବିଜେପି ପକ୍ଷରୁ ସାଙ୍ଗଠନିକ ମଣ୍ଡଳ ବୈଠକ ସାବିତ୍ରୀ ମଣ୍ଡପରେ ଅନୁଷ୍ଠିତ ହୋଇଛି । ନଗର ବିଜେପି ସଭାପତି ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ୩୩ ନମ୍ବର ମଣ୍ଡଳର କାର୍ଯ୍ୟକର୍ତ୍ତା ମାନଂକୁ ନେଇ ଆୟୋଜିତ ବୈଠକରେ ବିଜେପି ସରକାରଙ୍କ କେନ୍ଦ୍ରରେ ୧୨ ବର୍ଷ ପୂର୍ତ୍ତି ଓ ରାଜ୍ୟରେ ୨ ବର୍ଷ ପୂର୍ତ୍ତି ଅବସରରେ ଜନସମ୍ପର୍କ ଅଭିଯାନ, ଏକ ପେଡ ମା କେ ନାମ, ସୁଭଦ୍ରା ଶକ୍ତି ମେଳା ଓ ଶକ୍ତି କେନ୍ଦ୍ରର ଦୃଢ଼ିକରଣ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ମୋ ବୁଥ ସବୁଠୁ ମଜଭୁତ କାର୍ଯ୍ୟକ୍ରମ ରେ ନୂତନ ସଦସ୍ୟଙ୍କୁ ଯୋଡିବା, ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରାଇବା ଏବଂ ପଟ୍ଟାମୁଣ୍ଡାଇର ପ୍ରତ୍ୟେକ ବୁଥରେ କିପରି ମନ କି ବାତର ସଫଳ ରୂପାୟନ ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ପଟ୍ଟାମୁଣ୍ଡାଇ ନଗର ପ୍ରଭାରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲ୍ଲା ଉପସଭାପତି ଭାରତ ଭୂଷଣ ଦାସ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରବୀନ୍ଦ୍ର ବିଶ୍ୱାଳ, ମିଟୁ ମନୋଜ ନାୟକ, ପଟ୍ଟାମୁଣ୍ଡାଇ ନଗର ଉପସଭାପତି ମନୋଜ ସ୍ୱାଇଁ, ଦେବାଶିଷ ମଳିକ, ଦୀପକ ମଳିକ,ଉତ୍ତମ ମଳିକ, ରାଜେଶ ବାରିକ, ଅଜୟ ଦାସ, ନଗର ସାଧାରଣ ସମ୍ପାଦକ ପିତାମ୍ବର କର, ଗୋଲେଖ ମଳିକ, ସମ୍ପାଦକ ବସନ୍ତ ସାହୁ, ଅଶୋକ ସେଠି, ଭାଗ୍ୟଧର ସାହୁ, ସମ୍ପାଦିକା ସବିତା ନାୟକ, ମମତା ସେଠି, ତୁଳସୀ ବିଶ୍ୱାଳ, କୋଷଧକ୍ଷ ସଞ୍ଜୟ କୁମାର ପାତ୍ର, ମୋର୍ଚା ସଭାପତି ଶର୍ମିଷ୍ଠା ପାତ୍ର, ମନ୍ମଥ ରାଉତ , ବିଘ୍ନେଶ ମଳିକ, ସେ.କେ. ମକସୁଦ ଅଲ୍ଲୀ ଏବଂ ବରିଷ୍ଠ କାର୍ଯ୍ୟକର୍ତା ଉପସ୍ଥିତ ରହି ପ୍ରଶିକ୍ଷଣରେ ଭାଗ ନେଇଥିଲେ ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ପୌରପରିଷଦ କାର୍ଯ୍ୟାଳୟ ଘେରାଉ

ମାଲକାନଗିରି, ୧୦/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ସମେତ ସାରା ଓଡ଼ିଶାରେ ଗତ ତିନି ମାସ ଧରି ବାର୍ଦ୍ଧକ୍ୟ ଭତା, ଭିନ୍ନକ୍ଷମ ଭତା ଓ ବିଧବା ଭତା ହିତାଧିକାରୀଙ୍କ ଖାତାକୁ ଭତା ରାଶି ପ୍ରଦାନ ନ ହେବା, ବିରୋଧରେ ଆଜି କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ! ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତି ଜି ଶ୍ରୀନିବାସ ରାଓ ଙ୍କ ନେତୃତ୍ୱରେ ଆଜି ମାଲକାନଗିରି ଠାରେ କଂଗ୍ରେସ କର୍ମୀ ଓ ସାଧାରଣ ଜନତାଙ୍କ ଦ୍ୱାରା ବିଶାଳ ବିକ୍ଷୋଭ, ଶୋଭାଯାତ୍ରାରେ ପୌରପରିଷଦ କାର୍ଯ୍ୟାଳୟ ଘେରାଉ କରିଥିଲେ । ଦୀର୍ଘ ତିନି ମାସ ଧରି ଭତା ବନ୍ଦ ରହିବା ଫଳରେ ବୃଦ୍ଧ, ଭିନ୍ନକ୍ଷମ ଓ ବିଧବା ହିତାଧିକାରୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ଗରିବ, ମଧ୍ୟବିତ ଓ ଅସହାୟ ବର୍ଗ ପ୍ରତି ସରକାରଙ୍କ ଉଦାସୀନତାର ଏକ ଜ୍ୱଳନ୍ତ ଉଦାହରଣ ବୋଲି ଶ୍ରୀ ରାଓ ସୂଚନା ଦେଇଛନ୍ତି । ଏହି ଅବସରରେ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏକ ସପ୍ତାହ ମଧ୍ୟରେ ସମସ୍ତ ବକେୟା ଭତା ପ୍ରଦାନ, ଏବଂ ସାଧାରଣ ଜନତାଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ଭତା କୌଣସି ଦୟା କିମ୍ବା ଭିକ ନୁହେଁ, ବରଂ ହିତାଧିକାରୀଙ୍କ ଅଧିକାର। ସରକାର ଯଦି ତୁରନ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ସାରା ଓଡ଼ିଶାରେ ଅଧିକ ବ୍ୟାପକ ଓ ତୀବ୍ର କରାଯିବ ।

ଏହି ବିକ୍ଷୋଭ ଶୋଭାଯାତ୍ରାରେ କଂଗ୍ରେସ ନେତ ସରୋଜ ପାତ୍ର, ପଦ୍ମ ପାଙ୍ଗି କେଶୁ ରାଓ , ପ୍ରାଣକୃଷ୍ଣ ମଣ୍ଡଳ, ପର୍ଶୁରାମ ଭକ୍ତ ଓ କଂଗ୍ରେସ କର୍ମୀଙ୍କ ସହ ଶତାଧିକ ହିତାଧିକାରୀ ଉପସ୍ଥିତ ଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲେ ।

# ମନରେଗା ଦୁର୍ନୀତିର ଖୋଳତାଡ଼: ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ

ମାଲକାନଗିରି, ୧୦/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ଭେଙ୍କଟପଲମ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ହୋଇଥିବା ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ଖୋଳତାଡ଼ ଆରମ୍ଭ ହୋଇଛି । ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଏକ ଉଚ୍ଚସ୍ତରୀୟ ଟିମ୍ ଗଠନ କରାଯାଇ ଘଟଣାର ଆଧିକାରିକ ତଦନ୍ତ ଆରମ୍ଭ ହୋଇଛି । ସୂଚନା ଯୋଗ୍ୟ ଯେ, ସ୍ଥାନୀୟ ଅଞ୍ଚଳର ଶ୍ରମିକମାନେ କାମ ନକରି ମଧ୍ୟ ସେମାନଙ୍କ ନାମରେ ମିଥ୍ୟା ମାଷ୍ଟର ରୋଲ୍ ପ୍ରସ୍ତୁତ କରାଯିବା, କାଗଜପତ୍ରରେ ପ୍ରକଳ୍ପ ଦେଖାଇ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଆତ୍ମସାତ କରାଯାଇଥିବା, ମେସିନ୍ ବ୍ୟବହାର ଏବଂ ଶ୍ରମିକଙ୍କ ବଦଳରେ ଅଣ-ଶ୍ରମିକଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିବା ସ୍ଥାନୀୟ ଲୋକେ ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ । ସ୍ଥାନୀୟ ଅଭିଯୋଗକାରୀଙ୍କ ଲିଖିତ ଆପତ୍ତି ପରେ ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏହାକୁ ଗମ୍ଭୀରତାର ସହ ନେଇ ଏକ ଉଚ୍ଚସ୍ତରୀୟ ଟିମ୍ ଗଠନ କରିବା ସହ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ନୀତିରେ ସଂପୃକ୍ତ ଥିବା କୌଣସି ବି ଅଧିକାରୀ ବା ଦଲାଲଙ୍କୁ ଛଡ଼ାଯିବ ନାହିଁ, ସେମାନଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । କ୍ଷେତ୍ର ପରିଦର୍ଶନ ଓ ତଦନ୍ତକାରୀ ଦଳ ସଂପୃକ୍ତ ପଞ୍ଚାୟତରେ ପହଞ୍ଚି ନିର୍ମାଣଧୀନ ପ୍ରକଳ୍ପର ସ୍ଥିତି ଯାଞ୍ଚ କରିଛନ୍ତି । ଏହା ସହିତ ସ୍ଥାନୀୟ ଜୀବିକା ସହାୟକ ଏବଂ ସରପଞ୍ଚଙ୍କୁ ମଧ୍ୟ ପଚରାଉଚରା କରାଯାଉଥିବା ଜଣାପଡ଼ିଛି । ବ୍ୟାଙ୍କ ଆକାଉଣ୍ଟ କାରବାର ଏବଂ ଜବ୍ କାର୍ଡଧାରୀଙ୍କ ବୟାନକୁ ଆଧାର କରି ଖୁବ୍ ଶୀଘ୍ର ଏକ ବିସ୍ତୃତ ରିପୋର୍ଟ ପ୍ରଶାସନକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି । ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ସାଧାରଣ ଲୋକେ ସ୍ୱଚ୍ଛ ତଦନ୍ତ ଦାବି କରିଛନ୍ତି ।

# ସୁରଜମଲ୍ଲ ଶାହା ମହାବିଦ୍ୟାଳୟରେ ଗ୍ରୀଷ୍ମକାଳୀନ ସେବା ପ୍ରଶିକ୍ଷଣ ଶିବିର

ପୁରୀ, ୧୦/୦୬ (ନି.ପ୍ର): ସାମାଜିକ ଅନୁଷ୍ଠାନ ସଂପର୍କ ପକ୍ଷରୁ ସୁରଜମଲ୍ଲ ଶାହା ମହାବିଦ୍ୟାଳୟ, ପୁରୀ ଠାରେ ଚାରି ଦିନିଆ ଗ୍ରୀଷ୍ମକାଳୀନ ସେବା ପ୍ରଶିକ୍ଷଣ ଶିବିର-୨୦୨୬ ଆରମ୍ଭ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱବୋଧ, ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସଚେତନତା ଏବଂ ସେବା ମନୋଭାବ ବିକାଶ ଉଦ୍ଦେଶ୍ୟରେ ଏହି ଶିବିରର ଆୟୋଜନ କରାଯାଇଛି । କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ୀଙ୍କୁ ସମାଜ ପ୍ରତି ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବା ସହ ବିପର୍ଯ୍ୟୟ ସମୟରେ ସ୍ୱେଚ୍ଛାସେବୀ ଭାବେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଖାଦ୍ୟ ଓ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ଏବଂ ପୁରୀ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଓଡ଼ିଶା ରାଜ୍ୟ ବିପର୍ଜୟ ପରିଚାଳନା କର୍ତୃପକ୍ଷ ସୁକାନ୍ତ ଦାଶ, ଓସଡମା ର ପ୍ରଶିକ୍ଷକ ତନ୍ମୟ ଚାଟାର୍ଜୀ ଯୋଗଦେଇ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ସାମାଜିକ ସଚେତନତା ଓ ନାଗରିକ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ସୁଜାତା ବେହେରା ଅଧ୍ୟକ୍ଷତା କରି ସମସ୍ତ ଅତିଥି ଓ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାଗତ ଜଣାଇଥିଲେ। ସଂପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ମଂଚ ପରିଚାଳନା କରିଥିଲେ। ଅଧ୍ୟାପକ ନଳିନୀକାନ୍ତ ପଟ୍ଟନାୟକ, ଅଜିତ୍ କୁମାର ଦଳାଇ, ତାପସ ସାର, ରିତେଶ ମହାନ୍ତି ଉପସ୍ଥିତ ରହିଥିଲେ। ଏହି ଅବସରରେ ଶୁଭ୍ର ସ୍ୱରୂପ ମହାପାତ୍ର ଏବଂ ଶୁଭ ପ୍ରସାଦ ଶର୍ମା, ସ୍ପନ୍ଦନ ଅଭିଜିତ୍ ପ୍ରିୟଦର୍ଶୀ, ଶୁଭମ୍ ଦାସ, ରାଜେଶ୍, ଶୁଭସ୍ମିତା, ମୃତ୍ୟୁଞ୍ଜୟ, ଅଙ୍କୁଶ, ଅରୁଣ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଗ୍ରୀଷ୍ମକାଳୀନ ସେବା ପ୍ରଶିକ୍ଷଣ ଦୀର୍ଘ ୩୫ ଦିନ ଶିବିରରେ ବିପର୍ଯ୍ୟୟ ପରିଚାଳନା, ପ୍ରାଥମିକ ଚିକିତ୍ସା, ମକ୍ ଡ୍ରିଲ୍, ଉଦ୍ଧାର ଓ ରିଲିଫ୍ ପ୍ରସ୍ତୁତି ସହ ବିଭିନ୍ନ ସାମାଜିକ ସଚେତନତାମୂଳକ ବିଷୟ ଉପରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷା ଓ ସଂପର୍କର ସମ୍ପାଦକ ସୂଚନା ଦେଇଥିଲେ ।ସଚେତନ ଛାତ୍ର ସୁରକ୍ଷିତ ସମାଜ ବାର୍ତାକୁ ନେଇ ଆୟୋଜିତ ଏହି ଶିବିରରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

## ଧାରାବାହିକ:

ଭାଗ-୪୫

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



### ୯୨ ଅଧ୍ୟାୟ, ଭଗବାନ ଶ୍ରୀକୃଷ୍ଣଙ୍କର ଦାମ୍ପତ୍ୟ ଲୀଳା ବର୍ଣ୍ଣନା

ଶ୍ରୀଶୁକଦେବ କହିଲେ, ହେ ରାଜା, ମର୍ତ୍ତ୍ୟ ବୈକୁଣ୍ଠପୁରୀ ଭଗବାନଙ୍କ ନିବାସ ସ୍ଥଳୀ ଦ୍ୱାରକାର ଶୋଭା ଅତୀବ ରମଣୀୟ । ପ୍ରଶସ୍ତ ରାଜପଥରେ ଚତୁରଙ୍ଗ ସୈନ୍ୟସାମନ୍ତବୃନ୍ଦ, ପଥପାର୍ଶ୍ୱରେ ନାନା ଫଳପୁଷ୍ପପୂର୍ଣ୍ଣ ବୃକ୍ଷଲତାବଳୀ, ତାର ଉପରେ ମୟୂର, କୋକିଳାଦି ପକ୍ଷୀଙ୍କର କୁଜନ, ଉଦ୍ୟାନ ପରିବେଷ୍ଟିତ ଅଟ୍ଟାଳିକା ଏବଂ ତନ୍ମଧ୍ୟରେ ଭଗବାନଙ୍କ ଷୋଳସହସ୍ର ଏକଶତଆଠ ପାଟରାଣୀ ଭଗବାନଙ୍କ ରୂପମାଧୁରୀ ପାନ କରିବା ସହ ଭଗବାନଙ୍କ ଗୁଣ କୀର୍ତ୍ତନ କରି ନିଜ ଭାଗ୍ୟକୁ ପ୍ରଶଂସା କରୁଥାନ୍ତି । ମହା ଯୋଗେଶ୍ୱର ଭଗବାନ ମାୟାବଳରେ ପ୍ରତ୍ୟହ ପ୍ରତ୍ୟେକ ରାଣୀଙ୍କ ସହ ବାସ ପୂର୍ବକ ଆନନ୍ଦରେ ସେମାନଙ୍କ ସହ କ୍ରୀଡା କରୁଥାନ୍ତି । ସେମାନଙ୍କର କ୍ରୀଡା ସଂଦର୍ଶନ କରି ପୁରନାରୀମାନେ ଉଲ୍ଲସିତ ହେଉଥିବା ବେଳେ ଗନ୍ଧର୍ବ ଓ କିନ୍ନର ମାନେ ନୃତ୍ୟ ଏବଂ ବାଦ୍ୟ ବାଦନ କରି ଉପଭୋଗ କରୁଥାନ୍ତି । ଭଗବାନ ପିଚକାରୀ ମାଧ୍ୟମରେ ପରସ୍ପରକୁ ଜଳସିକ୍ତ କରୁଥାନ୍ତି । ଏହି କ୍ରୀଡା ସମୟରେ ସମୟେ ସମୟେ ରାଣୀମାନଙ୍କର ବିଭୋର ଭାବ ଯଗୁଁ ସ୍ମରଣଶକ୍ତି ଓ ଚିତ୍ତବୃତ୍ତି ସ୍ଥିର ହୋଇଯାଏ । ସେମାନେ ଭଗବାନଙ୍କ ଚିନ୍ତନରେ ଏପରି ମଗ୍ନ ହୋଇଯାଆନ୍ତି ଯେ ତାଙ୍କରି ଉପସ୍ଥିତିରେ ମଧ ତାଙ୍କୁ କ୍ଷଣେ ନଦେଖି ପ୍ରେମୋନ୍ମାଦନା ବଶତଃ ସ୍ୱାମୀ ବିରହ ବେଦନା ଅନୁଭବ କରି ପରସ୍ପରକୁ ଅସଂଲଗ୍ନ ବାକ୍ୟ ବିନିମୟ କରନ୍ତି । କେହି ଜଣେ ଅପରକୁ କହନ୍ତି, ସଖୀ ରାତ୍ରି ବହୁତ ହେଲାଣି, ଚତୁର୍ଦ୍ଦିଗ ନୀରବ, ନିଶ୍ଚଳ, ଆମର ସ୍ୱାମୀ ଭଗବାନ ଶ୍ରୀକୃଷ୍ଣ ବୋଧ ହୁଏ ଶୋଇ ପଡିଲେଣି, ତୋର ଆଖିକୁ କଣ ନିଦ ଆସୁନାହିଁ? ଏତେ ରାତିରେ ଜାଗ୍ରତ ରହି ତୁ ରୋଦନ କରୁଛୁ କାହିଁକି? ପ୍ରଭୁଙ୍କର ମଧୁର ହାସ, ସମ୍ଭୋଗର ଆହ୍ୱାନ ପୂର୍ବକ ମଧୁର କଟାକ୍ଷ ମୋ ପରି ତୋର ହୃଦୟରେ ମଧ ବିଦ୍ଧ ହେଉଛି କି? ଅନ୍ୟ କେହି କହେ ଆରେ ତୁ ଚକ୍ଷୁ ବନ୍ଦ କରିଛୁ କାହିଁକି? ତୋର ପତି ଦେବ ବିଦେଶ ଯାଇଛନ୍ତି କି? ସେଥିଲାଗୁ ଦୁଃଖରେ ତୁ କାନ୍ଦୁଛୁ । ଆମପରି ତୋର ମଧ ଭଗବାନ ଦାସୀ ହେବାକୁ ମନ କି? ତାଙ୍କର ଶ୍ରୀଚରଣ ତୁଳସୀକୁ ଗଭାରେ ଧାରଣ କରିବାକୁଆମ ପରି ତୁ ମଧ ଲାଳସୀ କି? ଆଉ କେହି ବୃକ୍ଷଡାଳ ସ୍ଥିତ ପକ୍ଷୀକୁ ସମ୍ବୋଧନ କରି କୁହେ, ଆରେ ବିହଙ୍ଗ ନୀଡରୁ ଉଡିଆସି ଏହି କ୍ଷୀରପାନ କର ଓ କୃଷ୍ଣ କଥା କହି ମୋର ଶ୍ରୁତିପଥରେ ଅମୃତ ଢାଳିଦିଅ । ମୁଁ ତୋଠାରେ ସାରା ଜୀବନ କୃତଜ୍ଞ ରହିବି । କେହି ସମୁଦ୍ରକୁ ସମ୍ବୋଧନ କରି କହେ, ହେ ସମୁଦ୍ର ତୁ ନିରନ୍ତର ଗର୍ଜି ମରୁଛୁ କାହିଁକି? ରାତିରେ କଣ ତୋତେ ନିଦ ଲାଗୁନାହିଁ? ଜଣା ଯାଉଛି ତୋତେ ଅନିଦ୍ରା ରୋଗ ଧରିଲାଣି । ନା ନା ଏଥର ବୁଝିଗଲି ଆମର ପ୍ରିୟ ଶ୍ୟାମସୁନ୍ଦର ତୋଠାରୁ ମଧ ସମସ୍ତ ଧୈର୍ଯ୍ୟ, ଗାମ୍ଭୀର୍ଯ୍ୟ ଗୁଣକୁ ଛଡାଇ ନେଇଯାଇଛନ୍ତି । ସେଥିଲାଗି ତୋତେ ଅନିଦ୍ରା ରୋଗ ଗ୍ରାସ କରିଛି । ଯାହାର କି କୌଣସି ଔଷଧ ନାହିଁ । ଆକାଶରେ ଚନ୍ଦ୍ରମାକୁ ଚାହିଁଦେଇ କହେ, ହେ ଚନ୍ଦ୍ରଦେବ, ତୁମେ ଏପରି ଖଣ୍ଡିତ, ବିଷଣ୍ଣ, ମଳିନ ଦେଖାଯାଉଛ କାହିଁକି? ଚତୁର୍ଦ୍ଦିଗର ଅନ୍ଧକାରକୁ ଦୂର କରିବାକୁ ଅସମର୍ଥ କାହିଁକି? ତୁମକୁ କଣ ଯକ୍ଷ୍ମା ହୋଇଗଲା କି? ନା ନା ବୁଝିଲି, ତୁମର ପରିପୂର୍ଣ୍ଣ ସ୍ୱରୂପ ସଦୃଶ ଅତ୍ୟନ୍ତ ସୁନ୍ଦର ଦେଖା ଯାଉଥିବା ଭଗବାନ ଶ୍ରୀକୃଷ୍ଣଙ୍କ ଶ୍ରୀମୁଖର ଅସ୍ଥାୟୀ ଅଦର୍ଶନ ଦୁଃଖ ଆମରି ପରି ତୁମକୁ ମଧ ଖୁବ ବାଧୁଛି । ତେଣୁ ତୁମେ ମଉନ ରହୁଛ । ଆଉ କେହି କହିଲା ହେ ମଳୟାନୀଳ, ଆରେ ଆମେ ତୁମର କଣ କ୍ଷତି କଲୁ ଯେ, ତୁମେ ତୁମର ମଧୁର ଶୀତଳ ସ୍ପର୍ଶ ଦ୍ୱାରା ଆମ ହୃଦୟରେ ସର୍ବଦା କୃଷ୍ଣ ମିଳନ କାମନା ଜାଗ୍ରତ କରି ରଖୁଛ । ତୁମେ କଣ ଜାଣନା, କେବଳ ପ୍ରଭୁଙ୍କର ମଧୁର କଟାକ୍ଷ ହିଁ ସେହି କାର୍ଯ୍ୟକୁ ଉତ୍ତମ ଭାବେ ସମ୍ପାଦନ କରିପାରୁଛି । ତୁମ ସହାୟତା ର ଆଦୌ ଆବଶ୍ୟକତା ନାହିଁ । ଅନ୍ୟ କେହି ମେଘକୁ ଚାହିଁ କହେ, ହେ ନୀଳ ଜଳଦ! ତୁମ ଶରୀର ସୌନ୍ଦର୍ଯ୍ୟ ଆମ ପ୍ରାଣ ପ୍ରିୟ ପ୍ରଭୁଙ୍କ ଭଳି । ତାହା ଦେଖିବାକୁ ଅତ୍ୟନ୍ତ ରମଣୀୟ । ତୁମେ ତୁମ ମିତ୍ରଙ୍କର ଅଦର୍ଶନରେ ଆମ ପରି ଦୁଃଖିତ ହୋଇ ଅଶ୍ରୁ ତ୍ୟାଗ କରୁଛ କି? ହେ କୋକିଳ! ଆମର ପ୍ରାଣ ପ୍ରିୟ ପ୍ରଭୁଙ୍କ ସ୍ୱର ପରି ତୋର ସ୍ୱର ଖୁବ ମିଠା । ତୁ ଆମର ପ୍ରିୟ ହେଲେ ମଧ ଆମେ ତୋ ସହ ସମ ଦୁଃଖୀ । ଏବେ ଆମେ ତୋ ପାଇଁ କଣ ବା କରିପାରିବୁ? ହେ ପର୍ବତ! ଆମ ଉରଜ ସଦୃଶ ତୁମର ସୁନ୍ଦର ଆକାର ହେତୁ ତୁମେ ମଧ ଆମ ପରି ପ୍ରଭୁ ଶ୍ରୀକୃଷ୍ଣଙ୍କର ଶ୍ରୀଚରଣ ଯୁଗଳକୁ ବକ୍ଷରେ ସ୍ଥାପନ କରିନପାରି ଦୁଃଖରେ ନୀରବ, ନିଶ୍ଚଳ ହୋଇ ଯାଇଛ କି? ହେ ସ୍ରୋତସ୍ୱତୀ, ଏହି ଗ୍ରୀଷ୍ମକାଳରେ ତୁମେ ଶୀର୍ଣ୍ଣକାୟ ହୋଇଛ କଣ ଆମ ପରି ପ୍ରଭୁ ଶ୍ରୀକୃଷ୍ଣଙ୍କ ବିରହ ବାଧା ତୁମକୁ ମଧ ବାଧୁଛି କି? ଶ୍ୟାମଘନ ରୂପୀ ଶ୍ରୀକୃଷ୍ଣଙ୍କ ଆଗମନକୁ ତୁମେ ମଧ ଆକୁଳ ନୟନରେ ଚାହିଁ ରହିଛ କି? ହେ ସରସୀ ବିହାରୀ ହଂସ! ଆସ ଆସ ଆମେ ତୁମକୁ ସ୍ୱାଗତ କରୁଛୁ, ଏହି ପାତ୍ର ସ୍ଥିତ ଦୁଗ୍ଧ ପାନକରି ପ୍ରଭୁଙ୍କ ବିଷୟରେ କିଛି ହେଲେ ଆମକୁ ଶୁଣାଅ । ଆମେ ତୁମକୁ ତାଙ୍କର ଦୂତ ମନେ କରୁଛୁ । ପ୍ରଭୁ ଏବେ କେଉଁଠି ? ସେ ଆଉ କେତେବେଳେ ଆସିବେ? ତାଙ୍କର ସବୁ କୁଶଳ ତ? ଆରେ ଭାଇ ତାଙ୍କର ମିତ୍ରତା, ବନ୍ଧୁତା ତ ବଡ ଅସ୍ଥିର , ସେହିପରି ଅସ୍ଥିର ମଧ ତାଙ୍କ ପ୍ରକୃତି । ଆମକୁ କହୁଥିଲେ, ତୁମେମାନେ ମୋର ପରମ ପ୍ରିୟତମା, ଏ କଥା ତାଙ୍କର ମନେ ଅଛି ଟି? ସେ ଯଦି ଆମକୁ ଭୁଲି ଯାଇଥିବେ, ତେବେ ଏବେ ଆମର କେଉଁ ଗରଜ ପଡିଛି ଯେ, ଆମେ ତାଙ୍କୁ ମନେ ରଖିବୁ? ଆମେ ମଧ ତାଙ୍କୁ ଭୁଲିଯିବୁ । ତାଙ୍କ ପାଖକୁ ଆଉ କେବେ ଯିବୁନାହିଁ । ଯଦି ସେ ଆମ ପାଖକୁ ଆସିବାକୁ ଚାହାଁନ୍ତି, ତେବେ ତୁ ଯା ତାଙ୍କୁ ଏଠାକୁ ଡାକି ଆଣିବୁ । ସେ ନିଶ୍ଚୟ ଲକ୍ଷ୍ମୀ ମନ୍ଦିରରେ ଥିବେ । ତୋର ତ ପକ୍ଷୀ ଅଛି, ଖୁବ ସହଜରେ ଉଡି ଯାଇପାରିବୁ । ଯା, ଆମର ଏତିକି ଉପକାର କର । ଆଜୀବନ ତୋଠାରେ ଋଣି ରହିବୁ । ହେ ରାଜା! ଭଗବାନ ଶ୍ରୀକୃଷ୍ଣଙ୍କ ରାଣୀମାନେ ତାଙ୍କୁ ଏପରି ପ୍ରେମ କରୁଥିଲେ ଯେ, ତାଙ୍କର କ୍ଷଣିକ ଅଦର୍ଶନ ସେମାନଙ୍କୁ ଯୁଗପରି ପ୍ରତୀତ ହେଉଥିଲା । ସେମାନେ ଉନ୍ମାଦିନୀ, ବାୟାଣୀ ବାତୁଳୀ ପରି ବ୍ୟବହାର ପ୍ରଦର୍ଶନ କରୁଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କର ବିରହ ବେଦନା ତାଙ୍କର ଲୀଳା ପ୍ରଖ୍ୟାପକ ଗୀତ, ଭଜନ, କୀର୍ତ୍ତନ, ଅମୃତଠାରୁ ଏତେ ମଧୁର ଚିତ୍ତ ଉଲ୍ଲାସକ ଯେ, ଅତି ପାଷାଣ୍ଡର ପାଷାଣ ହୃଦୟକୁ ମଧ ତାହା ପ୍ରେମଭକ୍ତି ଭାବରେ ବିହ୍ୱଳିତ ଓ ବିଗଳିତ କରେ । ଆଉ ଯେଉଁ ସୌଭାଗ୍ୟବତୀ ନାରୀମାନେ ତାଙ୍କୁ ପ୍ରିୟପତି ରୂପେ ପ୍ରାପ୍ତ ହୋଇ ସର୍ବଦା ତାଙ୍କର ଦର୍ଶନ, ସାନିଧ ସୁଖଲାଭ କରିପାରୁଥିଲେ ତାଙ୍କର ସୌଭାଗ୍ୟ କଥା ବା କଣ କହିବା? ଭଗବାନ ଶ୍ରୀକୃଷ୍ଣ ସତପୁରୁଷମାନଙ୍କର ପରମ ଆଦର୍ଶ ସ୍ଥାନୀୟ ଥିଲେ । ସେ ବେଦବର୍ଣ୍ଣିତ ମାର୍ଗରେ ଗୃହସ୍ଥାଶ୍ରମ ପାଳନ କରି ଜଗତକୁ ଦର୍ଶାଇଥିଲେ ଯେ, ଗୃହ ହେଉଛି ଧର୍ମ, ଅର୍ଥ, କାମ ସାଧନର ପ୍ରକୃଷ୍ଟ କ୍ଷେତ୍ର ଓ ଏହି ତ୍ରିସାଧନାର ସିଦ୍ଧି ହେଉଛି ଚତୁର୍ଥ ବର୍ଗ ମୋକ୍ଷ । ଏହା ପଞ୍ଚମ ବର୍ଗ ବୋଲି କୁହା ଯାଉଥିବା ଭଗବତ ପ୍ରେମ ଭକ୍ତିର ବାଧକ ବା ପରିପନ୍ଥୀ ନୁହେଁ । ବେଦ ବିଧାନ ମାର୍ଗରେ ସଂଯତ ଓ ଶୃଙ୍ଖଳିତ ଗୃହସ୍ଥାଶ୍ରମ ପାଳନ ମଧ୍ୟରେ ପ୍ରେମ ଭକ୍ତିର ସାଧନା ବରଂ ସହଜ ଓ ସୁଗମ ହୋଇଥାଏ । ଭଗବାନ ଶ୍ରୀକୃଷ୍ଣ ନିଜେ ଜଣେ ଆଦର୍ଶ ଗୃହସ୍ଥ ରୂପେ ସେହି ଆଦର୍ଶକୁ ସଂସାରରେ ପ୍ରତିଷ୍ଠା କରିଛନ୍ତି । ପ୍ରଭୁଙ୍କର ଷୋଳସହସ୍ର ଏକଶତଅଷ୍ଟ ପତ୍ନୀ ମଧ୍ୟରେ ରୁକ୍ମିଣୀ, ସତ୍ୟଭାମାଦି ଅଷ୍ଟପାଟବଂଶୀ, ଲକ୍ଷ୍ମୀଙ୍କର ଅଂଶ ନେଇ ଜାତ ହୋଇଥିଲେ । ପ୍ରତ୍ୟେକ ପତ୍ନୀଙ୍କ ଗର୍ଭରୁ ଦଶଜଣ ଲେଖାଏଁ ପୁତ୍ର ଜାତ ହୋଇଥିଲେ । ପ୍ରଦ୍ୟୁମ୍ନ, ଅନିରୁଦ୍ଧ, ଦୀପ୍ତିମାନ, ଭାନୁ, ଶାମ୍ବ, ମଧୁ, ବୃହଦଭାନୁ, ଚିତ୍ରଭାନୁ, ବୃକ, ଅରୁଣ, ପୁଷ୍କର, ବେଦବାହୁ, ଶ୍ରୁତଦେବ, ସୁନନ୍ଦନ, ଚିତ୍ରବାହୁ ଆଦି ନାମରେ ନାମିତ ଏହି ପୁତ୍ରମାନେ ପ୍ରତ୍ୟେକ ମହାବୀର, ସର୍ବ ସଦଗୁଣ ସମ୍ପନ୍ନ ଓ ନିଜ ପିତୃଦେବଙ୍କ ପରି ଦେଖିବାକୁ ଅତ୍ୟନ୍ତ ସୁନ୍ଦର ଥିଲେ । ଏମାନଙ୍କ ମଧ୍ୟରେ ରୁକ୍ମିଣୀ ଦେବୀଙ୍କ ପୁତ୍ର ପୂର୍ବ ଜନ୍ମର କାମଦେବ ପ୍ରଦ୍ୟୁମ୍ନ ସର୍ବଶ୍ରେଷ୍ଠ ଥିଲେ ଓ ରୂପଗୁଣରେ ପିତାଙ୍କର ଅନୁରୂପ ଥିଲେ । ସେ ନିଜର ମାତୁଳ ରୁକ୍ମଙ୍କର କନ୍ୟାକୁ ବିବାହ କରିଥିଲେ । ତାଙ୍କର ପୁତ୍ରନାମ ଦଶ ସହସ୍ର ହସ୍ତୀର ଶକ୍ତିଧାରୀ ମହାବଳବାନ ଅନିରୁଦ୍ଧ । ତାଙ୍କର ପୁତ୍ର ବଜ୍ର ,ତଦୀୟ ପୁତ୍ର ପ୍ରତିବାହୁ ଏବଂ ତାଙ୍କ ପୁତ୍ର ସୁବାହୁ । ଏହିପରି ଅସଂଖ୍ୟ ଯଦୁବଂଶୀମାନଙ୍କର ଗଣନା ଅସମ୍ଭବ । ଏମାନଙ୍କ ପାଇଁ ଅସଂଖ୍ୟ ବେଦଜ୍ଞ ପଣ୍ଡିତଙ୍କୁ ଗୁରୁ ରୂପେ ନିଯୁକ୍ତ କରାଯାଇଥିଲା । ଭାରା ନିବାରଣ ରୂପୀ ମହତ କର୍ମରେ ଭଗବାନଙ୍କ ସହାୟତା ନିମିତ୍ତ ତାଙ୍କରି ଇଚ୍ଛାରେ ଏହି ବିରାଟ ବଂଶର ସୃଷ୍ଟି ହୋଇଥିଲା, ତେଣୁ ଏମାନେ ମଧ ଅନେକ ଦୁଷ୍ଟ ପ୍ରଜା ପୀଡକ ଅତ୍ୟାଚାରୀ ରାଜାଙ୍କୁ ଯୁଦ୍ଧରେ ବଧ କରି ନ୍ୟାୟ, ଧର୍ମର ସଂସ୍ଥାପନ କର୍ମରେ ଭଗବାନଙ୍କର ସହାୟକ ହୋଇଥିଲେ । ଭଗବାନଙ୍କର ଏହି ବିରାଟ ବଂଶ ପରମ ବ୍ରାହ୍ମଣ ଭକ୍ତ ଥିଲେ ମଧ ପୃଥିବୀର ଭାର ନିବାରଣାନ୍ତେ ଭଗବାନ ନିଜର ତିରୋଧାନ ପୂର୍ବରୁ ବ୍ରହ୍ମ ଶାପ ବ୍ୟାଜରେ ଏମାନଙ୍କୁ ସମ୍ବରଣ କରିଥିଲେ । ହେ ରାଜା! ଭଗବାନଙ୍କର ଶ୍ରୀଚରଣ ପଦ ଧୌତକାରିଣୀ ଗଙ୍ଗଦେବୀ ଜଗତକୁ ପବିତ୍ର କରୁଥିବା ବେଳେ ସ୍ୱୟଂ ଭଗବାନ ଯଦୁବଂଶରେ ଅବତୀର୍ଣ୍ଣ ହେବାପରେ ସେହି ବଂଶଭବ ସମସ୍ତ ବ୍ୟକ୍ତି ତୀର୍ଯ୍ୟକ ପ୍ରାଣୀ ଏପରିକି ଦ୍ୱରକା ତରୁତୃଣ ମଧ ବିନା ଗଙ୍ଗଜଳ ସିଞ୍ଚନରେ ପବିତ୍ର ହୋଇଗଲେ । ଭଗବାନ ଶ୍ରୀକୃଷ୍ଣଙ୍କର ମହିମା ଏପରି ଯେ, ସେ ଶତ୍ରୁ, ମିତ୍ର ଆତ୍ମୀୟ ଅନାତ୍ମୀୟ ନିର୍ବିଶେଷରେ ସମସ୍ତଙ୍କୁ ଉଦ୍ଧାର କରିଦେଲେ । ତାଙ୍କର ପବିତ୍ର ଶ୍ରୀଚରଣ ଦର୍ଶନରେ ସମସ୍ତେ ମୁକ୍ତ ହୋଇ ପରମ ଗତିକୁ ପ୍ରାପ୍ତ ହେଲେ । ଯେଉଁ ଶ୍ରୀଚରଣ ଯୁଗଳ ବ୍ରହ୍ମା, ଶଙ୍କର ପୁରନ୍ଦରାଦି ଦେବତାଙ୍କୁ ଦୁର୍ଲ୍ଲଭ ଯାହାର ପ୍ରାପ୍ତି ନିମିତ୍ତ ଯୋଗୀ ଯୋଗାସନରେ ବସି ଯୁଗ ବିତାଇଦିଏ, ଯେଉଁ ଶ୍ରୀଚରଣ କମଳକୁ ସ୍ୱୟଂ ମାତା ମହାଲକ୍ଷ୍ମୀ ନିଜର ବକ୍ଷରେ ଧାରଣ କରି ଧନ୍ୟ ହୁଅନ୍ତି ମାୟାମାନବ ରୂପୀ ଭଗବାନଙ୍କର ସେହି ଦୁର୍ଲ୍ଲଭ ଶ୍ରୀଚରଣ ଯୁଗଳକୁ ପୃଥିବୀର ସ୍ଥାବର ଜଙ୍ଗମ ଆଦି ସମସ୍ତେ ଅକ୍ଲେଶର ପ୍ରାପ୍ତ ହୋଇ ସଦଗତି ପ୍ରାପ୍ତ ହେଲେ । ଭଗବାନଙ୍କର ମାୟା ମନୁଷ୍ୟ ରୂପ ଧାରଣ ଫଳରେ ହିଁ ସଂସାରରେ ଏହା ସମ୍ଭବ ହୋଇପାରିଥିଲା । ତେଣୁ ଦ୍ୱାପର ଯୁଗବାସୀଙ୍କର ପଟ୍ଟାନ୍ତର ନାହିଁ । ହେ ରାଜା ଏହି ଅମୃତମୟୀ ଭାଗବତ ବାଣିକୁରେଯଉଁ ମାନେ ଶ୍ରଦ୍ଧାର ସହ କର୍ଣ୍ଣରେ ଶୁଣନ୍ତି, ଶୁଣାନ୍ତି ଓ ଆଲୋଚନା କରନ୍ତି ସେମାନେ ଅଶେଷ ପୁଣ୍ୟର ଅଧିକାରୀ ହୋଇ ଦେହାନ୍ତେ ପରମ ସତ୍ତାରେ ଲୀନ ହୁଅନ୍ତି ।

॥ ଜୟ ଜଗନ୍ନାଥ ॥

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ଗଣ୍ଠି

# ସାହାଯ୍ୟ କରିବେ କି ନାହିଁ?



ଶ୍ୱେତା ରାଉତ୍

ବେଳେବେଳେ ଅଦ୍ଭୁତ ଲାଗେ ଏ ସମାଜ। ଦୋଷ କରୁଥିବା ମଣିଷ ଦଣ୍ଡିତ ହୁଏ, ଆଉ ନିର୍ଦ୍ଦୋଷୀକୁ କଠୋର ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼େ। କେତୋଟି ଛୋଟ କଥା କହିବାକୁ ଯାଉଛି ଯାହା ଆପଣଙ୍କୁ ଭାବିବାକୁ ବାଧ କରିବ ଯେ ଆପଣ କେବେ କାହାକୁ ସାହାଯ୍ୟ କରିବେ କି ନାହିଁ! କଲେଜ ପାଖ ରାସ୍ତା ଦେଇ ପିଲାଟିଏ କଲେଜକୁ ଫେରୁଥାଏ, ହଠାତ୍ ଦେଖିଲା ଦୁଇ ଚାରିଜଣ ଅସାମାଜିକ ବ୍ୟକ୍ତି ଗୋଟେ ଝିଅକୁ ଜବରଦସ୍ତି କଣ ଗୋଟେ ସୁଙ୍ଘାଇ ଦେଇ ଗାଡ଼ି ଭିତରକୁ ଟାଣି ନେଉଛନ୍ତି। ପିଲାଟି ଦୃତ ଗତିରେ ଘଟଣା ସ୍ଥଳକୁ ଆସୁଥିବାର ଦେଖି ଦୃର୍ବୃତ୍ତମାନେ ଗାଡ଼ି ଜୋରରେ ନେଇ ପଳେଇଲେ। ଝିଅଟି ଅଚେତ୍ ହୋଇ ପଡ଼ିଥାଏ। କଲେଜ ପିଲାଟି କିଛି ଉପାୟ ନପାଇ ପୋଲିସକୁ ଫୋନ୍ କଲା। ପୋଲିସ ଆସି ସଙ୍ଗେ ସଙ୍ଗେ ପହଞ୍ଚି ଝିଅଟିକୁ ମେଡିକାଲ ପଠେଇଦେଲେ ଏବଂ ପିଲାଟିକୁ ଥାନାକୁ ନେଇଗଲେ ଓ ଆରୋପ ଲଗାଇଲେ ସେ କୁଆଡେ ନିଶା ଦେଇ ଝିଅଟିକୁ ଅପହରଣ କରିବାକୁ ଚେଷ୍ଟା କରୁଥିଲା, ସ୍ଥାନୀୟ ଲୋକେ ଦେଖିଦେବାରୁ ଖସି ଯିବାକୁ ଚେଷ୍ଟା କରି ପୋଲିସକୁ ଫୋନ୍ କରିଦେଲା। ବିଚରା ପିଲାଟି ଯେତେ ସଫେଇ ଦେଇ କହିଲା ସେ କେବଳ ସାହାଯ୍ୟ କରିବାକୁ ଆସିଥିଲା ଓ ବାସ୍ତବିକ ଦୋଷୀମାନେ ଫେରାର ହୋଇଗଲେ, ସେ କଥା କେହି ଶୁଣିଲେ ନାହିଁ।

ଆଉ ଗୋଟେ ଘଟଣା, ପ୍ରବଳ ଖରାରେ ବାହାରକୁ ବାହାରିବା କଷ୍ଟକର ହେଉଥିବା ବେଳେ ଆପଣମାନେ ଦେଖିଥିବେ ରାସ୍ତା କଡ଼ରେ ଠିଆ ହୋଇ ଅନେକ ଲୋକ ପେଟ ପାଟଣା ପାଇଁ ପଇଡ ବିକ୍ରି କରୁଥାନ୍ତି। ଥରେ ବାଟରେ ଗୋଟେ ପୋଲିସ ଗାଡ଼ି ଅଟକି କଣ ଗୁଡ଼ାଏ ଖୋଜାଖୋଜି କରିବା ସହିତ, ପାଖ ଲୋକଙ୍କୁ ଡାକି କିଛି ପଚାରୁଥାନ୍ତି। ପଇଡ ବିକୁଥିବା ପିଲାଟି ପୋଲିସମାନଙ୍କୁ ଏତେ ସମୟ ଖରାରେ ବ୍ୟସ୍ତ ବିବ୍ରତ ହୋଇ ଡିଉଟି କରିବାର ଦେଖି ତା ସରଳ ମନରେ କରୁଣା ରଖି ପଇଡ କାଟି ପୋଲିସ ବାବୁଙ୍କୁ ପିଇବାକୁ ଦେଲା। ପୋଲିସ ବାବୁମାନେ ପଇଡ ପିଇସାରିବା ପରେ ସେ ପିଲାଟିକୁ ବାନ୍ଧି ଥାନାକୁ ନେଇ କହିଲେ 'ତୁ ଆମକୁ ଆଗତ ପଡ଼ି ଯାଚିକି ପଇଡ ଦେଉଥିଲୁ ମାନେ ତୁ ହେଉଛୁ ଅସଲ ଆସାମୀ। ତୋର ଏତେ ଦୟା ଆମକୁ ମାଗଣା ପଇଡ ଦେଇଦବୁ!ତୁ ମାନିଯା ଏ କେସରେ ତୋର ହାତ ଅଛି'। ବିଚରା ପିଲାଟି ନିଜକୁ ଯେତେ ନିର୍ଦ୍ଦୋଷ ବୋଲି କହିଲା, କୋର୍ଟ ଚାଲାଣ ହୋଇଗଲା ପଛେ ମୁକୁଳି ପାରିଲାନାହିଁ।

ଏଥର ନିଜ ଅନୁଭୂତିର କଥା କହୁଛି, ମୁଁ ଗାଁରେ ଥାଏ। ଗାଁମାନଙ୍କରେ ସାଇକେଲରେ ବୁଲା ବିକାଳୀମାନେ ଆସନ୍ତି, (ଏବେ ତ ଗାଡ଼ି ନେଇ ବି ଆସୁଛନ୍ତି) ସେମିତି ଷ୍ଟିଲ୍, ସିଲଭର ଆଦି ବାସନ ବିକାଳୀ ଜଣେ ଆସିଥିଲେ। ମା କିଛି ଜିନିଷ କିଣୁଥିଲା। ସକାଳ ୧୧ ଟା ରେ ବି ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି। ଲୋକଟି ଝାଳରେ ବୁଡି ବାସନ ବିକୁଥାଏ, ନିଜ ଗାମୁଛାରେ ବିଞ୍ଚି ହୋଇପଡୁଥାଏ। ଏମାନେ କେତେ କଷ୍ଟରେ ପରିବାର ପୋଷଣ କରୁଛନ୍ତି, ଦେଖି ମୁଁ ଖାଲି ଭାବି ହେଉଥାଏ। ମା, ଜିନିଷ କିଣିବା ଭିତରେ ମୁଁ ଘରକୁ ଦୌଡିଲି, ଫ୍ରିଜ୍‌ରୁ ଟିକେ ଥଣ୍ଡା ପାଣି ବାହାର କରି ଲୋକଟିକୁ ପାଇବାକୁ ଦେଲି। ଏତେ ଖରାରେ କାଳେ ଟିକେ ଥଣ୍ଡା ପାଣି ପିଇଦେଲେ ଭଲ ଲାଗିବ। ମୁଁ ପାଣି ଯାଚିବାରୁ ଲୋକଟି ଚିଡି ଯାଇ କହିଲା, ମୋ ପାଖରେ ତିନି ଚାରିଟା ପାଣି ବୋତଲ ଅଛି, ମୋର ପାଣି କଣ ହବ? ମୁଁ କହିଲି ସେ ବୋତଲ ପାଣି ସବୁ ଖରାରେ ଗରମ ହୋଇଯାଇଥିବ, ଏଇଟା ଥଣ୍ଡା ପାଣି ଟିକେ ପିଇଦେଲେ ଭଲ ଲାଗିବ।ମୋ ପାଟିରୁ କଥା ସରିନି ଲୋକଟି ବିରକ୍ତ ହୋଇ କହିଲା 'ଗରମ କାହିଁକି ହବ, ଦେଖୁନାହାନ୍ତି ପାଣି ଥଣ୍ଡା ଅଛି। ମୋର ପିଇବାର ନାହିଁ।

ମୁଁ ପାଣିକୁ ସେଇ ଲୋକଟି ସାମ୍ନାରେ ପିଇଲି, କାରଣ ଲୋକଟିର ଧାରଣା ଥିଲା କାଳେ ସେ ପାଣିରେ ଆମେ କିଛି ମିଶେଇ ଦେଇଛୁ। ହୁଏତ କୋଉଠି ପାଣି ପିଇ ଲୋକଟି ଠକି ଯାଇଛି, ତା ଭୟ ତାକୁ ରୋକୁଛି। ସେଦିନ ସହୃଦୟତା ଦେଖାଇବାକୁ ଯାଇ ନିଜକୁ ଯେତିକି ଅପମାନିତ ମନେକଲି, ସେତିକି ଲୋକଟିର ବ୍ୟବହାର ଏମିତି କାହିଁକି ଭାବିହେଉଥିଲି।

ବୋଧହୁଏ ମୁଁ 'ମାଗି ଦଣ୍ଡବତ ଯାଚି କଲ୍ୟାଣ'ର ଅର୍ଥ ବୁଝିଯାଇଥିଲି। ଏ ଯୁଗ ଏମିତି ହେଲାଣି ଭୁଲ୍ କଲେ ଭୁଲ୍, ଭଲ କଲେ ବି ଭୁଲ୍। ବଡ ଚିନ୍ତାର ବିଷୟ ସାହାଯ୍ୟ, କଲ୍ୟାଣ କରିବାକୁ ଲୋକେ ଭୟ କରିବେନି ତ?

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଏହି ଲୋକଙ୍କୁ ଜାମୁକୋଳି ମନା: ନହେଲେ ବଢ଼ିପାରେ ସ୍ୱାସ୍ଥ୍ୟ ସମସ୍ୟା...

**ଜାମୁକୋଳି ଏକ ଋତୁକାଳୀନ ଫଳ, ଯାହା ନିଜର ସ୍ୱାଦ ସହ ସ୍ୱାସ୍ଥ୍ୟ ଉପକାରିତା ପାଇଁ ମଧ ବେଶ ପରିଚିତ । ଆଣ୍ଟିଅକ୍ସିଡେଣ୍ଟ, ଭିଟାମିନ ଏବଂ ଫାଇବରରେ ଭରପୂର ଏହି ଫଳ ହଜମ ଶକ୍ତି ବୃଦ୍ଧି, ରୋଗ ପ୍ରତିରୋଧକ କ୍ଷମତା ସୁଦୃଢ଼ କରିବା ଏବଂ ରକ୍ତରେ ଶର୍କରାର ପରିମାଣ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ତେବେ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥିଲେ ମଧ ଜାମୁକୋଳି ସମସ୍ତଙ୍କ ପାଇଁ ସୁରକ୍ଷିତ ନୁହେଁ । କିଛି ବିଶେଷ ସ୍ୱାସ୍ଥ୍ୟ ସମସ୍ୟା ଜନିତ ଲୋକଙ୍କ ପାଇଁ ଏହା କ୍ଷତିକାରକ ହୋଇପାରେ ।**



**ଡାଇବେଟିସ ରୋଗ ଥିବା ବ୍ୟକ୍ତି :**

ଜାମୁକୋଳିରେ ଥିବା ଜାମ୍ବୋଲିନ ଓ ଜାମ୍ବୋସିନ ଭଳି ଉପାଦାନ ରକ୍ତରେ ଶର୍କରାର ମାତ୍ରା କମାଇବାରେ ସହାୟକ ହୋଇଥାଏ। ତେବେ ଯେଉଁମାନେ ଡାଇବେଟିସ ନିୟନ୍ତ୍ରଣ ପାଇଁ ଔଷଧ ଖାଉଛନ୍ତି ସେମାନଙ୍କ ପାଇଁ ଅଧିକ ପରିମାଣରେ ଜାମୁକୋଳି ଖାଇବା ହାଇପୋଗ୍ଲାଇସୋମିଆ ବା ଅତ୍ୟଧିକ କମ୍ ରକ୍ତଶର୍କରା ସମସ୍ୟା ସୃଷ୍ଟି କରିପାରେ । ଏଥିଯୋଗୁଁ ମୁଣ୍ଡ ବୁଲାଇବା, ଝାଳ ବାହାରିବା ଏବଂ ଦୁର୍ବଳ ଲାଗିବା ଭଳି ଲକ୍ଷଣ ଦେଖା ଦେଇପାରେ ।

**କିଡନି ଷ୍ଟୋନ ସମସ୍ୟା ଥିବା ବ୍ୟକ୍ତି :**

ବିଶେଷଜ୍ଞଙ୍କ ମତରେ, ଜାମୁକୋଳିରେ ଅକ୍ସାଲେଟ ରହିଥାଏ ଯାହା କେତେକ ବ୍ୟକ୍ତିଙ୍କ କ୍ଷେତ୍ରରେ କିଡନି ଷ୍ଟୋନ ହେବାର ଆଶଙ୍କା ବଢ଼ାଇପାରେ । ତେଣୁ ଯେଉଁ ମାନଙ୍କର ପୂର୍ବରୁ କିଡନି ଷ୍ଟୋନ ସମସ୍ୟା ରହିଛି ସେମାନେ ଜାମୁକୋଳି ଖାଇବା ବେଳେ ସତର୍କ ରହିବା ଆବଶ୍ୟକ ।

**ହଜମ ଜନିତ ସମସ୍ୟା ଥିବା ବ୍ୟକ୍ତି :**

ଫାଇବରରେ ଭରପୂର ଜାମୁକୋଳି ସାଧାରଣତଃ ହଜମ ପାଇଁ ଭଲ ହୋଇଥାଏ । କିନ୍ତୁ ଅତ୍ୟଧିକ ପରିମାଣରେ ଏହା ଖାଇଲେ ପେଟ ଫୁଲିବା, ଗ୍ୟାସ୍, କୋଷ୍ଠକାଠିନ୍ୟ ଓ ପେଟ ବ୍ୟଥା ଭଳି ସମସ୍ୟା ଦେଖା ଦେଇପାରେ । ବିଶେଷ କରି ଯେଉଁ ମାନଙ୍କର ହଜମ ପ୍ରଣାଳୀ ସମ୍ବେଦନଶୀଳ ସେମାନେ ଏହାକୁ ସୀମିତ ପରିମାଣରେ ଖାଇବା ଉଚିତ ।

**ଗର୍ଭବତୀ ମହିଳା :**

ଜାମୁକୋଳି ପୋଷାକ ତତ୍ତ୍ୱରେ ଭରପୂର ହୋଇଥିଲେ ମଧ ଗର୍ଭାବସ୍ଥାରେ ଏହାର ପ୍ରଭାବ ନେଇ ପର୍ଯ୍ୟାପ୍ତ ଗବେଷଣା ଉପଲବ୍ଧ ନାହିଁ । ଏହି କାରଣରୁ ଗର୍ଭବତୀ ମହିଳାମାନେ ଡାକ୍ତରଙ୍କ ପରାମର୍ଶ ନେଇ ଏହାକୁ ଖାଇବା ଉଚିତ ।

**ଆଲର୍ଜି ଥିବା ବ୍ୟକ୍ତି :**

ଯଦିଓ ଜାମୁକୋଳି ଜନିତ ଆଲର୍ଜି ଘଟଣା ବହୁତ କମ ତଥାପି କେତେକଙ୍କ ଠାରେ ଏହା ଖାଇବା ପରେ ଚର୍ମରେ କୁଣ୍ଡିଆ, ଯାଦୁ, ଫୁଲିବା କିମ୍ବା ଶ୍ୱାସ ନେବାରେ ଅସୁବିଧା ମଧ ଦେଖା ଦେଇପାରେ । ଏପରି ସ୍ଥିତିରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ଜାମୁକୋଳି ନିଶ୍ଚିତ ଭାବରେ ଏକ ପୌଷ୍ଟିକ ଓ ସ୍ୱାସ୍ଥ୍ୟକର ଫଳ । ତେବେ ଡାଇବେଟିସ, କିଡନି ଷ୍ଟୋନ, ହଜମ ଜନିତ ସମସ୍ୟା, ଗର୍ଭାବସ୍ଥା କିମ୍ବା ଆଲର୍ଜି ଭଳି ସ୍ୱାସ୍ଥ୍ୟବସ୍ଥା ଥିଲେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ।

# ବିଦେଶୀ ପୁଞ୍ଜିର ପ୍ରତ୍ୟାହାର ଏବଂ ଆମର ଟିକସ ନୀତି: ଏକ ପୁନର୍ବିଚାରର ଆବଶ୍ୟକତା

ବର୍ତ୍ତମାନର ବିଶ୍ୱ ଅର୍ଥନୈତିକ ପରିସ୍ଥିତି ଅତ୍ୟନ୍ତ ଜଟିଳ ଏବଂ ଆହ୍ୱାନପୂର୍ଣ୍ଣ ସ୍ଥିତି ଦେଇ ଗତି କରୁଛି । ୨୦୨୬ ମସିହା ଜୁନ୍ ମାସ ସୁଦ୍ଧା ବିଶ୍ୱ ବଜାରରେ ମୁଦ୍ରାସ୍ଫୀତି, ଆମେରିକାର ବାଣିଜ୍ୟିକ ନୀତି ଏବଂ ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଭୌଗୋଳିକ-ରାଜନୈତିକ ଉତ୍ତେଜନା କାରଣରୁ ଏକ ଅସ୍ଥିରତା ଦେଖାଦେଇଛି । ବିଶ୍ୱ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେବା ଫଳରେ ତୈଳ ଦର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଛି । ଏହି ପରିପ୍ରେକ୍ଷୀରେ ଆମେରିକାର ୩୦ ବର୍ଷିୟ ଟ୍ରେଜେରୀ ୟିଲ୍ଡ (Treasury yield) ୫.୧ ପ୍ରତିଶତରୁ ଅଧିକ ସ୍ତରରେ ପହଞ୍ଚିଛି, ଯାହାକି ୨୦୦୭ ମସିହା ପରଠାରୁ ସର୍ବୋଚ୍ଚ ଅଟେ । ଅନ୍ୟପକ୍ଷରେ ଭାରତର ୧୦ ବର୍ଷିୟ ସରକାରୀ ବଣ୍ଡ୍ ୟିଲ୍ଡ ପ୍ରାୟ ୬.୯ ପ୍ରତିଶତ ପାଖାପାଖି ରହିଛି । ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ଟିକସ ନୀତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ନିକଟରେ ସରକାରଙ୍କ ଦ୍ୱାରା ନିଆଯାଇଥିବା କିଛି ପଦକ୍ଷେପକୁ ନେଇ ଅର୍ଥନୈତିକ ବିଶେଷଜ୍ଞମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ବିଶେଷ କରି ଇକ୍ୱିଟି (equities) ବା ସେୟାର ବଜାର ଉପରେ ଟିକସ ଛାଡ଼ କରିବା ପରିବର୍ତ୍ତେ ବିଦେଶୀ ବଣ୍ଡ୍ ବା ଋଣ ଉପରେ ଟିକସ କାଟ୍ କରିବା ନିଷ୍ପତ୍ତି ଏକ ବଡ଼ ବିତର୍କର ବିଷୟ ପାଲଟିଛି । ଏହାକୁ ଅନେକେ ଏକ 'ଗୋଲ୍ଡିଲକ୍ସ ମୁହୂର୍ତ୍ତ' (Goldilocks moment) ବା ଏକ ଆଦର୍ଶ ସୁଯୋଗର ଅପବ୍ୟବହାର ବୋଲି ଅଭିହିତ କରୁଛନ୍ତି, କାରଣ ଆମେ ବିପଦପୂର୍ଣ୍ଣ ପୁଞ୍ଜି ବା ରିସ୍କ କ୍ୟାପିଟାଲକୁ ଉତ୍ସାହିତ କରିବା ବଦଳରେ ବିଦେଶୀ ଋଣକୁ ପ୍ରୋତ୍ସାହିତ କରୁଛୁ ।

ଏହି ପ୍ରସଙ୍ଗକୁ ବୁଝିବାକୁ ହେଲେ ଆମକୁ ୨୦୦୪ ମସିହାର ଅର୍ଥନୈତିକ ନୀତି ଆଡ଼କୁ ଦୃଷ୍ଟିପାତ କରିବାକୁ ପଡ଼ିବ । ୨୦୦୪ ମସିହା ଜୁଲାଇ ୮ ତାରିଖରେ ଭାରତ ସରକାର ଏକ ବୈପ୍ଳବିକ ପଦକ୍ଷେପ ନେଇଥିଲେ । ସେହି ସମୟରେ ସମସ୍ତ ସିକ୍ୟୁରିଟିଜ୍ କାରବାର ଉପରୁ ଦୀର୍ଘକାଳୀନ ପୁଞ୍ଜି ଲାଭ ଟିକସ (Long Term Capital Gains ବା LTCG) ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରାଯାଇଥିଲା ଏବଂ ଏହା ବଦଳରେ କ୍ରେତାଙ୍କ ଉପରେ ମାତ୍ର ୦.୧୫ ପ୍ରତିଶତ ସିକ୍ୟୁରିଟିଜ୍ କାରବାର ଟିକସ (STT) ଲାଗୁ କରାଯାଇଥିଲା । ଏହି ନୀତି ଭାରତୀୟ ଅର୍ଥନୀତି ପାଇଁ ଏକ ସୁବର୍ଣ୍ଣ ଯୁଗର ଆରମ୍ଭ କରିଥିଲା । ୨୦୦୪ ରୁ ୨୦୦୮ ମସିହା ମଧ୍ୟରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର, ପୁଞ୍ଜି ବଜାର, ପ୍ରତ୍ୟକ୍ଷ ବିଦେଶୀ ନିବେଶ (FDI) ଏବଂ ପ୍ରାଇଭେଟ୍ ଇକ୍ୱିଟି କ୍ଷେତ୍ରରେ ଅଭୂତପୂର୍ବ ଅଭିବୃଦ୍ଧି ଘଟିଥିଲା । ଏପରିକି ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ୪୬ ରୁ ୩୯ କୁ ବୃଦ୍ଧି ପାଇଥିଲା । ବର୍ତ୍ତମାନର ଅସ୍ଥିର ବିଶ୍ୱ ଅର୍ଥନୀତିରେ ଆଶା କରାଯାଉଥିଲା ଯେ ସରକାର ପୁଣିଥରେ ସେହି ୨୦୦୪ ମସିହାର ଆଦର୍ଶ ଟିକସ ଢାଞ୍ଚାକୁ ଫେରାଇ ଆଣିବେ, ଯାହାଦ୍ୱାରା ବିଦେଶୀ ନିବେଶକମାନେ ଭାରତୀୟ ଇକ୍ୱିଟି ବଜାରରେ ଅଧିକ ବିପଦପୂର୍ଣ୍ଣ ପୁଞ୍ଜି ନିବେଶ କରିବାକୁ ଆଗ୍ରହୀ ହେବେ । କିନ୍ତୁ ବାସ୍ତବରେ ଏହାର ସମ୍ପୂର୍ଣ୍ଣ ବିପରୀତ ଘଟଣା ଦେଖିବାକୁ ମିଳିଛି ।

ଇକ୍ୱିଟିକୁ ପ୍ରୋତ୍ସାହିତ କରିବା ପରିବର୍ତ୍ତେ ସରକାର ବିଦେଶୀ ନିବେଶକମାନଙ୍କ ପାଇଁ ସରକାରୀ ବଣ୍ଡ୍ ବା ଋଣପତ୍ର ଉପରେ ଥିବା ସମସ୍ତ ଟିକସକୁ ଉଚ୍ଛେଦ କରିଦେଇଛନ୍ତି । ଏହା ଫଳରେ ବିଦେଶୀ ଋଣ ପାଇଁ ଏକ ଅନୁକୂଳ ବା 'ଗୋଲ୍ଡିଲକ୍ସ ଟିକସ ବ୍ୟବସ୍ଥା' ସୃଷ୍ଟି ହୋଇଛି । ଯେତେବେଳେ ଦେଶର ଅର୍ଥନୀତିକୁ ବିଦେଶୀ ରିସ୍କ କ୍ୟାପିଟାଲ୍ ବା ଇକ୍ୱିଟି ନିବେଶର ଏକ ମୋଟା ସୁରକ୍ଷା ବଳୟ ଆବଶ୍ୟକ ଥିଲା, ସେତେବେଳେ ଆମେ ଆମ ଅର୍ଥନୀତି ଉପରେ ଅଧିକ ଋଣର ବୋଝ ଲଦି ଦେଉଛୁ । ଇକ୍ୱିଟି ଏବଂ ବଣ୍ଡ୍ ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟକୁ ବୁଝିବା ନିତାନ୍ତ ଜରୁରୀ । ଯେତେବେଳେ କୌଣସି ବିଦେଶୀ ସଂସ୍ଥା ଭାରତୀୟ ଇକ୍ୱିଟିରେ ନିବେଶ କରେ, ସେତେବେଳେ ସେ ଦେଶର ଅର୍ଥନୈତିକ ବିକାଶ ଏବଂ ବିପଦର ଅଂଶୀଦାର ହୋଇଥାଏ । ଯଦି କମ୍ପାନୀ ବା ଅର୍ଥନୀତି ଭଲ ପ୍ରଦର୍ଶନ କରେ, ତେବେ ସେମାନେ ଲାଭବାନ ହୁଅନ୍ତି ଏବଂ ଖରାପ ପ୍ରଦର୍ଶନ କଲେ କ୍ଷତି ସହିଥାନ୍ତି । ମାତ୍ର ବଣ୍ଡ୍ ବା ଋଣ କ୍ଷେତ୍ରରେ ନିବେଶକଙ୍କୁ ଏକ ନିର୍ଦ୍ଦିଷ୍ଟ ସୁଧ ହାର ପ୍ରଦାନ କରିବାକୁ ପଡ଼ିଥାଏ, ଅର୍ଥନୀତିର ଅବସ୍ଥା ଯାହା ବି ଥାଉ ନା କାହିଁକି । ତେଣୁ ବିଦେଶୀ ଋଣକୁ ଅଧିକ ପ୍ରୋତ୍ସାହିତ କରିବା ଦ୍ୱାରା ଦେଶ ଉପରେ ଆର୍ଥିକ ଦାୟିତ୍ୱ ବୃଦ୍ଧି ପାଇଥାଏ, ଯାହାକି ଦୀର୍ଘମିଆଦୀ ସୂତ୍ରରେ ଅର୍ଥନୀତି ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ । ବିଶେଷ କରି ଯେତେବେଳେ ବିଶ୍ୱସ୍ତରରେ ସୁଧ ହାର ଉଚ୍ଚ ରହିଛି, ସେତେବେଳେ ବିଦେଶୀ ଋଣ ଆଣିବା ଦେଶ ପାଇଁ ଏକ ବ୍ୟୟବହୁଳ ବ୍ୟାପାର ହୋଇଥାଏ ।

ଏହି ନିଷ୍ପତ୍ତିର ଗାଣିତିକ ଦିଗକୁ ବିଶ୍ଳେଷଣ କଲେ ଏହାର ନକାରାତ୍ମକ ପ୍ରଭାବ ଅଧିକ ସ୍ପଷ୍ଟ ହୋଇଯାଏ । ସରକାର ଆଶା ରଖିଛନ୍ତି ଯେ ଟ୍ରେଜେରୀ ବା ସରକାରୀ ବଣ୍ଡ୍ ଉପରେ ଟିକସ ଛାଡ଼ କରିବା ଦ୍ୱାରା ଅତିରିକ୍ତ ୫୦ ବିଲିୟନ ଡଲାରର ବିଦେଶୀ ନିବେଶ ଆସିବ । କିନ୍ତୁ ଏହି ଆର୍ଥିକ ଉପକରଣ ଉପରୁ ଆୟକର ଉଚ୍ଛେଦ କରିବା ଦ୍ୱାରା ସରକାର ପ୍ରାୟ ୧ ବିଲିୟନ ଡଲାର ଅର୍ଥାତ୍ ୧୦,୦୦୦ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ଏହା ସହିତ ବର୍ତ୍ତମାନ ସରକାରୀ ବଣ୍ଡରେ ଥିବା ବିଦେଶୀ ନିବେଶ ଉପରୁ ମିଳୁଥିବା ପ୍ରାୟ ୪,୦୦୦ କୋଟି ଟଙ୍କାର ଟିକସ ମଧ୍ୟ ସରକାର ହରାଇବେ । ସର୍ବମୋଟ ହିସାବ କଲେ ସରକାର ଏହି ନିଷ୍ପତ୍ତି ଯୋଗୁଁ ପ୍ରାୟ ୧୪,୦୦୦ କୋଟି ଟଙ୍କାର ବିପୁଳ ରାଜସ୍ୱ ଛାଡ଼ କରୁଛନ୍ତି । ଅନ୍ୟପକ୍ଷରେ, ଯଦି ସରକାର ବିଦେଶୀ ଇକ୍ୱିଟି ନିବେଶ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଥାନ୍ତେ, ତେବେ ଦୀର୍ଘକାଳୀନ ପୁଞ୍ଜି ଲାଭ ଟିକସ (LTCG) ମାଧ୍ୟମରେ ସରକାର ପ୍ରାୟ ୧୨,୦୦୦ ରୁ ୧୫,୦୦୦ କୋଟି ଟଙ୍କା ରୋଜଗାର କରିପାରିଥାନ୍ତେ । ଏହି ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି ଯେ ଆମେ ଏକ ଲାଭଜନକ ତଥା ନିରାପଦ ରାସ୍ତା ଛାଡ଼ି ଏକ କ୍ଷତିକାରକ ଏବଂ ବିପଦପୂର୍ଣ୍ଣ ରାସ୍ତା ଆପଣେଇଛୁ । ଋଣ ଉପରେ ଟିକସ ଛାଡ଼ କରି ଆମେ ବିଦେଶୀ ନିବେଶକଙ୍କୁ ବିନା ରିସ୍କରେ ଲାଭ କମାଇବାର ସୁଯୋଗ ଦେଉଛୁ, ଯାହାକି ଏକ ବିକାଶଶୀଳ ଅର୍ଥନୀତି ପାଇଁ ଆଦୌ ଗ୍ରହଣୀୟ ନୁହେଁ ।

୨୦୨୬ ମସିହା ଜୁନ୍ ମାସର ରିଜର୍ଭ ବ୍ୟାଙ୍କ (RBI) ତଥ୍ୟ ଅନୁଯାୟୀ, ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ପ୍ରାୟ ୬୮୨ ରୁ ୬୯୪ ବିଲିୟନ ଡଲାର ମଧ୍ୟରେ ରହିଛି, ଯାହାକି ୧୧ ମାସର ଆମଦାନୀ ପାଇଁ ପର ?ୟ୍ୟାପ୍ତ ଅଟେ । ଏହା ଏକ ସକାରାତ୍ମକ ଦିଗ ହୋଇଥିଲେ ମଧ୍ୟ ବିଦେଶୀ ଋଣ ଉପରେ ଅତ୍ୟଧିକ ନିର୍ଭରଶୀଳତା ଦେଶର ଆର୍ଥିକ ସ୍ଥିରତା ପ୍ରତି ଭବିଷ୍ୟତରେ ବିପଦ ସୃଷ୍ଟି କରିପାରେ । ଯେତେବେଳେ ଆମେରିକା ଭଳି ବିକଶିତ ଦେଶଗୁଡ଼ିକରେ ସୁଧ ହାର ବୃଦ୍ଧି ପାଏ, ସେତେବେଳେ ବିଦେଶୀ ନିବେଶକମାନେ ଉଭୟ ଇକ୍ୱିଟି ଏବଂ ଡେବ୍ଟ ବଜାରରୁ ନିଜର ପୁଞ୍ଜି ପ୍ରତ୍ୟାହାର କରିବା ଆରମ୍ଭ କରନ୍ତି । କିନ୍ତୁ ବଣ୍ଡ୍ ବଜାରରୁ ପୁଞ୍ଜି ପ୍ରତ୍ୟାହାର ଅଧିକ ଦ୍ରୁତ ଗତିରେ ହୋଇଥାଏ, ଯାହା ଫଳରେ ମୁଦ୍ରା ବିନିମୟ ହାର ଉପରେ ପ୍ରବଳ ଚାପ ପଡ଼େ । ଭାରତୀୟ ଟଙ୍କାର ମୂଲ୍ୟ ଡଲାର ତୁଳନାରେ କ୍ରମାଗତ ଭାବରେ ହ୍ରାସ ପାଉଥିବା ବେଳେ ଏବଂ ଏହା ୧୦୦ ଟଙ୍କା ସ୍ତର ଆଡ଼କୁ ଗତି କରୁଥିବାର ଆଶଙ୍କା ଥିବା ବେଳେ, ଅଧିକ ବିଦେଶୀ ଋଣ ଆଣିବା ଦ୍ୱାରା ପରିଶୋଧ ସମୟରେ ଅଧିକ ଅର୍ଥ ବ୍ୟୟ କରିବାକୁ ପଡ଼ିବ । ଅର୍ଥାତ୍ ଆମେ ଯେଉଁ ଡଲାର ଆଣିଛୁ, ତାହାକୁ ଫେରାଇବା ବେଳେ ଟଙ୍କାର ମୂଲ୍ୟ ହ୍ରାସ ପାଇଥିବାରୁ ଆମକୁ ଅଧିକ ଟଙ୍କା ଗଣିବାକୁ ପଡ଼ିବ । ଏହା ଦେଶର କରେଣ୍ଟ ଆକାଉଣ୍ଟ ଡେଫିସିଟ୍ (Current Account Deficit) ବା ଚଳିତ ଖାତା ନିଅଣ୍ଟକୁ ଆହୁରି ବଢ଼ାଇଦେବ ଏବଂ ଅର୍ଥନୀତିକୁ ଦୁର୍ବଳ କରିଦେବ ।

ବିଶ୍ୱସ୍ତରୀୟ ବଣ୍ଡ୍ ସୂଚକାଙ୍କରେ ଭାରତର ଅନ୍ତର୍ଭୁକ୍ତିକରଣ ଯୋଗୁଁ ବିଦେଶୀ ପୋର୍ଟଫୋଲିଓ ନିବେଶ ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି । ଆକଳନ କରାଯାଉଛି ଯେ ଏହି ସୂଚକାଙ୍କ ମାଧ୍ୟମରେ ପ୍ରାୟ ୨୦ ବିଲିୟନ ଡଲାରରୁ ଅଧିକ ନିବେଶ ଆସିପାରେ । ତଥାପି, ଆମକୁ ମନେ ରଖିବାକୁ ହେବ ଯେ ଋଣ ବଜାରରେ ବିଦେଶୀ ପୁଞ୍ଜିର ବହିଃପ୍ରବାହ ଅତ୍ୟନ୍ତ ଦ୍ରୁତ ଗତିରେ ହୋଇଥାଏ । ତେଣୁ ବିଦେଶୀ ବଣ୍ଡ୍ ନିବେଶକମାନେ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ସେମାନେ ଯେକୌଣସି ମୁହୂର୍ତ୍ତରେ ପୁଞ୍ଜି ପ୍ରତ୍ୟାହାର କରିପାରନ୍ତି । ଏହା ବିପରୀତରେ, ଇକ୍ୱିଟି ନିବେଶକମାନେ ଦୀର୍ଘକାଳୀନ ଦୃଷ୍ଟିକୋଣ ରଖିଥାନ୍ତି ଏବଂ ସେମାନେ ଭାରତର ଅଭିବୃଦ୍ଧି କାହାଣୀରେ ବିଶ୍ୱାସ କରନ୍ତି । ୨୦୨୪ ମସିହା ସେପ୍ଟେମ୍ବର ମାସ ବେଳକୁ ମୋର୍ଗାନ୍ ଷ୍ଟାନଲି କ୍ୟାପିଟାଲ୍ ଇଣ୍ଟରନ୍ୟାସନାଲ୍‌ର ଏମର୍ଜିଂ ମାର୍କେଟ୍ ଇଣ୍ଡେକ୍ସରେ ଭାରତର ୱେଟେଜ୍ ପ୍ରାୟ ୨୧ ରୁ ୨୨ ପ୍ରତିଶତରୁ ଅଧିକ ଥିଲା । କିନ୍ତୁ ୨୦୨୬ ମସିହା ଜୁନ୍ ମାସର ସଦ୍ୟତମ ତଥ୍ୟ ଅନୁଯାୟୀ, ଏହି ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିଛି । କୃତ୍ରିମ ବୁଦ୍ଧିମତ୍ତା ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ବିଶ୍ୱବ୍ୟାପୀ ନିବେଶ ବୃଦ୍ଧି ପାଇବା କାରଣରୁ ତାଇୱାନ, ଦକ୍ଷିଣ କୋରିଆ ଏବଂ ଚୀନ୍ ଭଳି ଦେଶଗୁଡ଼ିକ ଏବେ ଭାରତକୁ ପଛରେ ପକାଇ ଦେଇଛନ୍ତି । ବର୍ତ୍ତମାନ ଭାରତର ୱେଟେଜ୍ ହ୍ରାସ ପାଇ ପ୍ରାୟ ୧୦.୮ ରୁ ୧୧.୯ ପ୍ରତିଶତ ମଧ୍ୟରେ ରହିଛି, ଯାହାକି ଗତ ୬ ବର୍ଷର ସର୍ବନିମ୍ନ ସ୍ତର ଅଟେ । ଦୀର୍ଘ ଦୁଇ ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ କୌଣସି ଭାରତୀୟ କମ୍ପାନୀ MSCI ର ଶ୍ରେଷ୍ଠ ୧୦ ତାଲିକାରେ ନାହାନ୍ତି । ୨୦୨୬ ମସିହାରେ ଏପର୍ଯ୍ୟ ବିଦେଶୀ ପୋର୍ଟଫୋଲିଓ ନିବେଶକ ମାନେ ଭାରତୀୟ ସେୟାର ବଜାରରୁ ପ୍ରାୟ ୨୪.୧ ବିଲିୟନ ଡଲାରରୁ ଅଧିକ ପୁଞ୍ଜି ପ୍ରତ୍ୟାହାର କରିସାରିଲେଣି । ଏହି ଚିନ୍ତାଜନକ ପରିସ୍ଥିତି ପ୍ରମାଣିତ କରେ ଯେ ବିଶ୍ୱସ୍ତରୀୟ ଇକ୍ୱିଟି ନିବେଶକମାନଙ୍କୁ ଭାରତ ପ୍ରତି ପୁଣିଥରେ ଆକର୍ଷିତ କରିବା ପାଇଁ ଟିକସ ରିହାତି ଭଳି ପ୍ରୋତ୍ସାହନର ନିତାନ୍ତ ଆବଶ୍ୟକତା ରହିଛି । ଭାରତର ଜିଡିପି ଅଭିବୃଦ୍ଧି ହାର ସମଗ୍ର ବିଶ୍ୱରେ ସର୍ବୋତ୍ତମ ରହିଥିବା ସତ୍ତ୍ୱେ ଇକ୍ୱିଟି ବଜାରରୁ ବିଦେଶୀ ପୁଞ୍ଜି ଫେରିଯିବା ଦେଶ ପାଇଁ ଏକ ବିପଦ ସଙ୍କେତ । ଏପରି ସମୟରେ ଇକ୍ୱିଟି ବଜାରକୁ ସୁଦୃଢ଼ କରିବା ବଦଳରେ ଋଣ ବଜାର ବା ବଣ୍ଡ୍ ଉପରେ ଟିକସ ଛାଡ଼ କରିବା ଏକ ବିଡ଼ମ୍ବନା ଅଟେ । ଇକ୍ୱିଟି ନିବେଶ ଦ୍ୱାରା କମ୍ପାନୀଗୁଡ଼ିକ ନୂତନ ପ୍ରକଳ୍ପ ଆରମ୍ଭ କରିପାରନ୍ତି, ଯାହାଦ୍ୱାରା ଦେଶରେ କର୍ମସଂସ୍ଥାନ ସୃଷ୍ଟି ହୁଏ । ମାତ୍ର ବଣ୍ଡ୍ ମାଧ୍ୟମରେ ଆସୁଥିବା ଅର୍ଥ କେବଳ ସରକାରୀ ଖର୍ଚ୍ଚ ଏବଂ ନିଅଣ୍ଟ ଭରଣା କରିବାରେ ବ୍ୟବହୃତ ହୋଇଥାଏ ।

ପରିଶେଷରେ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, ଏକ ବିକାଶଶୀଳ ରାଷ୍ଟ୍ର ଭାବରେ ଭାରତର ଅର୍ଥନୈତିକ ନୀତି ସର୍ବଦା ଦୀର୍ଘମିଆଦୀ ସ୍ଥିରତା ଏବଂ ଆତ୍ମନିର୍ଭରଶୀଳତା ଉପରେ ପର୍ଯ୍ୟବେସିତ ହେବା ଉଚିତ୍ । ବିଶ୍ୱ ବଜାରରେ ଅସ୍ଥିରତା, ତୈଳ ଦର ବୃଦ୍ଧି ଏବଂ ଭୌଗୋଳିକ ରାଜନୈତିକ ସଙ୍କଟ ସମୟରେ ଦେଶକୁ ବିଦେଶୀ ଋଣର ଜାଲରେ ଛନ୍ଦିବା ପରିବର୍ତ୍ତେ ଇକ୍ୱିଟି ଆକାରରେ ବିପଦପୂର୍ଣ୍ଣ ପୁଞ୍ଜି ସଂଗ୍ରହ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ସରକାରୀ ବଣ୍ଡ୍ ଉପରୁ ଟିକସ ଛାଡ଼ କରିବା ଏବଂ ରାଜସ୍ୱ ହରାଇବା ନିଷ୍ପତ୍ତି କ୍ଷଣିକ ପାଇଁ କିଛି ବିଦେଶୀ ମୁଦ୍ରା ଆଣିପାରେ, କିନ୍ତୁ ଏହା ଦେଶର ମୂଳଦୁଆକୁ ମଜବୁତ କରିପାରିବ ନାହିଁ । ଏହାର ବିପରୀତରେ, ଯଦି ସରକାର ୨୦୦୪ ମସିହା ଭଳି ଏକ ସାହସିକ ପଦକ୍ଷେପ ନେଇ ଇକ୍ୱିଟି ନିବେଶ ଉପରେ ଟିକସ ହ୍ରାସ କରିଥାନ୍ତେ, ତେବେ ତାହା ପ୍ରକୃତରେ ଏକ 'ଗୋଲ୍ଡିଲକ୍ସ ମୁହୂର୍ତ୍ତ' ହୋଇପାରିଥାନ୍ତା । ବିଶେଷ କରି ବର୍ତ୍ତମାନ ଯେତେବେଳେ ଭାରତୀୟ ବଜାରରୁ ପୁଞ୍ଜି ପ୍ରତ୍ୟାହାର ହେଉଛି, ସେତେବେଳେ ଏପରି ଏକ ପଦକ୍ଷେପ କେବଳ ପୁଞ୍ଜି ବଜାରକୁ ସୁଦୃଢ଼ କରିନଥାନ୍ତା, ବରଂ ଦେଶର ଔଦ୍ୟୋଗିକ ବିକାଶ, କର୍ମସଂସ୍ଥାନ ସୃଷ୍ଟି ଏବଂ ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧିରେ ଏକ ପରିବର୍ତ୍ତନ ଆଣିପାରିଥାନ୍ତା ।



# ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର

ଅକ୍ଷୟ କୁମାର ରାଉତ



ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆ ଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ। ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ। ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ। ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଆରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ବିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି। ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ। ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି। ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି।

ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ। ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି। ତେଣୁ ସେ ସଦାରୋଗୀ, ରୁଗ୍ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ।

ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା। ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା। ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା, ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ। ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରାତାର୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ।

ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା। ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ। ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୁପଣ କରୁଥିଲେ। ପାଞ୍ଚବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖି ପାରିଥିଲେ। ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍‌ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ। ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ। ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୁ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ।




ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ। ତାଙ୍କର ପାଞ୍ଚଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା। ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ। ତାଙ୍କ ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୁରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ। ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ୍ତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ। ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ। ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୁରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ। ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ। ଚନ୍ଦ୍ରଶେଖର ଯେଉଁ ସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଲ' ଓ 'ଉଲମ୍ବିଚକ୍ର'।

ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ର ଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ ଲେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା। ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ।

'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା। ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ। ଏଥି ପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ। ଗଜପତି ରାଜା ମଧ୍ୟ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ। ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ। ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି।

+ପାରାଦ୍ୱୀପଗଡ଼
ମୋ: ୯୯୩୭୬୯୧୪୭୫

# ମଦମୁକ୍ତ ସମାଜ ଏକ ଦିବାସ୍ୱପ୍ନ

ଡ଼. ମନୋଜ କୁମାର ମହାନ୍ତି

ସେଦିନ ଫୁରସତରେ ସାମାଜିକ ଗଣମାଧ୍ୟମ ଭିଡିଓ କ୍ଲିପ୍ ଦେଖୁଦେଖୁ ନଜର ପଡ଼ିଲା ମଦଜନିତ ବିଶେଷ ଖବର ଉପରେ। ଜିଲ୍ଲା ପ୍ରଶାସନିକ ମୁଖ୍ୟ ଅର୍ଥାତ ଜିଲ୍ଲାପାଳମାନେବି କେଡ଼େ କୌତୁକିଆ ଚରିତ୍ରରେ ଅଭିନୟ କରନ୍ତିପାରନ୍ତି ଦେଖିଲେ ବଡ ଆନନ୍ଦ ଲାଗେ। ଗଣମାଧ୍ୟମ ସମ୍ମୁଖରେ ଏକ ବୈଠକରେ କିଛି କର୍ମଚାରୀଙ୍କ ସହ ବସି ଆଖିରେ ପଟି ବାନ୍ଧି ଚୋରପୋଲିସ୍ ଖେଳ ଖେଳିବା ପରି ମନେ ହେଉଥିଲା। ଆମ ସରକାର ନୂଆ ମଦ କାଉଣ୍ଟର ଖୋଲିବା ନିମନ୍ତେ ଲାଇସେନ୍ସ ପ୍ରଦାନ କରିବାରେ ବହୁତ୍ ଆଗଭର। ଅନେକ ଆବେଦନକାରୀଙ୍କ ମଧ୍ୟରୁ ଭାଗ୍ୟଶାଳୀ ବ୍ୟକ୍ତିପାଇଁ ଖଣ୍ଡେ ଖଣ୍ଡେ ଚିରୁକୁଟି ସକାଶେ ରାଜ୍ୟର ଜିଲ୍ଲାପାଳମାନେ କିଛି ସମୟ ପାଇଁ ଧୃତରାଷ୍ଟ ସାଜିଥିଲେ। ଅନ୍ଧ ସାଜିବାକୁ ପଡ଼ିବ କାରଣ, ମଦ ହିଁ ଅନୀତି, ଅନ୍ୟାୟ, ଅନର୍ଥ, ଅବନତି ଏବଂ ହିଂସାର କାରଣ। ସତରେ କେହି କଣ ଆଖିଖୋଲି ଏସବୁ କର୍ମକୁ ପ୍ରଶ୍ରୟ ଦେବେକି। କାରଣ ମଦ ନୈତିକତାକୁ ବିରୋଧ କରେ। ମଦ୍ୟପାନ କରୁଥିବା ବ୍ୟକ୍ତିର ସ୍ୱଭାବ ତଥା ଆଚରଣରେ ପରିବର୍ତ୍ତନ ଆଣିଥାଏ। ସେ ସେହି ସମୟପାଇଁ ପଥଭ୍ରଷ୍ଟ ହୋଇ ଅନେକ କୁକର୍ମ କରେ। ସଂସାରରେ ସମସ୍ତ ଅନୀତି କର୍ମ କବାଟ ବନ୍ଦ ନଚେତ ଅନ୍ଧାରୁଆ ଜାଗାରେ ହୁଏ। ଯେତକ କଳା କାରନାମା ଖୋଲାମେଲାରେ ହୁଏନାହିଁ। ସେଥିପାଇଁ ଜିଲ୍ଲାପାଳ ମାନଙ୍କର ବୋଧେ ଏଇ ଅବତାର। ଅନେକ ଆର୍ଥିକ ମଜବୁତ୍ ବ୍ୟକ୍ତିମାନେ ମଦ କାଉଣ୍ଟର ଖୋଲିବା ନିମନ୍ତେ ଲାଇସେନ୍ସ ଖଣ୍ଡକପାଇଁ କେତେକଣ ଟଙ୍କା ଖର୍ଚ୍ଚ କରିଥଲେ। ଭାଗ୍ୟବାନ ଲୋକଙ୍କୁ ଛାଡ଼ି ବାକି ସବୁଙ୍କ ଟଙ୍କା ପାଣିରେ ପଡ଼ିଲା। ଯେଉଁଠି ଶସ୍ତାରେ ଅମୃତ ତୁଲ୍ୟ କ୍ଷୀରକୁ ଛାଡ଼ି ମଦପାଇଁ ଲୋକେ ବାଡାବାଡ଼ି ସେଠି ମଦ କାଉଣ୍ଟରଟେ ଖୋଲିବାର ସ୍ୱପ୍ନ ନେତାମନ୍ତ୍ରୀ, ତାଙ୍କ ନିଜଲୋକ ନଚେତ ଧନୀକ ଗୋଷ୍ଠୀଙ୍କ ରହିବା ଯଥାର୍ଥ। ମଦ ଲାଭ କେହି ଦେଇପରିବେନି। ବର୍ଷାଝଡ଼ି ହେଉକି ଝାଞ୍ଜିଖରା କି ହାଡ଼ଭଙ୍ଗା ଶୀତ ହେଉ, ସକାଳରୁ ପୁଣି ପାହାନ୍ତାଯାଏଁ କାଉଣ୍ଟର ପୁରାଜାମ। କାରଣ ଏଠି ମଦୁଆଙ୍କ ସଂଖ୍ୟା ଅଧିକ। ଅଷ୍ଟମ ଶ୍ରେଣୀରୁ କଲେଜ ପାଠୁଆଙ୍କ ଠାରୁ ଯୁବକଯାଏଁ ଅନେଶତ ପ୍ରତିଶତଙ୍କପାଇଁ ମଦ ଏକରକମର ନୈବେଦ୍ୟ। ଦିମୁଠା ଭାତ, କି ଦିପଟ ରୁଟି କମ୍ ହେଲେ ଚଳିବ କିନ୍ତୁ ମଦରେ ପେଟ ଭରିବା ଦରକାର। ସମସ୍ତ ବଡବଡ କାର୍ଯ୍ୟକ୍ରମର ପ୍ରମୁଖ ଆଇଟମ ଭାବରେ କେଉଁଠି ମେନୁରେ ଲିଖିତ ଆକାରରେ ତ ଆଉ କେଉଁଠି ଲୁକାୟିତ ଭାବରେ ମଦ୍ୟପାନୀୟର ବ୍ୟବସ୍ଥା ସୁନିଶ୍ଚିତ। ବିନାମଦରେ ସବୁ ଫିକା ପାଣିଚିଆ। ମଦ ଏବେ ଖୋଲାମେଲାରେ, ତେଜରାତି, ଫାଷ୍ଟ ଫୁଡ୍ ଏବଂ ଜଳଖିଆ ଦୋକାନରେ ମଧ୍ୟ ମିଳୁଛି। ରାସ୍ତାକର, ମଝିବିଲ, ନଈଘାଟ ଏବଂ ଆମ୍ବତୋଟାରେ ଚାଖଣା ସାଙ୍ଗରେ ଭାରି ମଜାଲାଗେ। ବିଶେଷକରି ବାହାଘର ବରଯାତ୍ରୀଙ୍କ ପ୍ରଥମ ପ୍ରଶ୍ନ ପାଣିର ଅୟୋଜନ ହେଇଛିତ ? ନହେଲେ କିଏ ବରଯାତ୍ରୀ ଯାଉଛି । ଆଜିର ଯୁବକମାନଙ୍କ ଯେକୌଣସି ସାମାଜିକ କାର୍ଯ୍ୟକ୍ରମର ପ୍ରମୁଖ ଡିମାଣ୍ଡ ମଦ୍ୟପାନୀୟ।

ସାରା ଓଡିଶାରେ ପ୍ରତି ଜିଲ୍ଲାରେ ନୂଆ ମଦ କାଉଣ୍ଟର ଖୋଲିବାପାଇଁ ସରକାଙ୍କଦ୍ୱାରା ନିଷ୍ପତ୍ତିକୁ ପରିପୂରଣ କରିବାରେ ଜିଲ୍ଲାପାଳଗଣ ସଂକଳ୍ପବଦ୍ଧ। ସରକାଙ୍କଦ୍ୱାରା ଦ୍ୱାରା ଯେତେସବୁ ଉନ୍ନୟନମୂଳକ ଯୋଜନାର ଭିତ୍ତିପ୍ରସ୍ଥର ଶୁଭ ଦିଆଯାଉଛି, ସେଥିରୁ ନେତାମନ୍ତ୍ରୀ ତଥା ବିଭାଗୀୟ କର୍ମଚାରୀଙ୍କୁ ଖୁସି କରାଇବାପାଇଁ ପାର୍ଟିସାର୍ଟୀର ବ୍ୟବସ୍ଥାକୁ ବାଦ ଦେଇହେବନି। ଆଜିକାଲିକା ପାର୍ଟିରେ ଖାଦ୍ୟ ଯାହା ହେଉନା କାହିଁକି ସେଥିରେ ବିଶେଷ ପାନୀୟର ଆବଶ୍ୟକାତା ରହିଛି। କଥାରେ ଅଛି ଜୀବନରେ କଣ ଅଛି, ଏଇ ଅଛି ଆରବେଲାକୁ କିଏ ଦେଖିଛି। ଖାଇପିଇ ଜୀବନକୁ ଉପଭୋଗ କର। ଆଜି ମଲେ କାଲି ଦୁଇଦିନ। ଏଗାର ଦିନ ଭୋଜି ପରେ କାହାକୁ କିଏ ମନେ ରଖୁଛି ନା ମନେ ପକାଉଛି।କେବଳ କାନ୍ଥରେ ଖଣ୍ଡେ ଲାମିନେଟ ଫଟୋ ଝୁଲେଇଦେଲେ କାମ ଶେଷ। ଏଇସନ ଓଡ଼ିଶା ସରକାଙ୍କଦ୍ୱାରା ୧୧୬୪ଟି ମଦ କାଉଣ୍ଟର ଖୋଲିବାକୁ ଲାଇସେନ୍ସ ପାଇଁ ନୋଟିସ ଜାରି କରାଯାଇଥିଲା । ୨୯୦୦୦ ଆବେଦନକାରୀ । ବିଦେଶୀ ମଦ କାଉଣ୍ଟର ପାଇଁ ୩ଲକ୍ଷ ଓ ଦେଶୀ ପାଇଁ ୨ଲକ୍ଷ ଆବେଦନ ରାଶି ଯାହାକୁ ଫେରସ୍ତ ଦିଆଯିବ ନାହିଁ। ଲାଇସେନ୍ସ ଟେଣ୍ଡର ଆବେଦନରୁ ରାଜ୍ୟ ସରକାର ୮୪୦ କୋଟିର ଏକ ମୋଟାଅଙ୍କର ଅର୍ଥ ରାଶି ମାଗଣାରେ ରୋଜଗାର କରିଛନ୍ତି। ଏହା ସରକାଙ୍କ ଦ୍ୱାରା ଏକ ବାର୍ଷିକ ବୃହତ୍ ଆର୍ଥିକ ଆମଦାନୀ ପ୍ୟାକେଜ କହିଲେ ଅତ୍ୟୁକ୍ତି ହେବନାହିଁ। ସତରେ ମଦପାଇଁ ଲୋକ ଖାଇବା ଭୁଲିଯାଉଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ବଞ୍ଚୁଥିବା ମଣିଷଗୁଡାକ ବି ମଦ ସେବନରେ ଆଗରେ। ମିଳୁଥିବା ରାସନ ଚାଉଳକୁ ବିକି ଲୋକ ଏବେ ପହଞ୍ଚି ଯାଉଛନ୍ତି ମଦ କାଉଣ୍ଟର ପାଖରେ। ଘରେ ତେଣିକି ଚୁଲି ଜଳୁକି ନଜଳୁ। କିଏ ଖାଉ କି ନଖାଉ କିନ୍ତୁ ମଦର ନିଶାରେ ମାତାଲ ଘରର ମୁଖିଆ। ବାସ୍ତବରେ, ଏ ମଦ ଜିନିଷରେ ମହତ୍ୱ ଯୁଗେଯୁଗେ ରହିଛି। 'କି ଗଦ ସୁଙ୍ଘେଇଛି କେଜାଣି ମଦ ତାବିନା ଜୀବନଟା ସତେ ଯେମିତ ମୁକ ଆଉ ବଧିର'। ମଦ ପେଇବାକୁ ଦେଲେ ମିଳନ୍ତି ବନ୍ଧୁ ଅନେକ । 'ମଦ ସଙ୍ଗେ ଟିକେ ମିଳିଲେ ଚାଖଣ ଯୁବାବୃଦ୍ଧ ସଭିଙ୍କୁ ଦିଶେ ଚଉଦ ବ୍ରହ୍ମାଣ୍ଡ'। ସରକାରଙ୍କୁ ଅଧିକ ରାଜସ୍ୱ କେବଳ ମିଳୁଛି ଅବକାରୀ ବିଭାଗରୁ। ମଦ ତଥା ନିଶା ଦ୍ରବ୍ୟରୁ ମିଳୁଥିବା ଆର୍ଥିକ ଅଭିବୃଦ୍ଧି ଯେଉଁଥିରେ ବିଭିନ୍ନ ସରକାରୀ ଯୋଜନାର ବ୍ୟୟ ବରାଦ କରାଯାଉଛି। ରାଜ୍ୟ ସରକାଙ୍କଦ୍ୱାରା ଦେଶୀମଦ ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ଗବେଷଣା ଚାଲିଛି। ମାଣ୍ଡିଆ, ମହୁଲି, ଚାଉଳ ତଥା ଅନ୍ୟାନ୍ୟ ବନ୍ୟଜାତୀୟ ଫୁଲ-ଫଳ-ଚେରମୂଳ ଉପାଦାନରୁ ପ୍ରାକୃତିକ ଉପାୟରେ ଦେଶୀ ମଦପାନୀୟ ପ୍ରସ୍ତୁତି କରିବା ଦିଗରେ ସରକାର ଆଗ୍ରହ ସହ ପଦକ୍ଷେପ ନେଉଛନ୍ତି।

ମଦ୍ୟପାନୀୟର ଆରମ୍ଭର ନିର୍ଦ୍ଦିଷ୍ଟ ସମୟ ନିରୂପଣ କରିବା ଅସମ୍ଭବ। ଭାରତରେ ବୈଦିକ ଯୁଗର ପୂର୍ବରୁ ମଦ୍ୟପାନୀୟ ବିଷୟରେ ବର୍ଣନା କରାଯାଇଛି। ସୁରା ଏବଂ ସୋମ ରସ ବିଷୟରେ କିଛି ତଥ୍ୟ ମିଳେ। ଋଗ୍ ବେଦରେ ସୋମ ରସକୁ ଏକ ପବିତ୍ର ପାନୀୟରୂପେ ବିଭିନ୍ନ ଧାର୍ମିକ ତଥା ମାଙ୍ଗଳିକ କାର୍ଯ୍ୟରେ ପାନ କରାଯାଏ। ଏହା ଫଳ ରସରୁ ପ୍ରସ୍ତୁତ ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ। ଅନ୍ୟ ପକ୍ଷରେ ସୁରା ରସକୁ ପ୍ରାଚୀନ ଭାରତର ଖାଦ୍ୟଶସ୍ୟ ଯଥା ଚାଉଳ, ବାର୍ଲି, ଗହମ ଆଦିରୁ ପ୍ରସ୍ତୁତି କରାଯାଇଥାଏ। ଏହା ଏକ ପ୍ରକାର ମିଶ୍ରିତ ପାନୀୟ ଯାହାକୁ ରାଜକୀୟ ସମ୍ଭ୍ରାନ୍ତ ଏବଂ ଯୋଦ୍ଧାମାନଙ୍କୁ ପାନ କରିବାକୁ ଦିଆଯାଏ। ଶାରୀରିକ ଅଭିବୃଦ୍ଧି, ଶକ୍ତିଶାଳୀ ତଥା ସୁସ୍ଥତା ପାଇଁ ସୁରା ପାନ ଉପରେ ଗୁରୁତ୍ୱ ଦିଆଯାଉଥିଲା। ଚରଖ ଏବଂ ସୁଶ୍ରୁ ସଂହିତାରେ ମଦ୍ୟପାନୀୟକୁ ଔଷଧ ଭାବରେ ଗ୍ରହଣ କରାଯାଇଛି। ତାହା ପୁଣି ଏକ ନିର୍ଦ୍ଧିଷ୍ଟ ମାତ୍ରାରେ। ସମୟକ୍ରମେ ସୁରା ଏକ ରାଜକୀୟ ପାନୀୟ ଭାବରେ ନିଜର ପରିଚୟ ସୃଷ୍ଟି କଲା। ପୃଥିବୀର ସମ୍ଭ୍ରାନ୍ତ ପରିବାରରେ ଜନ୍ମିତ ବ୍ୟକ୍ତିମାନଙ୍କର ଏହା ବିଳାସମୟ ଜୀବନଯାପନର ଏକ ଅତ୍ୟାବଶ୍ୟକ ପ୍ରମୁଖ ପାନୀୟରୂପେ ପିଢୀ ପରେ ପିଢୀ ଗ୍ରହଣୀୟ ହୋଇଆସିଲା। ମଦିରା ପାନ ବା ମଦିରା ରସ ଏକ ବିଳାସମୟ ଉପାଦାନ ମଧ୍ୟରେ ଅନ୍ତର୍ଭୁକ୍ତ। ଧୀରେ ଧୀରେ ମାଦକ ପାନୀୟର ଚାହିଦା ବଢ଼ି ଚାଲିଲା। ଆର୍ଥିକ ସ୍ୱଚ୍ଛଳ ପରିବାର ଲୋକେ ପିଇବା ଆରମ୍ଭ କରିଥିବା ମଦ୍ୟପାନୀୟ ଧୀର ଧୀରେ ଖଟିଖିଆ ଦିନ ମଜୁରିଆ ତଥା ଆର୍ଥିକ ଦୁର୍ବଳ ବ୍ୟକ୍ତିମାନଙ୍କର ଦୈନିକ ପାନୀୟ ଜଳଭାବେ ଖୁବ୍ ଆଦର ଲାଭ କରିବା ଅନେକ ସମୟରେ ଚିନ୍ତା ପ୍ରକଟ କରେ। ନାରୀ, ଜୁଆ ଏବଂ ମଦ ସଂସାରର ସମସ୍ତ ଅନର୍ଥର କାରଣ। ମଦ ନିଶା ଥରେ ଘାରିଲେ ଦୁର୍ଘଟଣା, ଜୀବନହାନୀ, ଶରୀର କଷ୍ଟ ତଥା ପାରିବାରିକ ସମ୍ପର୍କକୁ ବିପର୍ଯ୍ୟସ୍ତ କରେ ତାକୁ ଅନୁଭବ କରି ମଧ୍ୟ ଏ ସଭ୍ୟସମାଜ ଆବୁଝା ? ପ୍ରତିଦିନ ଦୁର୍ଘଟଣା, ପାରିବାରିକ କଳହ, ଶାରିରୀକ ନିର୍ଯାତନା ସହ ଆର୍ଥିକ ଅବନତି ସତ୍ତ୍ୱେ ମଦର ମଜାରୁ କେହି ଦୂରେଇବାକୁ ଇଚ୍ଛା ପ୍ରକାଶ କରୁନାହିଁ। ଅଧିକ ରାଜସ୍ୱ ମିଳୁଥିବା ମଦକୁ ସରକାରଙ୍କ ଦୁଃଖ ଯାଉଥିଲା ନିଷେଧ କରିବାକୁ। ବରଂ ଆଗାମୀ ଭବିଷ୍ୟତରେ ନୂଆ ନୂଆ କାଉଣ୍ଟର ଖୋଲି ସାଧାରଣ ଜନତାଙ୍କୁ ସୁବିଧା ଯୋଗାଇ ଦେଲେ ଯୁବସମାଜ ସରକାରଙ୍କ ନିକଟରେ ଚିରଋଣୀ ରହିବେ। ମଦବିନା ଦେଶ ତଥା ରାଜ୍ୟର ଅସ୍ତିତ୍ୱ କାହିଁ? ଏ ରାତିର ସକାଳ କେବେ ଆସିବ ହିଁ ନାହିଁ। ମଦମୁକ୍ତ ବିଶ୍ୱର ପରିକଳ୍ପନା ଏକ ମିଥ୍ୟା ପ୍ରହସନ।

+ଦର୍ଶନ ବିଭାଗ ମୁଖ୍ୟ
ବିଏନ୍‌ଏମ୍ ଏ ମହାବିଦ୍ୟାଳୟ,
ଭଦ୍ରକ
ମୋ ୮୮୯୫୩୪୧୦୩୩

କବିତା କୋଣାର୍କ

## ମାଟିର ଆଶା

ସବିତା ସାବତ

ତୁମେ ଛୁଇଁବାକୁ ଚାହଁ ଆକାଶ
ଗଢ଼ିବାକୁ ଚାହଁ ମହଲ
ଅର୍ଜିବାକୁ ଚାହଁ ପୂଣ୍ୟ
ଲେଖିବାକୁ ଚାହଁ କବିତା
ରଚିବାକୁ ଚାହଁ ଇତିହାସ

ହେଲେ ମାଟିକୁ ପଦାଘାତ କରି
ଏସବୁ କଣ ସମ୍ଭବ ?
ମାଟିରେ କଣ ଆଉ ସେ ମିଠାପଣ ଅଛି ?
ମାଟି କ'ଣ ବାସୁଚି ଆଉ ଆଗ ଭଳି ?
ଉଧାରୁଆ ମୌସୁମୀର
ବତୁରା ଯନ୍ତଣାରେ
ନାହିଁ ଆଉ ସେ ଇନ୍ଦ୍ରଧନୁର ବର୍ଣ୍ଣାଳି।

ଶସ୍ୟଶାଳିନୀ ମାଟିକୁ ବନ୍ଧ୍ୟା କରି
ତୁମେ ଫୁଙ୍କି ପାରିବ ତ ବିଜୟର ଶଙ୍ଖ ?
ତା' ଗର୍ଭକୁ ଆବିଳ କରି ତୁମେ
ଧୋଇ ପାରିବ ତ ତୁମ ପାପ ?
ତା' ସନ୍ତାନର ରକ୍ତରେ ହୋଲି ଖେଳି
ତୁମେ ଗଢ଼ି ପାରିବ ତ ଶାନ୍ତିର ସାମ୍ରାଜ୍ୟ ?

କ୍ଷୁଧା ତୃଷାର ହାହାକାର ଭିତରେ
ଲେଖା ହୋଇଥିବା ତୁମ କବିତା
ହୋଇ ପାରିବ କି କାଳଜୟୀ ?
ମାତୃ ଅଭିଶପ୍ତା ଜାତି କ'ଣ କେବେ
ରଚି ପାରିଛି ସ୍ୱର୍ଣ୍ଣିମ ଇତିହାସ ?

ମାଟିକୁ ପର କରି ତୁମେ
ମାଟି ଠାରୁ ଆଶା କରିଛ ଅନେକ କିଛି।
ଆତ୍ମଦାହର ଅଭିମାନରେ ସେ କ୍ଷୁବ୍ଧ।
ବକ୍ଷ ତା'ର ରକ୍ତାକ୍ତ।
ମଳୟ ଆଉ ଆଉଁସୁନି ତା'ର
ଅଳରା କେଶ।

ନିଜ ସନ୍ତାନ ସହ ଆଜି
ଛିଣ୍ଡି ଛିଣ୍ଡି ଯାଉଛି
ମାଟି ମାଆର ବିଶ୍ୱାସର ରଜ୍ଜୁ।
ଆକାଶକୁ ଚୁଇଁବାର ଉର୍ଦ୍ଧ୍ୱୋମୁଖୀ
ଅହଙ୍କାର ବଳରେ
ତୁମେ ଯୋଜନ ଯୋଜନ
ଦୂରେଇ ଯାଉଛ ମାଟି ଠାରୁ।

ନତୋମୁଖ ହୋଇ
ତା' ଧୂଳିରେ ଗୋଳି ହୋଇ
ଥରେ ପଚ୍ଚାରି ବୁଝ..
ମାଟି କ'ଣ ଚାହେଁ ?
କ'ଣ ତା'ର ଆଶା ?

+ଶିକ୍ଷୟିତ୍ରୀ
ସ୍ୱାମୀ ଚିଦାନନ୍ଦ ଶିଶୁ ମନ୍ଦିର ବେଲଗାଁ
(ଗଣ୍ଡଳା)
ମୋ:୮୨୪୯୬୦୧୦୪୪

## ତୁମେ ମୋ'ର ପ୍ରତିଧ୍ୱନି

ନୀଳମଣି ଚାନ୍ଦ



କେବେ ଭାବିଛ କି ମୁଁ ତୁମର ଧ୍ୱନି
ତୁମେ ମୋ'ର ପ୍ରତିଧ୍ୱନି
ନିରନ୍ତର ଗାଇ ଚାଲ ମୋ ପାଇଁଟି
ତୁମେ ସତେ ଆବାହନୀ ।

ମୁଁ ତୁମର କାୟା ତୁମେ ମୋ'ର ଛାୟା
ପଛେ ପଛେ ଚାଲୁଥାଅ
ସୂର୍ଯ୍ୟ ଶତଦଳ ଆମ ସମ୍ପର୍କକୁ
କେବେ ତ ଭୁଲି ନ ଯାଅ
ମୋର ସବୁ ଅଭିମାନକୁ ସହୁଛ
ହୋଇ ସତେ ଅଭିମାନୀ ।

ମୋ'ର ନିଃଶ୍ୱାସକୁ ତୁମେ ତ ବିଶ୍ୱାସ
ସମ୍ପର୍କଟି କ୍ଷୀର ନୀର
ଋତୁରାଜ ମୁହିଁ ତୁମେ ମୋ ମଳୟ
ରୁହନାହି ହୋଇ ସ୍ଥିର
ମୁଁ ସାଗର ବେଳା ତୁମେ ପରା ଢେଉ
ଏକଥା ପାରୁଛି ଜାଣି ।

+ମନ୍ତମାନୋର,ଗୋଠପାଠଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ମାନବତାବାଦୀ କବି ଗୋପବନ୍ଧୁ

**ସ୍ୱାଗତିକା ସାହୁ**



ଗୋପବନ୍ଧୁ ଦାସ ଓଡ଼ିଶାର ଜଣେ ମହାନ କବି, ସାହିତ୍ୟିକ, ସମାଜସେବୀ, ସାମ୍ବାଦିକ ଏବଂ ସ୍ୱାଧୀନତା ସଂଗ୍ରାମୀ ଥିଲେ। ସେ କେବଳ ରାଜନୀତି କିମ୍ବା ସମାଜସେବାରେ ନୁହେଁ, ଓଡ଼ିଆ ସାହିତ୍ୟରେ ମଧ୍ୟ ଅମୂଲ୍ୟ ଅବଦାନ ରଖିଥିଲେ। ତାଙ୍କ କବିତାଗୁଡ଼ିକରେ ଦେଶପ୍ରେମ, ମାନବତା, ତ୍ୟାଗ, ସେବା, ଆଧ୍ୟାତ୍ମିକତା ଏବଂ ସମାଜ ସଂସ୍କାରର ଭାବନା ପ୍ରକାଶ ପାଇଛି। ସେ ଜନସାଧାରଣଙ୍କ ଦୁଃଖ, ଦାରିଦ୍ର୍ୟ ଓ ଅସହାୟତାକୁ ନିକଟରୁ ଦେଖିଥିଲେ ଏବଂ ସେହି ଅନୁଭୂତି ତାଙ୍କ କବିତାରେ ପ୍ରତିଫଳିତ ହୋଇଛି। ସେ କେବଳ କବି ନୁହେଁ, ଜଣେ ସମାଜସେବୀ, ଦେଶପ୍ରେମୀ ଓ ମାନବତାବାଦୀ ଥିଲେ। ତେଣୁ ତାଙ୍କ କବିତାରେ ଜୀବନ ଓ ଆଦର୍ଶର ଛାପ ଦେଖିବାକୁ ମିଳେ।

ଗୋପବନ୍ଧୁଙ୍କ କବିତାର ପ୍ରମୁଖ ସ୍ୱର ହେଉଛି ଦେଶପ୍ରେମ। ସେ ଦେଶ ପାଇଁ ତ୍ୟାଗ, ବଳିଦାନ ଓ ସେବାର ବାର୍ତ୍ତା ଦେଇଛନ୍ତି। ତାଙ୍କ କବିତାରେ ମଣିଷର ଦୁଃଖ, ଦାରିଦ୍ର୍ୟ ଓ କଷ୍ଟ ପ୍ରତି ଗଭୀର ସହାନୁଭୂତି ରହିଛି। ସେ ମାନବସେବାକୁ ସର୍ବୋଚ୍ଚ ଧର୍ମ ବୋଲି ମାନୁଥିଲେ। ଅନ୍ଧବିଶ୍ୱାସ, କୁସଂସ୍କାର, ଅଶିକ୍ଷା ଓ ସାମାଜିକ ଅନ୍ୟାୟ ବିରୋଧରେ ସେ କବିତା ମାଧ୍ୟମରେ ସଚେତନତା ସୃଷ୍ଟି କରିଛନ୍ତି। ତାଙ୍କ କବିତାରେ ଶିକ୍ଷାକୁ ଜାତିର ଉନ୍ନତିର ମୂଳ ଆଧାର ବୋଲି ଦର୍ଶାଯାଇଛି। ଧର୍ମ, ସତ୍ୟ, ତ୍ୟାଗ, ନିଷ୍ଠା ଓ ନୈତିକ ମୂଲ୍ୟବୋଧ ତାଙ୍କ କବିତାରେ ପ୍ରମୁଖ ସ୍ଥାନ ପାଇଛି। ଗୋ-ମାହାତ୍ମ୍ୟ ପରି କାବ୍ୟରେ ଗ୍ରାମୀଣ ଅର୍ଥନୀତି, କୃଷି ଓ ଗୋପାଳନର ଗୁରୁତ୍ୱ ପ୍ରକାଶ ପାଇଛି। କାରା କବିତା ପରି ରଚନାରେ ନିଜ ସ୍ୱାର୍ଥକୁ ତ୍ୟାଗ କରି ଦେଶ ଓ ସମାଜ ପାଇଁ ଜୀବନ ଉତ୍ସର୍ଗ କରିବାର ଆଦର୍ଶ ଦେଖାଯାଏ। ଗୋପବନ୍ଧୁ ଦାସଙ୍କ କବିତାରେ ଦେଶପ୍ରେମ, ମାନବତା, ସମାଜସେବା, ଶିକ୍ଷା, ନୈତିକତା, ତ୍ୟାଗ ଓ ଲୋକକଲ୍ୟାଣର ଭାବନା ପ୍ରତିଫଳିତ ହୋଇଛି। ତାଙ୍କ କବିତା କେବଳ ସାହିତ୍ୟ ନୁହେଁ, ଏକ ଆଦର୍ଶ ଜୀବନର ପଥପ୍ରଦର୍ଶକ ଭାବେ ମଧ୍ୟ ପରିଗଣିତ।

"ଅବକାଶ ଚିନ୍ତା" ଗୋପବନ୍ଧୁଙ୍କ ଏକ ଚିନ୍ତନଶୀଳ କବିତା। ଏହି କବିତାରେ କବି ନିଜ ଜୀବନ, ସମାଜ ଏବଂ ଦେଶର ଅବସ୍ଥା ସମ୍ପର୍କରେ ଗଭୀର ଭାବନା ପ୍ରକାଶ କରିଛନ୍ତି। କବି ମନେ କରନ୍ତି ଯେ ମଣିଷ ଜୀବନ କେବଳ ଭୋଗବିଳାସ ପାଇଁ ନୁହେଁ। ଜୀବନର ପ୍ରକୃତ ଲକ୍ଷ୍ୟ ହେଉଛି ସମାଜ ଓ ଦେଶର କଲ୍ୟାଣ। ମଣିଷ ନିଜର ସମୟକୁ ସଦୁପଯୋଗ କରିବା ଉଚିତ ଏବଂ ଅନ୍ୟମାନଙ୍କ ଉପକାର ପାଇଁ କାର୍ଯ୍ୟ କରିବା ଉଚିତ। ଏହି କବିତାର ମୁଖ୍ୟ ବାର୍ତ୍ତା ହେଉଛି ଆତ୍ମସମୀକ୍ଷା ଏବଂ ଜୀବନର ସଦୁପଯୋଗ।

'ବନ୍ଦୀର ଆତ୍ମକଥା' ଗୋପବନ୍ଧୁଙ୍କର ସବୁଠାରୁ ଲୋକପ୍ରିୟ କବିତାମାନଙ୍କ ମଧ୍ୟରୁ ଗୋଟିଏ। ଏଥିରେ ଜଣେ ବନ୍ଦୀର ଜୀବନ କାହାଣୀ ବର୍ଣ୍ଣିତ ହୋଇଛି।

ବନ୍ଦୀ କାରାଗାର ଭିତରେ ରହି ସ୍ୱାଧୀନତାର ମୂଲ୍ୟ ବୁଝିପାରେ। ସେ ନିଜ ଭୁଲ ପାଇଁ ଅନୁତାପ କରେ ଏବଂ ମୁକ୍ତ ଜୀବନ ପାଇଁ ଆକାଂକ୍ଷା କରେ। କବି ଏହି ବନ୍ଦୀର ମାଧ୍ୟମରେ ସ୍ୱାଧୀନତାର ଗୁରୁତ୍ୱ ଏବଂ ମାନବ ଜୀବନର ମୂଲ୍ୟକୁ ଉପସ୍ଥାପନ କରିଛନ୍ତି।

ଏହି କବିତା ଆମକୁ ଶିଖାଏ ଯେ ସ୍ୱାଧୀନତା ମଣିଷର ସବୁଠାରୁ ବଡ଼ ସମ୍ପଦ।

"ରେଳ ଉପରେ" କବିତାରେ କବି ରେଳଯାତ୍ରା ସମୟରେ ଦେଖିଥିବା ବିଭିନ୍ନ ଦୃଶ୍ୟ ଏବଂ ସାମାଜିକ ଅବସ୍ଥାର ବର୍ଣ୍ଣନା କରିଛନ୍ତି। ଯାତ୍ରା ସମୟରେ ସେ ଗରିବ, ଧନୀ, ଶିକ୍ଷିତ ଓ ଅଶିକ୍ଷିତ ଲୋକଙ୍କ ଜୀବନକୁ ଦେଖନ୍ତି। ସମାଜରେ ଥିବା ଅସମାନତା, ଦାରିଦ୍ର୍ୟ ଓ ଅନ୍ୟାୟ ପ୍ରତି ସେ ଚିନ୍ତା ପ୍ରକାଶ କରନ୍ତି। ଏହି କବିତା ମାଧ୍ୟମରେ ସେ ସମାଜରେ ସମାନତା ଏବଂ ମାନବିକତା ସ୍ଥାପନର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି।

"ଗୋ-ମାହାତ୍ମ୍ୟ" କବିତାରେ ଗୋମାତାର ମହତ୍ତ୍ୱ ବର୍ଣ୍ଣିତ ହୋଇଛି। ଗୋପବନ୍ଧୁ ଗାଈକୁ ଭାରତୀୟ କୃଷି, ଅର୍ଥନୀତି ଏବଂ ସଂସ୍କୃତିର ଏକ ମୁଖ୍ୟ ଆଧାର ଭାବେ ଦେଖିଥିଲେ। ଗାଈ ମଣିଷକୁ କ୍ଷୀର, ଗୋବର, ଗୋମୂତ୍ର ଓ କୃଷିକାର୍ଯ୍ୟରେ ସହାୟତା ଯୋଗାଇଥାଏ। କବି ଗୋସେବା ଓ ଗୋରକ୍ଷାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ଏହି କବିତା ଭାରତୀୟ ଗ୍ରାମୀଣ ଜୀବନ ସହ ଜଡ଼ିତ।

"ଧର୍ମପଦ" କବିତା ଓଡ଼ିଶାର ଗୌରବମୟ ଇତିହାସ ସହ ଜଡିତ।କୋଣାର୍କ ସୂର୍ଯ୍ୟମନ୍ଦିର ନିର୍ମାଣ ସମୟରେ ଜଣେ ବାଳକ ଧର୍ମପଦ ନିଜ ବୁଦ୍ଧି ଓ କୌଶଳ ଦ୍ୱାରା ମନ୍ଦିରର ଶେଷ କାମ ସମ୍ପୂର୍ଣ୍ଣ କରିଥିଲେ। କିନ୍ତୁ କାରିଗରମାନଙ୍କୁ ବଞ୍ଚାଇବା ପାଇଁ ସେ ନିଜ ଜୀବନ ବଳିଦାନ ଦେଇଥିଲେ।ଏହି କବିତାରେ ତ୍ୟାଗ, ବୀରତ୍ୱ, କର୍ତ୍ତବ୍ୟନିଷ୍ଠା ଓ ଦେଶପ୍ରେମର ଭାବନା ପ୍ରକାଶ ପାଇଛି।

ଗୋପବନ୍ଧୁ ଦାସ ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେବା କାରଣରୁ କାରାଗାରକୁ ଯାଇଥିଲେ। କାରାଗାରରେ ଥିବା ସମୟରେ ସେ ଅନେକ କବିତା ଲେଖିଥିଲେ। ଏହି କବିତାଗୁଡ଼ିକରେ ତାଙ୍କର ଦେଶପ୍ରେମ, ଆତ୍ମତ୍ୟାଗ ଏବଂ ସ୍ୱାଧୀନତା ପ୍ରତି ଗଭୀର ଆକାଂକ୍ଷା ପ୍ରକାଶ ପାଇଛି। କାରାଗାରର କଷ୍ଟ ମଧ୍ୟରେ ମଧ୍ୟ ସେ ଦେଶର ଭବିଷ୍ୟତ ବିଷୟରେ ଆଶାବାଦୀ ଥିଲେ।

ଏହି କବିତାଗୁଡ଼ିକ ଜାତୀୟ ଚେତନାର ଉତ୍କୃଷ୍ଟ ଉଦାହରଣ। ଗୋପବନ୍ଧୁଙ୍କ ଅଧିକାଂଶ କବିତାରେ ମାତୃଭୂମି ପ୍ରତି ଅଗାଧ ପ୍ରେମ ଦେଖିବାକୁ ମିଳେ। ସେ ଚାହୁଁଥିଲେ ଓଡ଼ିଶା ଓ ଭାରତ ଉନ୍ନତିର ପଥରେ ଆଗକୁ ବଢୁ।ତାଙ୍କ କବିତା ଯୁବପିଢ଼ୀଙ୍କୁ ଦେଶସେବା ପାଇଁ ପ୍ରେରଣା ଦେଇଥାଏ। ସେ ନିଜ ଜୀବନରେ ଯାହା ଆଦର୍ଶ ପାଳନ କରିଥିଲେ, ତାହାକୁ କବିତାରେ ମଧ୍ୟ ପ୍ରକାଶ କରିଥିଲେ। ଗୋପବନ୍ଧୁଙ୍କ କବିତାରେ ମାନବସେବାର ଭାବନା ବହୁତ ପ୍ରବଳ। ସେ ଦୁଃଖୀ, ଗରିବ ଓ ଅସହାୟ ଲୋକଙ୍କ ସେବାକୁ ସର୍ବୋଚ୍ଚ ଧର୍ମ ବୋଲି ମନେ କରୁଥିଲେ।ତାଙ୍କ କବିତା ଆମକୁ ଶିଖାଏ ଯେ ଜାତି, ଧର୍ମ, ବର୍ଣ୍ଣ ଓ ଭାଷାର ଭେଦଭାବ ଭୁଲି ସମସ୍ତଙ୍କୁ ଭଲପାଇବା ଉଚିତ। ତାଙ୍କ କବିତାରେ ସରଳତା, ଦେଶପ୍ରେମ,ମାନବି କତା, ନୈତିକତା, ଆଧ୍ୟାତ୍ମିକତା ସ୍ପଷ୍ଟ ଭାବରେ ପରିଲକ୍ଷିତ ହୁଏ।

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କବିତାଗୁଡ଼ିକ କେବଳ ସାହିତ୍ୟ ନୁହେଁ, ବରଂ ଜୀବନର ଶିକ୍ଷା। ତାଙ୍କ ରଚନାରେ ଦେଶପ୍ରେମ, ତ୍ୟାଗ, ସେବା, ମାନବତା ଓ ନୈତିକତାର ମହାନ ବାର୍ତ୍ତା ନିହିତ ଅଛି। "ଅବକାଶ ଚିନ୍ତା", "ବନ୍ଦୀର ଆତ୍ମକଥା", "ରେଳ ଉପରେ", "ଗୋ-ମାହାତ୍ମ୍ୟ", "ଧର୍ମପଦ" ଏବଂ "କାରା କବିତା" ଭଳି ରଚନାମାନେ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ। ସେଗୁଡ଼ିକ ଆଜି ମଧ୍ୟ ପାଠକଙ୍କୁ ସତ୍ୟ, ସେବା ଓ ଦେଶପ୍ରେମର ପଥରେ ଚାଲିବାକୁ ପ୍ରେରଣା ଦେଇଥାଏ।

+ଶିକ୍ଷା ଅଧ୍ୟାପିକା, ନେତାଜୀ ସୁବାଷ ବୋଷ ସ୍ନାତକ ମହାବିଦ୍ୟାଳୟ,
ତୁମୁଡିବନ୍ଧ, କନ୍ଧମାଳ
ମୋ: ୮୬୩୭୨୬୨୯୭୩

# ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ

**ଡାକ୍ତର ଶୁଭଶ୍ରୀ ମିଶ୍ର**



ଗ୍ରୀଷ୍ମ ଋତୁରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖିବାକୁ ମିଳେ। ତନ୍ମଧ୍ୟରୁ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ହେଉଛି ଏଭଳି ଏକ ସମସ୍ୟା ଯେଉଁଥିପାଇଁ ଲୋକମାନେ ଅନେକ ସମୟରେ ଅସୁବିଧାରେ ପଡ଼ନ୍ତି। ଶରୀରରେ ଅତ୍ୟଧିକ କିମ୍ବା କମ ପରିମାଣର ଜଳ ହେତୁ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ଦେଖାଦେଇପାରେ। ଶରୀରରେ ଜଳ ସନ୍ତୁଳନ ବଜାୟ ରଖିବା, କୋଷକୁ ପୁଷ୍ଟିକର ଖାଦ୍ୟ, ଯୋଗାଇବା, ବର୍ଜ୍ୟବସ୍ତୁ ବାହାର କରିବା, ସ୍ନାୟୁକୁ ସଙ୍କେତ ପଠେଇବାରେ ସାହାଯ୍ୟ କରିବା, ମାଂସପେଶୀକୁ ଆରାମ ଦେବା ଏବଂ ମସ୍ତିଷ୍କ ଏବଂ ହୃଦୟ ଭଲ କାର୍ଯ୍ୟ କରିବାରେ ଇଲେକ୍ଟ୍ରୋଲାଇଟର ବିଶେଷ ଭୂମିକା ରହିଛି। ସୋଡ଼ିୟମ, ପୋଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଫସଫେଟ, କ୍ଲୋରାଇଡ଼ ପରି ଉପାଦାନ ଗୁଡ଼ିକ ଇଲେକ୍ଟ୍ରୋଲାଇଟ ବଜାୟ ରଖିବାରେ ସହାୟକ ହୋଇଥାଏ। ଏହି ପୋଷକ ତତ୍ତ୍ୱରେ ଅସନ୍ତୁଳନ ହେଲେ ଶରୀରରେ ଅନେକ ପ୍ରକାରର ସମସ୍ୟା ଦେଖାଦେଇପାରେ। ତେଣୁ ଏହାର ଲକ୍ଷଣ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ସମସ୍ତଙ୍କ ଶରୀରରେ ସମାନ ଭାବରେ ଦେଖା ଦେଇନଥାଏ। ଛୋଟ ପିଲା, ବୟସ୍କ, ଯୁବ ବର୍ଗ, ପରିଶ୍ରମୀ ମଣିଷ, ମହିଳା ମାନଙ୍କ ପାଇଁ ସେମାନଙ୍କ ଶରୀରର ସଞ୍ଚାଳନ ଓ କର୍ମ ବ୍ୟସ୍ତତାକୁ ଦେଖି ଏହା କମ ବେଶୀ ହୋଇଥାଏ। ତେବେ ବର୍ତ୍ତମାନ ସମୟକୁ ଦେଖିଲେ ପାଣିପାଗରେ କୌଣସି ଶୀତଳତା ନଥିବାରୁ ଏବଂ ପ୍ରଚଣ୍ଡ ଖରାରେ, ସମସ୍ତଙ୍କ ଶରୀରରେ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ଦେଖିବାକୁ ମିଳୁଛି। ବାସ୍ତବ କଥା ହେଉଛି ଏହା ସେପରି ଏକ ଭୟଭୀତ ହେଲାପରି ସ୍ୱାସ୍ଥ୍ୟ ସମସ୍ୟା ନୁହେଁ। କିନ୍ତୁ ଏହାକୁ ହାଲକା ଭାବି ଅଣଦେଖା କରିବା ବା ସମସ୍ୟାକୁ ଗଡ଼େଇବା କାରଣ ରଖିଲେ ପରବର୍ତ୍ତୀ ସମୟରେ ଏହା ଶରୀରରେ ଜଟିଳ ସମସ୍ୟା ସହ ଅନ୍ୟ ରୋଗ ପାଇଁ ପରୋକ୍ଷରେ ଦାୟୀ ହୋଇଥାଏ।

ଉପାୟ : ଶରୀରରେ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ଥିବାର ଯଦି ସାମାନ୍ୟତମ ଅନୁଭବ କରନ୍ତି ତେବେ ଆପଣ ଆପଣଙ୍କ ନିୟମିତ ଖାଦ୍ୟ ତାଲିକା ବଦଳାଇ ଖାଦ୍ୟରେ ଜଳ ଓ ତରଳ ପଦାର୍ଥର ମାତ୍ରା ଅଧିକ ରହୁଥିବା ଜିନିଷ ଗ୍ରହଣ କରନ୍ତୁ। ପ୍ରଚୁର ପରିମାଣର ଚିନି ଲୁଣ ପାଣି ଓ ଯଥା ସମ୍ଭବ ଅଧିକ ପରିମାଣର ଓଆରଏସ ପିଅନ୍ତୁ। କେତେକ ପରିସ୍ଥିତିରେ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ଗୁରୁତର ଏବଂ ଏପରିକି ଜୀବନ ପ୍ରତି ବିପଦ ସୃଷ୍ଟି ମଧ୍ୟ କରିପାରେ। ଏପରି ପରିସ୍ଥିତିରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।

ଏହା କାହିଁକି ହୁଏ ? : ଆପଣଙ୍କ ଶରୀରରେ ଶରୀର ତତ୍ତ୍ୱ ଅନୁଯାୟୀ ଜଳର ପରିମାଣର ମାତ୍ରା ଖସି ଆସିଲେ ବା କମ ହୋଇଗଲେ ସେତେବେଳେ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ହୋଇପାରେ। ଏହାର ଅନେକ କାରଣ ମଧ୍ୟ ରହିଛି। ବାନ୍ତି, ଝାଡ଼ା, ଅତ୍ୟଧିକ ଝାଳ ବାହାରିବା ଭଳି ସମସ୍ୟା ଦେଖାଦେଲେ, ଡାୟୁରେଟିକ ମେଡ଼ିସିନ ଖାଇବା ଦ୍ୱାରା, କିଡ଼ନୀ କିମ୍ବା ଫୁସଫୁସ ରୋଗରେ ପୀଡ଼ିତ ଥିଲେ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ହେବାର ଆଶଙ୍କା ଅଧିକ ରହିଥାଏ। ତେଣୁ ଏଥିପ୍ରତି ଯତ୍ନବାନ ହେବା ଜରୁରୀ।

ଲକ୍ଷଣ : ସାଧାରଣତଃ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନର ସାମାନ୍ୟ ସ୍ତରରେ ଥିବାବେଳେ ଅନେକ ଲକ୍ଷଣ ଦେଖାଯାଇ ନଥାଏ। ଜଣେ ରକ୍ତ ପରୀକ୍ଷା ନକରିବା ପର୍ଯ୍ୟନ୍ତ ଏହି ସମସ୍ୟା ଚିହ୍ନଟ ହେବା ସମ୍ଭବ ହୋଇନଥାଏ। ତେବେ ପରବର୍ତ୍ତୀ ସମୟରେ ଅସ୍ୱସ୍ତିକର ସହ ସମସ୍ୟା ଜଣକୁ ବିଚଳିତ କରିବା ସହ ହୃଦସ୍ପନ୍ଦନ, ଥକ୍କାପଣ, ବାନ୍ତି, ଝାଡ଼ା କିମ୍ବା କୋଷ୍ଠକାଠିନ୍ୟ ଏବଂ ପେଟ ସମସ୍ୟା ସୃଷ୍ଟି ହୋଇଥାଏ। ଯଦି ଏପରି ଲକ୍ଷଣ ଗୁଡ଼ିକ ଦେଖାଯାଏ ତେବେ ନିଶ୍ଚିତ ଭାବରେ ଏହି ବିଷୟରେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ବା ସରକାରୀ ଡାକ୍ତରଖାନାର ତୁରନ୍ତ ସହାୟତା ନେଇପାରିବେ। ଅଭିଜ୍ଞ ଭେଷଜ ବିଶେଷଜ୍ଞ ବା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ମଧ୍ୟ ଆପଣଙ୍କୁ ପରାମର୍ଶ ଦେଇପାରିବେ।

କିପରି ଠିକ କରିବେ ? : ଆପଣଙ୍କର ସ୍ୱାସ୍ଥ୍ୟର ସ୍ଥିତି, ଶରୀର ସନ୍ତୁଳନ, ଡାଏଟ ଚାର୍ଟ, ବିଶ୍ରାମ ଅବଧି, ଆପଣଙ୍କ କର୍ମ ବ୍ୟସ୍ତତା ସବୁକିଛିକୁ ବିଚାର କରି ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହୋଇଥାଏ। ସାଧାରଣତଃ ଆମ୍ଭମାନଙ୍କ ଶରୀରରେ ଥିବା ଖଣିଜ ତତ୍ତ୍ୱ ଅଭାବକୁ ଦୂର କରିବା ପାଇଁ ତରଳ ପଦାର୍ଥର ବ୍ୟବହାର ବେଳେ ବେଳେ କରାଯାଇଥାଏ। ତେବେ କୌଣସି ତତ୍କାଳ ବା ଜରୁରୀ ସମସ୍ୟା ଥିଲେ ଏଥିପାଇଁ କାଜୁଆଲଟି ସେବା ଭାବେ ସାଲଲାଇନ, ଇଞ୍ଜେକ୍ସନର ବ୍ୟବହାର କରାଯାଏ।

ଗ୍ରୀଷ୍ମ ଦିନରେ ବିଶେଷକରି ମହିଳାମାନେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାକୁ ସାମ୍ନା କରିଥାନ୍ତି। କର୍ମଜୀବୀ ମହିଳା ହୁଅନ୍ତୁ ବା ଗୃହିଣୀ ସମସ୍ତେ କର୍ମ ବ୍ୟସ୍ତ ସମୟରେ ବିଶେଷକରି ଗ୍ରୀଷ୍ମ ଦିନରେ ଯେଉଁ ସମସ୍ୟାଟି ଅଧିକ ସାମ୍ନା କରିଥାନ୍ତି ତାହା ହେଉଛି ଏହି ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ। ଏହାକୁ କେହି କେହି ଅଣଦେଖା କରିଥାନ୍ତି କିନ୍ତୁ ଆପଣଙ୍କର ଉଦାସୀନତା ବା ଅବହେଳା ପରବର୍ତ୍ତୀ ସମୟରେ ଅଂଶୁଘାତ ସମସ୍ୟା ପରି ଶରୀରକୁ ସଙ୍କଟାପନ୍ନ କରିଦେବ। ଗ୍ରୀଷ୍ମ ଦିନରେ ନିଜ ଖାଦ୍ୟପେୟ, ବିଶ୍ରାମ ସହ ଯଥା ସମ୍ଭବ ଟାଣ ଖରାରୁ ଦୂରେଇ ରହିବା ସର୍ବାଦୌ ବାଞ୍ଛନୀୟ। ପ୍ରଚୁର ପରିମାଣର ବିଶୋଧିତ ପାଣି ପିଇବା ସହ ଶରୀରରୁ ଝାଳ ଦ୍ୱାରା ଅନେକ ପରିମାଣର ବର୍ଜ୍ୟବସ୍ତୁ ବାହାରକୁ ଚାଲି ଯାଉଥିଲେ ମଧ୍ୟ ଯଥାସମ୍ଭବ ଫଳରସ, ପଇଡ଼, ଆଖୁରସ, ବେଲପଣା ଓ ଦେଶୀୟ ଫଳ ପ୍ରସ୍ତୁତ ଜୁସ ପିଅନ୍ତୁ। ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦେବା ସହ ପନିପରିବା ଓ ଶାଗକୁ ଅଗ୍ରାଧିକାର ଭିତ୍ତିରେ ରଖନ୍ତୁ। ଆମିଷ କମ ଖାଇବା ଭଲ। କୌଣସି ପ୍ରକାର ମାଦକ ଦ୍ରବ୍ୟ ଶରୀର ପାଇଁ ହାନିକାରକ। ଖରାଦିନରେ ଅନେକ ଖାଦ୍ୟ ତାଲିକାରେ ପଖାଳକୁ ଗୁରୁତ୍ୱ ଦେଇଥାନ୍ତି। ଏହା ମଧ୍ୟ ଶରୀର ପାଇଁ ଉପଯୋଗୀ।

ଯଥା ସମ୍ଭବ ଗରମ କିମ୍ବା ଖରା ଠାରୁ ଦୂରେଇ ରୁହନ୍ତୁ। ପର୍ଯ୍ୟାପ୍ତ ପରିମାଣର ଓଆରଏସ, ଲସି, ତୋରାଣି, ଲେମ୍ବୁପାଣି ପିଅନ୍ତୁ। ଠିଲା ପୋଷାକ ପିନ୍ଧନ୍ତୁ, ଚଷମା, ଟୋପି, ଛତା ପିନ୍ଧନ୍ତୁ ନିଜକୁ ସୂର୍ଯ୍ୟ କିରଣରରୁ ରକ୍ଷ କରନ୍ତୁ। ଅଧିକ ପ୍ରୋଟିନଯୁକ୍ତ ଖାଦ୍ୟ ଓ ବାଶୀ ଖାଦ୍ୟ ଖାଆନ୍ତୁ ନାହିଁ। ଯଦି ଆପଣ ମୂର୍ଚ୍ଛା ହେବାଭଳି ଅନୁଭବ କରୁଛନ୍ତି ତେବେ ଆପଣ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଶରୀରର ତାପାମତ୍ରା ମାପନ୍ତୁ ଯଦି ଶରୀରରେ ଚର୍ମ ଅତ୍ୟଧିକ ଗରମ ଓ ଶୁଷ୍କ ଦେଖାଯାଏ ମତି ଭ୍ରମ ବାତ କିମ୍ବା ଅଚେତ ହୋଇଯିବା ଭଳି ଅସ୍ୱାଭାବିକ ଲକ୍ଷଣ ପ୍ରକାଶ ପାଏ ତେବେ ବିଳମ୍ବ ନକରି ତୁରନ୍ତ ଡାକ୍ତରଖାନା ଯାଆନ୍ତୁ। ଗ୍ରୀଷ୍ମ ପ୍ରଭାବ ଯୋଗୁଁ ବାଷ୍ପୀଭବନ ପ୍ରକ୍ରିୟା ତେଜ ହୋଇଥାଏ ଏବଂ ମାଟିର ଆର୍ଦ୍ରତା ସ୍ତର ହ୍ରାସ ପାଉଥିବାରୁ ଏହା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ବିଶେଷକରି ଏ ସମୟରେ ତାପମାତ୍ରା ବଢ଼ିବା ଦ୍ୱାରା ଖାଦ୍ୟ ଓ ଜଳରେ ବ୍ୟାକ୍ଟେରିଆ ବଂଶ ବୃଦ୍ଧି ପାଇଁ ପରିଣତି ସ୍ୱରୂପ ଡାଏରିଆ, ହଇଜା, ଡିସେଣ୍ଟ୍ରି, ଇନଫେକ୍ଟିଭ ଗ୍ୟାସ୍ଟ୍ରୋ ଏଣ୍ଟେରାଇଟିସ ଭଳି ସମସ୍ୟା ସୃଷ୍ଟି କରିଥାଏ। ଡ଼ିହାଇଡେସନ ସମସ୍ୟା ହୃଦରୋଗ ଓ ଶ୍ୱାସକ୍ରିୟା ଜନିତସମସ୍ୟା, କ୍ରୋନିକ କିଡ଼ନରୋଗ ପ୍ରତି ଅଧିକ ଦୁର୍ବଳ କରିଦିଏ। ଅତ୍ୟଧିକ ତାପମାତ୍ରା ଯୋଗୁଁ ବାୟୁମଣ୍ଡଳ ସ୍ଥିର ହୋଇଯାଏ ଯାହାଦ୍ୱାରା ଆଲର୍ଜେନ ଓ ପ୍ରଦୂଷଣଗୁଡ଼ିକ ବାୟୁରେ ଅଟକ ରହନ୍ତି ଓ ଏହାଫଳରେ ଶ୍ୱାସ ହୃଦଜନିତ ମୃତ୍ୟୁ ହାର ବୃଦ୍ଧି ପାଇଥାଏ। ତେବେ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଇଲେକ୍ଟ୍ରୋଲାଇଟ ସନ୍ତୁଳନକୁ ଗ୍ରୀଷ୍ମ ଦିନରେ ରକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ। ଏକ ନିରୋଗ ଓ ସୁସ୍ଥ ଶରୀର ଜଣକୁ ଶାନ୍ତି ଓ କର୍ମ କରିବାର ପ୍ରବଣତାକୁ ପ୍ରେରଣା ଯୋଗାଇଥାଏ।

+ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, କଟକ,

## ପ୍ରଶ୍ନ

**କବିତା ପଣ୍ଡା**



ଖୁବ୍ ସହଜ ଭାବି ନେଇ
ଆଶା ଦେଇ ନିରାଶର
ପାଦଚିହ୍ନ ଛାପିଦେଇ
ଫେରିଗଲ ଆଖିଠାରୁ
ଅନେକ ଦୂରକୁ ।।
ପ୍ରେମ
ଶାଶ୍ୱତ, ଚିରନ୍ତନ
ପ୍ରେରଣାର ଉତ୍ସ
ମଧୁର ଝଙ୍କାରରେ
ଝଙ୍କୃତ କରୁଥିବା ମନ୍ତ୍ରଟିଏ ।।
ଦୁଇଟି ମନ, ଦୁଇଟି ଜୀବନ
ଦୁଇଟି ହୃଦୟକୁ ଯୋଡ଼ିଦିଏ
ଅତି ସହଜରେ ।।
ଆଜି ଏତେ ଉଦାସ
ସଜେଇ ଚାଲିଛ ତା ପାଇଁ
ନିଜକୁ ଦୋଷୀ ଟିଏ କରି ।
କୋଉଁଠି ଥିଲ ତୁମେ ?
ଦିନେ ନୁହେଁ କି ଦୁଇ ଦିନର
ବର୍ଷ ବର୍ଷର ତପସ୍ୱିନୀ ସଜେଇ
ତପସ୍ୟା କରୁଥିଲା
କୁହୁଡ଼ି ଅନ୍ଧାରରେ ହଜି ।
ଉଦାସୀ ଆଖିର ଲେଖାଥିବା
ପ୍ରତିଟି ଅକ୍ଷରକୁ ନିର୍ଭୂଲ୍ ଭାବରେ
ପଢୁଥିବାର ଦେଖି ,
ବୋକୀଟିଏ ଭଳି ପଚାରି ଚାଲିଛି
ନୂଆ କରି ହସୁଥିବା
ଋତୁମତୀ ହାତରେ
ପ୍ରତାରଣାର ପାଛିଆଟି
ଧରେଇ ଦେଇ ଦୂରେଇ ଗଲ
ପର ଭାବ ନେଇ ।
ବାରମ୍ବାର ପଚାରିବାରେ
ପଛ ଘୋଛା ଦେଉନାହିଁ
ସେଦିନର ପ୍ରିୟତମା ଆଜି,
କୁହ କୁହ ଥରେ
କୋଉଁଠି ହଜିଯାଇଥିଲ
ଜହ୍ନବତୀର ଜ୍ୟୋସ୍ନାଭରା ଛାତିରେ
ନାଁ ମେଘବତୀର ଭିଜା ପଣତରେ,
ନିଜର ମନ ନେଇ
ପଚାରେ କବିତା ତୁମକୁ ପ୍ରଶ୍ନ ।

+ମଙ୍ଗଳପୁର, ସୋର, ବାଲେଶ୍ୱର

## କଣ୍ଢେଇ

**ଇତିଶ୍ରୀ ଦାଶ**



ଜଣା ଶୁଣା କଣ୍ଢେଇ ମୁଁ
ଟେଡି ମୋରି ନାଁ
ଭଲ ପାଆନ୍ତି ସବୁ ଛୁଆ
ସବୁ ଘର ମୋରି ଠିକଣା ।
ହାତ ଗୋଡ଼ ଅଧା ସିନା
ସବୁଠି ହୁଏ ମୁଁ ଚିହ୍ନା
ଉପହାର ହୋଇ ସଦା
ମତେ ହିଁ ହୁଏ କିଣା ।
ଜୀବନ୍ତ ମଣିଷ ପରି
ସାଥୀ ଟିଏ ହୋଇ
ଛୋଟ ଶିଶୁ ସଙ୍ଗେ ମିଶି
ଖେଳେ ଖୁସି ହୋଇ ।
ବିଦ୍ୟାଳୟୁ ଯେବେ ଫେରେ
ମତେ ହିଁ ସେ ଖୋଜେ
ତା ହାତ ରେ ସବୁ ବେଳେ
ମୁଁ ହିଁ ତ ସାଜେ ।
ମୋତେ ଧରି ଖାଏ ସେତ
ମତେ ଧରି ଶୁଏ
ମୋତେ ଧରି ଖେଳେ ପୁଣି
ମତେ ଧରି ନାଚେ ।
ନିର୍ଜୀବ ହେଲେ ବି
ଜୀବନ୍ତ ଲାଗେ ଦୁନିଆଁରେ
ଟିକି କଣ୍ଢେଇ ମୁଁ
କୁନି ଛୁଆର ସରାଗ ଭରେ ।

+ପେଲେସ୍ ଲାଇନ୍
ବଲାଙ୍ଗୀର

## ମୋ କାଳିଆ

**ସରସ୍ୱତୀ ମେହେର**



ମୋ କାଳିଆ ଯିବ ମାଉସୀ ଘର
ସଜ ହଉଛି ତା ନନ୍ଦିଘୋଷ
ଚାହିଁ ବସିଛି ବାଟ, ଗୁଣ୍ଡିଚା ରାଣୀ
ହୋଇ ମନରେ ଭରି ହରଷ ।

ଜତନେ ରଖିଛି ଛେନା, ଲହୁଣୀ,
ଗୋରସ, ମିଠା ଦହି ସଜ କରି
ସୁଗନ୍ଧର ଫୁଲ ଲାଗିଛି ବାଡ଼ିରେ
କାଳିଆ ମଥାରେ ଖୋଷିବ ବୋଲି ।

ଏପଟେ କାଳିଆର ମନ ଛନଛନ
ଯିବ ବୋଲି ମାଉସୀ ଘର
ବଡ ଭାଇ ହଳଧର, ସୁନାନାକି
ଭଉଣୀ ସୁଭଦ୍ରା ସଂଗର ।

ରଥ ଯାତରା ରେ ଦର୍ଶନ ଦେଇ
ଭକତ ମାନଙ୍କୁ ଦିଅନ୍ତି ମୁକ୍ତି
କି ସୁନ୍ଦର ଆହା କି ମନୋରମ
ତିନି ଠାକୁରଙ୍କ ଲାବଣ୍ୟ ମୂର୍ତ୍ତି ।

+ଯୋଗିବାହାଲ,
ସିନାପାଲି, ନୂଆପଡ଼ା

## କବିର କବିତା

**ଅସୀମା ପ୍ରଧାନ**

କବି ଦ୍ୱିତୀୟ ବ୍ରହ୍ମା ଦ୍ୱିତୀୟ ସ୍ରଷ୍ଟା
ସୃଷ୍ଟି ତାଙ୍କର ତ ଅଭିନବ
କବିଙ୍କ ସୃଷ୍ଟିରେ ତାହା ତ ସମ୍ଭବ
ସୃଷ୍ଟିରେ ଯାହା ବି ଅସମ୍ଭବ।
ଇହ ଜଗତରେ ସୃଷ୍ଟି କରେ କବି
କଳ୍ପଲୋକର ମାୟା ଯେ ଛାୟା
ଅନିସନ୍ଧିତ୍ସୁ ସନ୍ଧାନ କରିପାରେ ସେ
ଅନ୍ଧକାରେ ଆଲୋକର ଛାୟା।
ତୃତୀୟ ନୟନେ ଦେଖଇ ଜୀବନ
ସାଜି ପୁଣି କେବେ ତ୍ରିଲୋଚନ
ଭୂତ ଭବିଷ୍ୟର ବକ୍ତା ସାଜି ସେହି
ସାଜଇ ପୁଣି ତ୍ରିକାଳ ଜ୍ଞାନ।
କବି ସୌନ୍ଦର୍ଯ୍ୟର ଅଟେ ରୂପକାର
କୁତ୍ସିତ ସାଜଇ ତ କନ୍ଦର୍ପ
ବର୍ଣ୍ଣନା ଯାଦୁରେ କବିତ୍ୱ ଛଳରେ
ଭାଙ୍ଗି କେତେ କାହାର ଦର୍ପ।
ସାଧାରଣ ସାଜଇ ଅସାଧାରଣ
ଦୁର୍ମୂଲ୍ୟ ବି ହୁଏ ମୂଲ୍ୟହୀନ
ଭାଙ୍ଗଇ ତନ୍ଦ୍ରା ତୁଟେ ଅଳସ ନିଦ୍ରା
ଆଚ୍ଛନ୍ନ ରଖଇ ସମ୍ମୋହନ।
ସାଧାରଣ ଜଗତର କଥାରେ
ନିତ୍ୟ ନୂତନତ୍ୱ ଭରଇ
ନୂତନ ଭାବନା କଳ୍ପନା କଳ୍ପନା
ମସ୍ତିଷ୍କରେ ତା ଖେଳି ବୁଲଇ।
ଅଭିନବ ଅନୁଭବ ଅଧିକାରି
ଅନନୁଭବ୍ୟ ମହାନ କବି
ଭିନ୍ନ ବିଶ୍ୱର ସନ୍ଧାନ ରତ ସେ
ବିଶ୍ୱକର୍ମା ସର୍ଜନା ସ୍ୱରୂପି।
ସୃଷ୍ଟି କରେ କବିତାର ରସ ଉତ୍ସ
ପାଠକ ହୃଦୟର କନ୍ଦରେ
କବିତ୍ୱର କମନୀୟ ସ୍ପର୍ଶ ମିଳେ
କବିର କବିତାର ଛନ୍ଦରେ।
ଉପମା ଯମକ ଶ୍ଳେଷ ଉତପ୍ରେକ୍ଷା
ଅନୁପ୍ରାସ ଶୃଙ୍ଖଳା ଯମକ
ଅଳଙ୍କାର ପ୍ରୟୋଗରେ କବି ପରା
ସୌନ୍ଦର୍ଯ୍ୟ ବଢାଏ ସେ କାବ୍ୟିକ।
ବୀର ହାସ୍ୟ କରୁଣ ବୀଭତ୍ସ ରସ
ସୃଷ୍ଟି କରିପାରେ ତା ଲେଖନୀ
ପ୍ରେମ ପ୍ରଣୟ ପ୍ରକୃତିର ଚିତ୍ରଣ
ଭାବ ରଚଇ ମାୟା ମୋହିନୀ।
ମୁକୁଟ ବିହୀନ ସମ୍ରାଟ ଯେ କବି
କଳ୍ପନାରେ ସେ ରାଜକୁମାର
କୋଟି ଐଶ୍ୱର୍ଯ୍ୟ ତ ଫିକା ପଡି ଯାଏ
ଭାବନା ରାଇଜେ କରି ଘର।

+ବୀରମହାରାଜପୁର,ସୁବର୍ଣ୍ଣପୁର

# ଜୋରଦାର ଚାଲିଛି ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬

ଚମ୍ପୁଆ, ୧୦/୦୬ (ନି.ପ୍ର): ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ସ୍ୱତନ୍ତ୍ର ସଘନ ସଂଶୋଧନ ଏବଂ ସମସ୍ତ ଯୋଗ୍ୟ ନାଗରିକଙ୍କ ନାମ ସାମିଲ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସ.ଆଇ.ଆର )- ୨୦୨୬' ଅଭିଯାନ ଅଧୀନରେ ୩୦ ମେ ୨୦୨୬ ଠାରୁ ଆରମ୍ଭ ହୋଇଯାଇଅଛି । ଅହି ଅଭିଯାନରେ କୌଣସି ଯୋଗ୍ୟ ଭୋଟର ଯେପରି ଏହି ପ୍ରକ୍ରିୟାରୁ ବାଦ୍ ନ ପଡ଼ିବେ, ସେଥିପାଇଁ ଚମ୍ପୁଆ ଉପ-ଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।ପ୍ରଶାସନ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଚଳିତ ବର୍ଷର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର ?ୟ କରାଯାଇଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଆସନ୍ତା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଚାଲିବ।

ସୂଚନା କ୍ରମେ ପରିଗଣନା ଫର୍ମ ର ପୂରଣର ଅବଧି ୩୦ ମେ ୨୦୨୬ ରୁ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ କରାଯାଇପାରିବ। ଜୁଲାଇ ୫,୨୦୨୬ ରେ ପ୍ରାଥମିକ ବା ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇବ। ଯଦି କାହାର ନାମରେ କିଛି ତ୍ରୁଟି ଥାଏ କିମ୍ବା ଆପତି ଥାଏ, ତେବେ ଜୁଲାଇ ୫ ରୁ ଅଗଷ୍ଟ ୪, ୨୦୨୬ ମଧ୍ୟରେ ଅଭିଯୋଗ ଦାଖଲ କରିପାରିବେ। ଦାଖଲ ହୋଇଥିବା ଦାବି ଓ ଆପତିଗୁଡ଼ିକର ଯାଂଚ ଏବଂ ନିଷ୍ପତି ୫ ଜୁଲାଇ ରୁ ୨ ସେପ୍ଟେମ୍ବର,୨୦୨୬ ମଧ୍ୟରେ କରାଯିବ। ସମସ୍ତ ସଂଶୋଧନ ପରେ ଆସନ୍ତା ୬ ସେପ୍ଟେମ୍ବର, ୨୦୨୬ ରେ ଚୂଡ଼ାନ୍ତ ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇବ।

ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବର୍ତ୍ତମାନର ସ୍ଥିତିକୁ ସମୀକ୍ଷା କରି ଉପ-ଜିଲ୍ଲାପାଳ ଜଣାଇଛନ୍ତି ଯେ, ମୋଟ ୨,୩୩,୪୦୬ ଜଣ ଭୋଟରଙ୍କ ମଧ୍ୟରୁ ବର୍ତମାନ ସୁଦ୍ଧା ୨,୧୮,୮୪୫ (୯୩.୭୬%) ପରିଗଣନା ଫର୍ମ ବଂଟନ କରାଯାଇସାରିଛି ଏବଂ ସେଥିମଧ୍ୟରୁ ୭୬୯୬୧ (୩୨.୯୭%) ପରିଗଣନା ଫର୍ମ ସଂଗ୍ରହ କରି ଡିଜିଟାଇଜ କରାଯାଇଅଛି । ବାକି ଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବି.ଏଲ.ଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ଅଭିଯାନ ସମୟରେ ବୁଥ୍ ସ୍ତରୀୟ ଅଧିକାରୀ ମାନେ ଘର ଘର ବୁଲି ଯୋଗ୍ୟ ଭୋଟରମାନଙ୍କର ତଥ୍ୟ ସଂଗ୍ରହ ଓ ସଠିକତା ଯାଂଚ କରିବେ। ବିଶେଷ କରି ଯେଉଁମାନଙ୍କର ବୟସ ୧ ଜାନୁଆରୀ ୨୦୨୬ ସୁଦ୍ଧା ୧୮ ବର୍ଷ ହୋଇଥିବ, ସେମାନଙ୍କୁ ନୂଆ ଭୋଟର ଭାବେ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଉଛି।ସର୍ବସାଧାରଣ ନିଜର ସୁବିଧା ଅନୁସାରେ ଅନଲାଇନ୍ ମାଧ୍ୟମରେ ବ୍ୟବହାର କରି ମଧ୍ୟ ଆବେଦନ କରିପାରିବେ। ଏକ ସ୍ୱଚ୍ଛ ଏବଂ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ସମସ୍ତ ନାଗରିକ ଏହି ସମୟସୀମା ମଧ୍ୟରେ ପ୍ରଶାସନକୁ ସହଯୋଗ କରିବାକୁ ଉପ-ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

# ଟ୍ରକ ଚକା ତଳେ ଜୀବନ ଗଲା : ସ୍କୁଟିରେ ଯାଉଥିବା ମା' ଝିଅ ଟ୍ରକ ଚକା ତଳେ ଚାପି ହୋଇ ମୃତ

ବଲାଙ୍ଗିର, ୧୦/୦୬ (ନି.ପ୍ର): ଟ୍ରକ ଚକା ତଳେ ଆଜି ସକାଳୁ ମା ଝିଅ ଙ୍କ ଘଟଣାସ୍ଥଳରେ ହିଁ ଜୀବନ ଚାଲି ଗଲା। ସହର ର ୧୧ ଗୋଟି ବନ୍ଧ ଜଳାଶୟ ଗୁଡିକର ପଙ୍କ ମାଟି କୋଡା ଯାଇ ଟ୍ରକ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଉଛି। ସ୍ଥାନାନ୍ତରଣ ବେଳେ ସହର ଭିତରେ ରାସ୍ତାରେ ମାଟି ପଙ୍କ ପକାଇ ଏହି ଟ୍ରକ ସବୁ ଯାଉଛି ଏଥି ଯୋଗୁଁ ଧୂଳି ପ୍ରଦୂଷଣ ହେବା ସହ ବର୍ଷା ପାଣି ପଡି ରାସ୍ତା କାଦୁଅ ପଚପଚ ହେଉଛି। ଏପରି କାଦୁଅ ପଚପଚ ରାସ୍ତାରେ ଅସାବଧାନତା ବଶତଃ ଆଜି ଦୁଇ ଜଣଙ୍କ ଜୀବନ ଚାଲି ଯାଇଛି। ଏପରି କିଛି ଦୁଃଖଦ ଘଟଣା ଘଟିଛି ବଲାଙ୍ଗୀର ସହରରେ। ଆଜି ସକାଳ ପ୍ରାୟ ୬ ଟା ୩୦ ମିନିଟି ସମୟରେ ତାଲପାଲି ପଡ଼ାର ମାଆ ସୁନୀତା ନାଗ ଓ ଝିଅ ସ୍ମୃତି ନାଗ ତାଙ୍କ ସ୍କୁଟିରେ ମା କୁ ଡିୟୁଟି ପାଇଁ ଏକ ଘରୋଇ ହସ୍ପିଟାଲ କୁ ନେଇ ଯାଉ ଥିବା ବେଳେ ଗାନ୍ଧୀନଗର ପଡା ପିଚୁ ହୋଟେଲ ଆଗରେ ତାଙ୍କୁ ଏକ ଟ୍ରକ୍ ମାଡ଼ି ଯିବାରୁ ମାଆ ଝିଅ ଦୁହେଁ ଟ୍ରକ ଚକା ତଳେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି। ଘଟଣାସ୍ଥଳ ରୁ ଟ୍ରକ ଚାଳକ ଫେରାର ମାରିଛି। ବ୍ୟସ୍ତବହୁଳ ବଲାଙ୍ଗୀର ସମ୍ବଲପୁର ରାସ୍ତା(ଏନ୍ ଏଚ୍ ୨୬)ର ଗାନ୍ଧୀ ନଗର ପଡା ଠାରେ ଏପରି ଘଟଣା ଘଟିଛି ଯାହା ସମସ୍ତଙ୍କୁ ମର୍ମାହତ କରିଛି। ବଲାଙ୍ଗୀର ମୁନିସିପାଲିଟି ଜଳାଶୟ ଗୁଡିକର ପଙ୍କୋଦ୍ଧାର କାମ ରେ ରାସ୍ତାକୁ ମାଟି କାଦୁଅରେ ଭର୍ତି କରିଦେବା ଯୋଗୁଁ ଗତ କିଛି ଦିନ ହେଲା ବଲାଙ୍ଗୀର ବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜଳାଶୟ ଗୁଡିକର ପୁନଃରୁଦ୍ଧାର ହେଉ କିନ୍ତୁ ତା ସଂଗେ ସଂଗେ ସହର ଭିତରେ ପ୍ରଦୂଷଣ ଓ ଲୋକଙ୍କ ଜୀବନ ଜୀବିକା ପ୍ରତି ମଧ୍ୟ ଦୃଷ୍ଟି ଦେବା ପ୍ରଶାସନ ର ଦାୟିତ୍ୱ ଅଟେ। ବଲାଙ୍ଗୀର ମୁନିସିପାଲିଟି ଓ ଜିଲ୍ଲା ପ୍ରଶାସନ ର ବେପରୁଆ ମନୋଭାବ ଯୋଗୁଁ ଆଜି ଦୁଇ ଜଣ ନିରୀହଙ୍କ ଜୀବନ ଚାଲିଯାଇଛି । ଏହି ଘଟଣା ସ୍ଥାନୀୟ ଅଂଚଳରେ ଲୋକଙ୍କ ଭିତରେ ଉତେଜନା ପ୍ରକାଶ ପାଇଛି।

# ଜିଲ୍ଲା କଂଗ୍ରେସ ପକ୍ଷରୁ ପୌରପରିଷଦ କାର୍ଯ୍ୟାଳୟ ଘେରାଉ

ମାଲକାନଗିରି, ୧୦/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ସମେତ ସାରା ଓଡ଼ିଶାରେ ଗତ ତିନି ମାସ ଧରି ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା ଓ ବିଧବା ଭତ୍ତା ହିତାଧିକାରୀଙ୍କ ଖାତାକୁ ଭତ୍ତା ରାଶି ପ୍ରଦାନ ନ ହେବା, ବିରୋଧରେ ଆଜି କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତି ଜି. ଶ୍ରୀନିବାସ ରାଓଙ୍କ ନେତୃତ୍ୱରେ ଆଜି ମାଲକାନଗିରି ଠାରେ କଂଗ୍ରେସ କର୍ମୀ ଓ ସାଧାରଣ ଜନତାଙ୍କ ଦ୍ୱାରା ବିଶାଳ ବିକ୍ଷୋଭ, ଶୋଭାଯାତ୍ରାରେ ପୌରପରିଷଦ କାର୍ଯ୍ୟାଳୟ ଘେରାଉ କରିଥିଲେ କ୍ଷ ଦୀର୍ଘ ତିନି ମାସ ଧରି ଭତ୍ତା ବନ୍ଦ ରହିବା ଫଳରେ ବୃଦ୍ଧ, ଭିନ୍ନକ୍ଷମ ଓ ବିଧବା ହିତାଧିକାରୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ଗୋପ ହାଟର ସମସ୍ୟା ପ୍ରତିକାର ସମ୍ପର୍କରେ ଯୁବ ସ୍ୱାଭିମାନର ଜିଲ୍ଲାପାଳଙ୍କ ସହିତ ଆଲୋଚନା

କେନ୍ଦ୍ରାପଡା, ୧୦/୦୬ (ନି.ପ୍ର): କେନ୍ଦ୍ରାପଡା ଯୁବ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି ଅଧିନରେ ଥିବା ଜିଲ୍ଲାର ବ୍ୟବସାୟୀ ପେଣ୍ଠସ୍ଥଳୀ ସାପ୍ତାହିକ ହାଟ ଗୋପ ହାଟର ବିଭିନ୍ନ ସମସ୍ୟା ନେଇ ଟ୍ରଷ୍ଟ ପକ୍ଷରୁ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରାଯାଇଛି । ଟ୍ରଷ୍ଟର ସଭାପତି ସ୍ମୃତି ରଞ୍ଜନ ଜେନାଙ୍କ ନେତୃତ୍ୱରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ଉପସ୍ଥିତିରେ ବଗଡା ସରପଂଚ ସୁବନି ସାହୁ, କାଉନ୍ସିଲର୍ ନିରାକାର ସ୍ୱାଇଁ, ଇଂଜିନିୟର ଅକ୍ଷୟ କୁମାର ପାଣି, ସମାଜସେବୀ ଆଦିକନ୍ଦ ରାଉଳ, ବଜାର କମିଟି ସଭାପତି କାହ୍ନୁଆ ଓଝା, ମାନସ ରଞ୍ଜନ ପ୍ରଧାନ, ଅମରେନ୍ଦ୍ର ଦାସ, ମନୋଜ କୁମାର ଓଝା ପ୍ରମୁଖ ଉପସ୍ଥିତ ରହି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ତୁରନ୍ତ ସବିଶେଷ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ କରାଯାଇ ବ୍ୟୟ ବରାଦ ସହ ହାଟର ନୂତନ ଗୃହ ନିର୍ମାଣ କରାଯାଉ । ବ୍ୟବସାୟୀ ମାନଙ୍କୁ ରାଜରାସ୍ତା ପରିବର୍ତ୍ତେ ନିୟନ୍ତ୍ରିତ ବଜାର କମିଟିର ନିର୍ଦ୍ଧାରିତ ହାଟସୀମା ପରିସର ମଧ୍ୟରେ ସୀମିତ ରଖାଯାଉ । ଜାତୀୟ ରାଜପଥରେ ଯାତାୟତ କରୁଥିବା ଟ୍ରକ ଗୁଡିକ ପାଇଁ ନିୟନ୍ତ୍ରିତ ଟ୍ରାଫିକ୍ ଏବଂ ସୁରକ୍ଷା ପାଇଁ ହାଟ ଦିନ ମାନଙ୍କରେ ନିୟମିତ ପୋଲିସ ମୃତୟନ କରାଯାଉ । ହାଟପିଣ୍ଡି ଏବଂ ଦୋକାନ ଗୁଡିକୁ ବେଆଇନ୍ ଜବରଦଖଲ ମୁକ୍ତ କରାଯାଇ ପ୍ରକୃତ ଚାଷୀମାନଙ୍କୁ ଆବଣ୍ଟନ କରାଯାଉ । ସାଧାରଣ ଲୋକଙ୍କ ସୁବିଧା ପାଇଁ ଗାଡି ପାର୍କିଂ, ହାଟର ଆଲୋକୀକରଣ, ଶୌଚାଳୟ ଏବଂ ପାନୀୟ ଜଳର ବ୍ୟବସ୍ଥା କରାଯିବାକୁ ଟ୍ରଷ୍ଟ ସଭାପତି ଓ ଅନ୍ୟ ବରିଷ୍ଠ ସଦସ୍ୟମାନେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ସମସ୍ୟା ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଦାବିପତ୍ର ପ୍ରଦାନ କରିବା ସହିତ ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ, କୃଷିମନ୍ତ୍ରୀ, ନିର୍ଦ୍ଦେଶକ ଓଷାମ ବୋର୍ଡ ଓଡିଶାଙ୍କ ନିମନ୍ତେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି ।

# ୫୦ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ: ଦୁଇ ମହିଳା ସମେତ ୩ ଗିରଫ

ଖୋର୍ଦ୍ଧା, ୧୦/୦୬ (ନି.ପ୍ର): ବ୍ରାଉନସୁଗାର ଧରପଗଡ଼ରେ ଖୋର୍ଦ୍ଧା ଜିଲ୍ଲା ପୋଲିସକୁ ଆଉ ଏକ ବଡ଼ ସଫଳତା ମିଳିଛି। ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ୧୬ ନମ୍ବର ଜାତୀୟ ରାଜପଥ 'ମୋ ଖୋର୍ଦ୍ଧା' ରେଷ୍ଟୁରାଂଟ୍ ନିକଟରେ ଦୁଇ ମହିଳାଙ୍କ ମଧ୍ୟରେ ଡିଲ୍ ଚାଲିଥିବା ବେଳେ ପୋଲିସ ମାଡ଼ି ବସିଛି। ଘଟଣାସ୍ଥଳରୁ ଅଧା କୋଟି ଟଙ୍କାର ବ୍ରାଉନସୁଗାର ଜବତ ହୋଇଛି। ଘଟଣାରେ ଦୁଇ ଜଣ ମହିଳା ସମେତ ଜଣେ ୧୯ବର୍ଷୀୟ ଯୁବକ ବି ଗିରଫ ହୋଇଛି। ସେମାନେ ହେଲେ, ଖୋର୍ଦ୍ଧା ଟାଉନ ଥାନା ଉପରସାହିର ସେ ?ମ୍ୟରଞ୍ଜନ ସ୍ୱାଇଁ(୧୯), ପୁରୀ ଜିଲ୍ଲା ପିପିଲି ଥାନା କାକୁଡ଼ିଆ ଗାଁର କୃଷ୍ଣପ୍ରିୟା ସ୍ୱାଇଁ(୫୦) ଓ ଖୋର୍ଦ୍ଧା ପାନବରଜର ଇପ୍ସିତା ପାଣିଗ୍ରାହୀ(୨୧)। ଏମାନଙ୍କଠାରୁ ପୋଲିସ ଗୋଟିଏ ବୁଲେଟ୍ ଗାଡ଼ି(ଓଡି ୩୩ଏଭି-୩୩୦୦), ନଗଦ ୧୮ହଜାର ଟଙ୍କା ଓ ଚାରି ଗୋଟି ମୋବାଇଲ୍ ଜବତ କରିଛି। ପୋଲିସ ସୁଚନା ମୁତାବକ ଗିରଫ ଦୁଇ ମହିଳାଙ୍କର ସମ୍ପୃକ୍ତି ଏଥିରେ ସବୁଠାରୁ ଅଧିକ। ଏ ଡିଲ୍ର ମୁଖ୍ୟ ନାୟିକା ହେଉଛନ୍ତି କୃଷ୍ଣପ୍ରିୟା। କୃଷ୍ଣପ୍ରିୟାଙ୍କର ଘର ପିପିଲି ଅଂଚଳରେ ହୋଇଥିଲେ ହେଁ ଏଥିରେ ତାଙ୍କର ସମ୍ପୃକ୍ତିକୁ ନେଇ ପୋଲିସର ସନ୍ଦେହ ରହିଥିଲା। କାରଣ, ବ୍ରାଉନସୁଗାର କାରବାର ଘଟଣାରେ କେବଳ କୃଷ୍ଣପ୍ରିୟା ନୁହେଁ, ତାଙ୍କର ପରିବାର ଲୋକ ବି ସାମିଲ୍ ଥିଲେ। କୃଷ୍ଣପ୍ରିୟାଙ୍କ ସ୍ୱାମୀ ଓ ପୁଅ ଏହି କାରବାରରେ ଜେଲରେ ଥିବାବେଳେ କୃଷ୍ଣପ୍ରିୟା ଏ ଧନ୍ଦାରେ ମାତିଥିଲେ ବୋଲି ସୂଚନା ପାଇଥିଲା।ସେହିପରି ଡିଲ୍ର ଦ୍ୱିତୀୟ ଯୁବତୀ ଇପ୍ସିତାଙ୍କର ବି ରେକର୍ଡ଼ ଭଲ ନାହିଁ। ଇପ୍ସିତାଙ୍କର ସମ୍ପର୍କୀୟ ବି କୁଆଡ଼େ ଏହି ମାମଲାରେ ଜେଲ୍କୁ ଯାଇଛନ୍ତି। ତା' ସତ୍ତ୍ୱେ ଇପ୍ସିତା ଏହି ଧନ୍ଦାରେ ମାତିଥିଲେ। ଦୁଇ ଜଣ ମହିଳା ବ୍ରାଉନସୁଗାର ନେଇ ଡିଲ୍ କରିବାକୁ ଯାଉଥିବା ବେଳେ କେ ?ଣସି ସୂତ୍ରରୁ ଖବର ପାଇ ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ପୋଲିସ ରେଷ୍ଟୁରାଂଟ ନିକଟରେ ମାଡ଼ି ବସିଥିଲା। କିଛି ସମୟର ଅପେକ୍ଷା ପରେ ୧୯ବର୍ଷୀୟ ଯୁବକ ସୌମ୍ୟରଞ୍ଜନ ଏକ ବୁଲେଟ୍ ଗାଡ଼ିରେ କୃଷ୍ଣପ୍ରିୟାଙ୍କୁ ବସାଇ ରେଷ୍ଟୁରାଂଟ୍ ନିକଟକୁ ଆସିଥିଲେ। ସାଥୀରେ ୫୦୦ଗ୍ରାମ୍ର ବ୍ରାଉନସୁଗାର ବି ନେଇ ଆସିଥିଲେ। ସେଥିରୁ ୨୫୦ଗ୍ରାମ୍ ବ୍ରାଉନସୁଗାର ସୌମ୍ୟରଞ୍ଜନ ରଖିଥିବା ବେଳେ ଆଉ ୨୫୦ଗ୍ରାମ୍ ନିଜେ କୃଷ୍ଣପ୍ରିୟା ରଖିଥିଲେ। ଦୁଇ ଅଭିଯୁକ୍ତ କୃଷ୍ଣପ୍ରିୟା ଓ ସୌମ୍ୟରଞ୍ଜନ ବୁଲେଟ୍ରେ ପହଂଚିବା ପରେ ବ୍ରାଉନସୁଗାର ନେବାକୁ ଆସି ପହଂଚିଥିଲେ ଇପ୍ସିତା। ଡିଲ୍ ପାଇଁ କଥାବାର୍ତା ଚାଲିଥିବା ବେଳେ ପୋଲିସ ହଠାତ୍ ଆସି ସମସ୍ତ ତିନି ଜଣଙ୍କୁ ମାଡି ବସିଥିଲା ବୋଲି ଖୋର୍ଦ୍ଧା ଏସ୍ପି ପରମାରସ୍ମିତ ପୁରୁଷୋତମ ଦାସ କହିଛନ୍ତି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ପ୍ରାୟ ଅଧା କୋଟି ଟଙ୍କାର ବ୍ରାଉନସୁଗାର ଜବତ ହୋଇଥିବା ବେଳେ ଏ ସବୁ କେଉଁଠୁ ଆସିଲା, ଏ ବେପାରରେ କୋଟି କୋଟି ଟଙ୍କାର କାରବାର ସେମାନେ ଚଳାଇଥିବା ବେଳେ ପୋଲିସ ଏମାନଙ୍କର ଅର୍ଥନୈତିକ ଦିଗକୁ ବି ତଦନ୍ତ କରିବ ବୋଲି ଏସ୍ପି ଶ୍ରୀ ଦାସ ପ୍ରକାଶ କରିଛନ୍ତି। ମୁଖ୍ୟ ଅଭିଯୁକ୍ତ କୃଷ୍ଣପ୍ରିୟାଙ୍କୁ ବି ରିମାଣ୍ଡରେ ଆଣିବାକୁ ପୋଲିସ ଯୋଜନା କରୁଛି।

# ଭାରତରେ କ୍ୟାମ୍ପସ ଖୋଲିବେ ବ୍ରିଟେନ ଏବଂ ଅଷ୍ଟ୍ରେଲିଆର ତିନୋଟି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ: ଶିକ୍ଷା ମନ୍ତ୍ରଣାଳୟର ଅନୁମୋଦନ

ନୂଆଦିଲ୍ଲୀ, ୧୦/୦୬ : ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଅଧୀନରେ ଉଚ୍ଚଶିକ୍ଷାର ଆନ୍ତର୍ଜାତୀୟକରଣ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କେନ୍ଦ୍ର ସରକାର ତିନୋଟି ସମ୍ମାନଜନକ ବିଦେଶୀ ବିଶ୍ୱବିଦ୍ୟାଳୟକୁ ଭାରତରେ ସେମାନଙ୍କ କ୍ୟାମ୍ପସ ପ୍ରତିଷ୍ଠା କରିବାକୁ ଅନୁମୋଦନ କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଉଚ୍ଚ ଶିକ୍ଷା ବିଭାଗର ସଚିବ ତଥା ୟୁଜିସି ଅଧ୍ୟକ୍ଷ ଡ. ବିନୀତ ଯୋଶୀ ବ୍ରିଷ୍ଟଲ ବିଶ୍ୱବିଦ୍ୟାଳୟ, ୟର୍କ ବିଶ୍ୱବିଦ୍ୟାଳୟ ଏବଂ ନ୍ୟୁ ସାଉଥ୍ ୱେଲ୍ସ ବିଶ୍ୱବିଦ୍ୟାଳୟକୁ ଏହି ସ୍ୱୀକୃତି ପତ୍ର (ଏଲଓପି) ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ଭାରତରେ ଏହି ବିଶ୍ୱବିଦ୍ୟାଳୟଗୁଡ଼ିକର କ୍ୟାମ୍ପସ ପ୍ରତିଷ୍ଠା କରିବା ଜାତୀୟ ଶିକ୍ଷା ନୀତି-୨୦୨୦ର ଶିକ୍ଷାର ଆନ୍ତର୍ଜାତୀୟକରଣ ଲକ୍ଷ୍ୟକୁ ଆଗକୁ ବଢ଼ାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଦେଶରେ ଗୁଣାତ୍ମକ ଶିକ୍ଷା, ବୈଶ୍ୱିକ ଶୈକ୍ଷିକ ଭାଗିଦାରୀ ଏବଂ ଗବେଷଣା ସହଯୋଗକୁ ଆହୁରି ସୁଦୃଢ଼ କରିବ ବୋଲି ସେ କହିଥିଲେ। ପ୍ରଧାନ କହିଥିଲେ ଯେ ବ୍ରିଷ୍ଟଲ ଏବଂ ୟର୍କ ବିଶ୍ୱବିଦ୍ୟାଳୟ ଦ୍ୱାରା ମୁମ୍ବାଇରେ ଏବଂ ନ୍ୟୁ ସାଉଥ୍ ୱେଲ୍ସ ବିଶ୍ୱବିଦ୍ୟାଳୟ ଦ୍ୱାରା ବେଙ୍ଗାଲୁରୁରେ କ୍ୟାମ୍ପସ ପ୍ରତିଷ୍ଠା ହେବା ଦ୍ୱାରା ଭାରତର ଦୁଇଟି ଅଗ୍ରଣୀ ଜ୍ଞାନ, ପ୍ରଯୁକ୍ତି ଏବଂ ନବସୃଜନ କେନ୍ଦ୍ର ବିଶ୍ୱ ଶିକ୍ଷା ସହିତ ଯୋଡ଼ି ହେବ। ସେ ଏହି ତିନୋଟି ବିଶ୍ୱବିଦ୍ୟାଳୟକୁ ଭାରତକୁ ସ୍ୱାଗତ କରିଥିଲେ ଏବଂ ବେଙ୍ଗାଲୁରୁକୁ ବିଶ୍ୱର ପୂର୍ବାଞ୍ଚଳର ନୂତନ ସିଲିକନ ଭ୍ୟାଲି ଭାବେ ବର୍ଣ୍ଣନା କରିଥିଲେ। ବ୍ରିଷ୍ଟଲ ବିଶ୍ୱବିଦ୍ୟାଳୟ ମୁମ୍ବାଇରେ ଏହାର ଉଦ୍ୟୋଗ କ୍ୟାମ୍ପସ ପ୍ରତିଷ୍ଠା କରିବ, ଯେଉଁଠାରେ ନିମଜ୍ଜନ କଳା, ଅର୍ଥ, ତଥ୍ୟ ବିଜ୍ଞାନ, ଅର୍ଥନୀତି, ବ୍ୟବସାୟ ପରିଚାଳନା, ଉଦ୍ୟୋଗୀତା ଏବଂ ନବସୃଜନ ଭଳି ବିଷୟ ଉପରେ ପାଠ୍ୟକ୍ରମ ପରିଚାଳିତ ହେବ। ୟର୍କ ବିଶ୍ୱବିଦ୍ୟାଳୟ ମୁମ୍ବାଇରେ ନିଜର ପ୍ରଥମ ବିଦେଶୀ କ୍ୟାମ୍ପସ ପ୍ରତିଷ୍ଠା କରିବ। ଏହା ଅର୍ଥ, କୃତ୍ରିମ ବୁଦ୍ଧିମତା ସହିତ କମ୍ପ୍ୟୁଟର ବିଜ୍ଞାନ, ସାଇବର ସୁରକ୍ଷା, ବ୍ୟବସାୟ, ଅର୍ଥନୀତି, ସୃଜନଶୀଳ ଶିଳ୍ପ ଏବଂ ପରିଚାଳନା କ୍ଷେତ୍ରରେ ପାଠ୍ୟକ୍ରମ ପ୍ରଦାନ କରିଥାଏ। ନ୍ୟୁ ସାଉଥ୍ ୱେଲ୍ସ ବିଶ୍ୱବିଦ୍ୟାଳୟ ବେଙ୍ଗାଲୁରୁର ମାନ୍ୟାତା ବ୍ୟବସାୟ ପାର୍କରେ ଅଗଷ୍ଟ ୨୦୨୬ରୁ ଏହାର କ୍ୟାମ୍ପସ୍ ଆରମ୍ଭ କରିବ। ଏହା ବ୍ୟବସାୟ, କମ୍ପ୍ୟୁଟର ବିଜ୍ଞାନ ଏବଂ ସାଇବର ସୁରକ୍ଷା ବ୍ୟତୀତ ଅକ୍ଷୟ ଶକ୍ତି, ସ୍ୱାସ୍ଥ୍ୟ, ପରିବହନ ଏବଂ ଶିକ୍ଷା ଭଳି କ୍ଷେତ୍ରରେ ସହଯୋଗକୁ ମଧ୍ୟ ପ୍ରୋତ୍ସାହିତ କରିବ।

# ଆଲୁମିନିୟମ ତାର ଚୋରି ଅଭିଯୋଗରେ ୬ ଗିରଫ

ବଲାଙ୍ଗିର, ୧୦/୦୬ (ନି.ପ୍ର): ଲୋଇସିଂହା ଥାନା ବନ୍ଧଲିପଡ଼ା ନିକଟରୁ ଆଲୁମିନିୟମ ତାର ଚୋରି କରି ନେଉଥିବା ବେଳେ ଚୋରମାନେ ପୋଲିସ ହାତରେ ଧରା ପଡ଼ିଛନ୍ତି । ସେମାନେ ହେଲେ ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା ଅଧୀନ ଉମରାଡ ଗ୍ରାମର ମହେନ୍ଦ୍ର ଭୁଏ(୬୦), ଶରଧାପାଲି ଗ୍ରାମର କବିରାଜ ଭୋଇ(୪୮), ସରଗିପାଲିର ଜେଠୁ ସାହୁ(୫୮), ଆଗଲପୁର ଥାନା ଜେମାପାଲି ଗ୍ରାମର ଜଗଦୀଶ ସାହୁ(୪୦), ଭରସୁଜାର ବିକ୍ରମ ପାତ୍ର(୫୪) ଓ ଲୋଇସିଂହା ଥାନା ସୂଜିଆ ନିକଟସ୍ଥ ସଲତରପାଲି ଗ୍ରାମର ପ୍ରଫୁଲ୍ଲ ସଲତର(୩୮) । ଆଲୁମିନିୟମ ତାର ଚୋରି ହେଉଥିବା ଜାଣିପାରି ସ୍ଥାନୀୟ ବାସିନ୍ଦା ପୋଲିସକୁ ଖବର ଦେଇଥିଲେ ।


OFFICE OF THE SUPERINTENDING ENGINEER,
MINOR IRRIGATION DIVISION, BALASORE.
No. 1669 Dt. 08.06.2026
'e' Procurement Notice
BID IDENTIFICATION No. SEMIDBLS-02/2026-27
e-mail ID: mibalasore@yahoo.co.in

32001/374/2627

The Superintending Engineer, Minor Irrigation Division, Balasore on behalf of the Governor of Odisha invites online percentage rate tender through "e" procurement (Single cover) for the works as detailed in the Annexure to this bid notice.

| | |
|---|---|
| Name of the work: | Improvement to MIPs in different Blocks of Balasore & Bhadrak District under Improvement to Diversion Weir Scheme for the year 2026-27. (Detail as Mentioned against Work in Annexure to Bid Notice) |
| No. of Works: | 05 (Five) Nos. only |
| Estimated Cost: | Varies from **Rs.24.35 lakh to Rs.39.53 lakh** (Approximately) |
| Cost of Tender Paper: | As Mentioned against Work in Annexure to Bid Notice |
| Period of Completion: | As Mentioned against Work in Annexure to Bid Notice |
| Availability of bid documents for sale and receipt through on-line | From dt. 12.06.2026, 10.00 A.M, to dt. 22.06.2026, up to 5.00 P.M. |
| Last date / time of receipt of bids in the portal | 22.06.2026 (5.00PM) |
| Date of opening of technical bid through online | On dt. 23.06.2026 at 11.00 A.M in the Office of the S.E, M.I. Division, Balasore. |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC). Of class-II Or Class-III |
| The detail tender call notice can also be seen in the DOWR web site http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Balasore. At / P.O / District – Balasore. Ph. No / Fax No.-06762-224461, Email ID: mibalasore@yahoo.co.in |
| Further details can be seen from the e-market place web site ww.tendersodisha.gov.in/ District NIC Portal (baleswar.nic.in) | |

Note: Corrigendum/ Addendum/ Modifications/ Additions if any can be seen through on-line only.

Superintending Engineer, M.I. Division, Balasore

OIPR: 32001/32014/1/26-27/0002


# କୁଲେମୁରା ପଂଚାୟତରେ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ତଦନ୍ତ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡା, ୧୦/୦୬ (ନି.ପ୍ର): କୁଲେମୁରା ପଂଚାୟତରେ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ, ତଦନ୍ତ ଦାବିରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କଲେ ଗ୍ରାମବାସୀ। ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଅନ୍ତର୍ଗତ କୁଲେମୁରା ଗ୍ରାମପଂଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପରେ ବ୍ୟାପକ ଅନିୟମିତତା, ଜାଲିଆତି ଓ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ଉଠିଛି। ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରି ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ମଧ୍ୟ ଅବଗତ କରାଯାଇଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ପଂଚାୟତ ଅଧୀନରେ ସମ୍ପ୍ରତି ସମ୍ପାଦିତ ଅନେକ ଉନ୍ନୟନମୂଳକ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ସରକାରୀ ପାଣ୍ଠିର ଅପବ୍ୟବହାର ହୋଇଛି। ସାଲ୍ଲେଟିଟ୍ରା-ରୁଗୁଡ଼ି ବନ୍ଧ ଆଦର୍ଶ ପୋଖରୀ ଯୋଜନା, ଖଜୁରୀମୁଣ୍ଡା ମୁଦ୍ରାଯୋର (ଆମପଡ଼ା) ଅମୃତ ସରୋବର ଯୋଜନା, କୁଲେମୁରା କମ୍ୟୁନିଟି ସେଣ୍ଟର ନିର୍ମାଣ, ଜୁନାବନ୍ଧ ପାଚେରୀ ଘାଟ ଓ ଡୁମେରମୁଣ୍ଡା ଡ୍ରେନ ନିର୍ମାଣ କାର୍ଯ୍ୟ, ମୁଦ୍ରାଯୋର ଲାଲୁପଡ଼ା ଚେକଡ୍ୟାମ ଏବଂ ସାଲ୍ଲେଟିକ୍ରା ତଳିବନ୍ଧ ନିର୍ମାଣ ଆଦି ପ୍ରକଳ୍ପରେ ଗୁରୁତର ଅନିୟମିତତା ହୋଇଥିବା ସେମାନେ ଦର୍ଶାଇଛନ୍ତି। ଗ୍ରାମବାସୀଙ୍କ କହିବାନୁସାରେ, କିଛି ଅସାଧୁ ଠିକାଦାର ଓ ସରକାରୀ କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟରେ ଥିବା ଅସାଧୁ ମେଂଟ ଯୋଗୁଁ ଏଭଳି ଅନିୟମିତତା ଘଟୁଛି, ଯାହା ଫଳରେ ସରକାରୀ ଅର୍ଥର ଅପଚୟ ହେଉଛି ଏବଂ ବିକାଶ କାର୍ଯ୍ୟର ଗୁଣବତା ପ୍ରଭାବିତ ହେଉଛି। ତେଣୁ ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି ସମ୍ପୃକ୍ତ ଦୋଷୀ ଠିକାଦାର ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବା ସହ ସରକାରୀ ଅର୍ଥର ସୁରକ୍ଷା ସୁନିଶ୍ଚିତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ମଧୁସୂଦନ ରଣା, ଶଙ୍କର ପଟେଲ, କୁମୁଦ ମେହେର, ବାସନ୍ତୀ ନାଏକ, ରୁକ୍ମଣୀ ଖଡ଼ିଆଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଜିଲ୍ଲା ହସ୍ପିଟାଲରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ୧୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ

ମାଲକାନଗିରି , ୧୦/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ହସ୍ପିଟାଲ ପରିସର ରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ୧୦ ବର୍ଷ ପୂର୍ତି ଉତ୍ସବ ଆଡ଼ମ୍ବର ସହ ପାଳିତ ହୋଇଯାଇଛି। ଏହି ଅବସର ରେ ସୁରକ୍ଷିତ ଗର୍ଭଧାରଣ, ସୁସ୍ଥ ମା', ଶକ୍ତିଶାଳୀ ଭାରତ' କାର୍ଯ୍ୟକ୍ରମ ଜିଲ୍ଲା ହସ୍ପିଟାଲ ଠାରେ ସଫଳତାର ସହ ଆୟୋଜିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନିହାର ରଞ୍ଜନ ପ୍ରହରାଜ ଯୋଗ ଦେଇ କେକ କାଟି ଉତ୍ସବ ଟିକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଅତିଥି ଭାବେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ର ବିଶେଷଜ୍ଞ ଡାକ୍ତର ବ୍ରଜ ବନ୍ଧୁ ଦାଶ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରତ୍ନାକର ଦାଶ ଯୋଗ ଦେଇଥିଲେ। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଅଲ୍ଟ୍ରାସାଉଣ୍ଡ ସେବା ଡାକ୍ତର ସୁରମା କୁମାରୀ ବେହେରା ଏବଂ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଅନୁପମା ମହାନା ଉପସ୍ଥିତ ରହି ଗର୍ଭବତୀ ମହିଳାମାନଙ୍କୁ ବିଶେଷଜ୍ଞ ପରାମର୍ଶ ପ୍ରଦାନ କରିଥିଲେ। କ୍ୟାମ୍ପ ସୁପରଭାଇଜର ସୁଶାନ୍ତ କୁମାର ବିଶ୍ୱାଳ ଓ ହରିବନ୍ଧୁ ଦେଶିନାୟକ, ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ହସ୍ପିଟାଲ ମ୍ୟାନେଜର ଶ୍ରୀ ବିଶ୍ୱଜିତ, ଆକାଉଂଟାଂଟ ମନୋଜ କୁମାର ନାୟକ, ନର୍ସିଂ ସୁପରିଟେଂଣ୍ଡେଂଟ ସଞ୍ଜୁକ୍ତା ସେଠୀ, ଡେପୁଟି ନର୍ସିଂ ସୁପରିଟେଣ୍ଡେଂଟ ରୁକ୍ମିଣୀ ନାୟକ, ଏବଂ ସମସ୍ତ ନର୍ସିଂ ଓ ସହାୟକ କର୍ମଚାରୀଙ୍କ ସକ୍ରିୟ ସହଯୋଗ ରହିଥିଲା। କାର୍ଯ୍ୟକ୍ରମ ଅବସରରେ ଗର୍ଭବତୀ ମହିଳାମାନଙ୍କୁ ସୁରକ୍ଷିତ ମାତୃତ୍ୱ ଓ ପ୍ରସବ ପୂର୍ବ ସେବା ସମ୍ପର୍କରେ ସଚେତନ କରାଯାଇଥିଲା ଏବଂ ଉପସ୍ଥିତ ଗର୍ଭବତୀ ମହିଳା ଓ ରୋଗୀମାନଙ୍କୁ ରନ୍ଧା ଖାଦ୍ୟ ବଂଟନ କରାଯାଇଥିଲା। ହସ୍ପିଟାଲର ସମସ୍ତ ଡାକ୍ତର, ଅଧିକାରୀ, ନର୍ସିଂ କର୍ମଚାରୀ ଓ ସହାୟକ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ଚୋରାକାଠ ଚାଲାଣ ବେଳେ ଚଢ଼ାଉ: କାଠ ବାଇକ ଜବତ, ମାଫିଆ ଚମ୍ପଟ

ଜୟପୁର, ୧୦/୦୬ (ନି.ପ୍ର): ବେଆଇନ ଭାବେ କାଠ ଚୋରାଚାଲାଣ କରୁଥିବା ବେଳେ ଶାଗୁଆନ କାଠ ପଟା ସମେତ ଏକ ବାଇକ ଜବତ କରିଛି ଗୁପ୍ତେଶ୍ୱର ବନ ବିଭାଗ। ଦଣ୍ଡାବାଡ଼ି ପଣସପୁଟ ବିଟ ରାସ୍ତାରେ ପେଟ୍ରଲିଂ ପାଇଁ ବାହାରିଥିଲେ । ପେଟ୍ରୋଲିଂ ବାହାରିବା ସମୟରେ ଶାଗୁଆନ କାଠ ଚୋରାଚାଲାଣ ହେଉଥିବା ନେଇ ଗୁପ୍ତେଶ୍ୱର ବନ ବିଭାଗୀୟ ଅଧିକାରୀ ସୂଚନା ପାଇଥିଲେ। ଖବର ପାଇ ପଣସପୁଟ କାଳିଆ ଅଟାଳ ଛକରେ ଲୁଚି ରହିଥିଲେ ବନ ବିଭାଗୀୟ କର୍ମଚାରୀ । ସେହି ସମୟରେ କାଠ ମାଫିଆ ମାନେ ବାଇକ ରେ ଶାଗୁଆନ କାଠପଟା ବାନ୍ଧି ନେଉଥିବାର ଦେଖି ତାଙ୍କ ଉପରେ ଲାଇଟ ଆଲୁଅ ପକେଇଥିଲେ । କାଠ ମାଫିଆ ମାନଙ୍କ ଉପରେ ହଟାତ ଲାଇଟ ଆଲୁଅ ପକାଇବା ଦେଖି ଅନ୍ଧାରର ସୁଯୋଗ ନେଇ ବାଇକ ଓ ଶାଗୁଆନ ପଟା ଛାଡ଼ି କାଠ ମାଫିଆ ମାନେ ଫେରାର ହୋଇ ଯାଇଥିଲେ । କାଠ ବୋଝେଇ ମଟର ସାଇକେଲ ଓ ୧୦ ଖଣ୍ଡ ଶାଗୁଆନ ପଟା ଜବତ କରି ତଦନ୍ତ ଚଳାଇଛି ବନ ବିଭାଗ। ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଥିବା କାଠ ମାଫିଆ ତୁରନ୍ତ ଗିରଫ କରାଯିବ ବୋଲି ସୂଚନା ଦିଆଯାଇଛି । ତେବେ ଉକ୍ତ ମଟର ସାଇକେଲ ଓ ପଟା ଜବତ କରିବା ସହ ଏକ ମାମଲା ରୁଜୁ କରି ମାଫିଆଙ୍କୁ ଗିରଫ ପାଇଁ ତଦନ୍ତ କରୁଥିବା ନେଇ ଗୁପ୍ତେଶ୍ୱର ବନାଂଚଳ ଅଧିକାରୀ ଛବି ରନ୍ଧାରୀ ସୂଚନା ଦେଇଛନ୍ତି।

## ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମା’ ରାଉଁଦେ



ଉଦଳା, ୧୦/୬ (ନି.ପ୍ର): ବଡ଼ସାହି ବ୍ଲକର ସୁହାଗପୁରା ପଂଚାୟତ ଅନ୍ତର୍ଗତ ପାଳସା ଗ୍ରାମର ବାସିନ୍ଦା ବିଧବା ମା’ ‘ରାଉଁଦେ ବାସ୍କେ’ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ତାଙ୍କର ସ୍ୱାମୀ ବାହାଦୁର ବାସ୍କେଙ୍କର ଆଜକୁ ୬ ବର୍ଷ ପୂର୍ବେ ଦେହାନ୍ତ ହୋଇ ଯାଇଛି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ରାଉଁଦେ ବାସ୍କେଙ୍କର ବୟସ ୫୮ ଛୁଇଁ ଯାଇଛି । ଏବେ ବାରମ୍ବାର ଦେହ ଅସୁସ୍ଥ ହେବାରୁ ସେ ଆଗଭଳି କାମ କରି ପାରୁ ନାହାଁନ୍ତି । ଫଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା ସେ କହିଛନ୍ତି । ତେବେ ଭତା ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବହୁବାର ଗୁହାରି ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର ସେ ଅଭିଯୋଗ କରିଛନ୍ତି । ବିଧବା ମା’ ରାଉଁଦେ ବାସ୍କେଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତା ତୁରନ୍ତ ଯୋଗାଇଦେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

# ବାଲିଆସ୍ଥିତ ରାମେଶ୍ୱର ମନ୍ଦିରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଇଁ ପୂଜାର୍ଚ୍ଚନା

ରେମୁଣା, ୧୦/୬ (ନି.ପ୍ର): ବୁଧବାର ସକାଳ ୯ ଘଟିକା ସମୟରେ ରେମୁଣା ବିଜେପି ପକ୍ଷରୁ ବାଲିଆ ସ୍ଥିତ ରାମେଶ୍ୱର ମନ୍ଦିରରେ ଭବ୍ୟ ପୂଜାର୍ଚ୍ଚନା କରାଯାଇଥିଲା । ଭାରତର ଗଣତାନ୍ତ୍ରିକ ଇତିହାସରେ ସର୍ବାଧିକ ସମୟ ଧରି ନିରନ୍ତର ଭାବେ ଜନମତର ଆଶୀର୍ବାଦ ପାଇ ଦେଶର ନେତୃତ୍ୱ କରୁଥିବା ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ, ଦୂରଦର୍ଶୀ ଚିନ୍ତାଧାରା ଏବଂ ରାଷ୍ଟ୍ରସେବା ପ୍ରତି ଅତୁଳନୀୟ ସମର୍ପଣ ଭାରତକୁ ବିଶ୍ୱ ମଞ୍ଚରେ ଏକ ନୂତନ ପରିଚୟ ପ୍ରଦାନ କରିଛି । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଦୀର୍ଘାୟୁ ଏବଂ ନିରନ୍ତର ରାଷ୍ଟ୍ରସେବା ପାଇଁ ଏହି ପୂଜାର୍ଚ୍ଚନା କରାଯାଇଥିଲା । ଏହି ଅବସରରେ



ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିପିନ ମାରାଣ୍ଡି, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲ୍ଲା ସମ୍ପାଦିକା ରବିତା ଦାସ, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ମଣ୍ଡଳ ସଭାପତି ଉମାକାନ୍ତ ଜେନା, ମାୟାଧର ପ୍ରଧାନ, ପ୍ରଫୁଲ୍ଲ ଦ୍ୱିବେଦୀ, ମାନସ ମହାନ୍ତି, ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା ପ୍ରମୁଖଙ୍କ ସହ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ରାଜ୍ୟ ବିଜେପି ପକ୍ଷରୁ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ସମୂହ ଦୀପଦାନ

ଭୁବନେଶ୍ୱର, ୧୦/୬ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଆଜି ଭାରତ ଇତିହାସରେ ଏକ ଗୌରବମୟ ଅଧ୍ୟାୟ ରଚନା କରିଛନ୍ତି । ୨୬ ମେ’ ୨୦୧୪ ରୁ ଅଦ୍ୟାବଧି ଲଗାତାର ୧୨ବର୍ଷ ଅର୍ଥାତ୍ ୪୩୯୯ ଦିନ ଧରି ଲଗାତାର ଭାବେ ଦେଶ ସେବାରେ ସମର୍ପିତ ହୋଇ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ସର୍ବୋଚ୍ଚ ୪୩୯୮ ଦିନର ରେକର୍ଡ ଅତିକ୍ରମ କରି ଦେଶର ସବୁଠୁ ଅଧିକ ସମୟ ସେବା ଦେଇଥିବା ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଇତିହାସ ସୃଷ୍ଟି କରିଛନ୍ତି । ଏହି ଗୌରବମୟ ଓ ଐତିହାସିକ ଉପଲବ୍ଧି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କୁ ହୃଦୟରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ । ଏହି ଅବସରରେ ଓଡିଶା ପ୍ରଦେଶ ଭାରତୀୟ ଜନତାପାର୍ଟି ଓ ଭୁବନେଶ୍ୱର ଜିଲ୍ଲା ତରଫରୁ ଆଜି ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପାଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା ଓ ଦୀପଦାନ କରାଯାଇଛି । ଏଥି ସହ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ କରି ଶ୍ରୀ ଲିଙ୍ଗରାଜ ମନ୍ଦିର ନିକଟରେ ବୃକ୍ଷରୋପଣ କରିବା ସହିତ ଜନସାଧାରଣଙ୍କୁ ପଣା ବଂଟନ କରାଯାଇଥିଲା । ଏହା କେବଳ ଜଣେ ମହାନ ନେତାର ବ୍ୟକ୍ତିଗତ ଉପଲବ୍ଧି ନୁହେଁ ବରଂ ଏହା ୧୪୦କୋଟି ଦେଶବାସୀଙ୍କ ଅଦମ୍ୟ ବିଶ୍ୱାସ, ଅଫୁରନ୍ତ ସମର୍ଥନ ଓ ଆକାଂକ୍ଷାର ମହାବିଜୟ । ଏହି ଐତିହାସିକ ମୁହୂର୍ତ୍ତ ଆଗାମୀ ପିଢି ପାଇଁ ଏକ ପ୍ରେରଣାର ଉତ୍ସ ହୋଇ ରହିବ । ବିଗତ ୪,୩୯୮ ଦିନର ଏହି ଅତୁଳନୀୟ ଯାତ୍ରା ‘ସେବା, ସୁଶାସନ, ସଂକଳ୍ପ ଓ ସମ୍ପୂର୍ଣ୍ଣ ସମର୍ପଣ’ର ଜୀବନ୍ତ ଉଦାହରଣ । ପ୍ରଧାନମନ୍ତ୍ରୀଜୀଙ୍କ ଦୂରଦ୍ରଷ୍ଟା ନେତୃତ୍ୱରେ କୋଟିକୋଟି ଗରିବ ପରିବାର ଆବାସ, ଶୌଚାଳୟ, ବିଦ୍ୟୁତ୍, ରନ୍ଧନ ଗ୍ୟାସ, ସ୍ୱାସ୍ଥ୍ୟ ସୁରକ୍ଷା ଓ ମାଗଣା ରାଶନ ଭଳି ଜୀବନ ଆଧାର ସୁବିଧା ପାଇ ଲାଭାନ୍ୱିତ ହୋଇଛନ୍ତି । ମହିଳା ସଶକ୍ତିକରଣ, ଯୁବ ଉନ୍ନୟନ, କୃଷକ ସମୃଦ୍ଧି, ଡିଜିଟାଲ ବିପ୍ଲବ, ଦ୍ରୁତ ଭିତିଭୂମି ବିକାଶ, ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତା ଓ ମହାକାଶ ବିଜ୍ଞାନରେ ଅଭୂତପୂର୍ବ ସଫଳତା ହାସଲ କରି ଭାରତ ବର୍ଷ ବିଶ୍ୱ ମଂଚରେ ଆତ୍ମବିଶ୍ୱାସ ଓ ସମ୍ମାନର ସହ ନୂତନ ଉଚ୍ଚତାରେ ଉଭା ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଦୁଷ୍କର୍ମ ମାମଲାରେ ଦୋଷମୁକ୍ତ ...

ଏହି ବିବାଦ ୧୯୯୯ ମସିହାର । ଜଣେ ବ୍ୟକ୍ତି ନିଜକୁ ଆବେଦନକାରୀଙ୍କ ଜୈବିକ ପୁତ୍ର ବୋଲି ଦାବି କରିଥିଲେ, ଯିଏ ସେପ୍ଟେମ୍ବର ୧୯୯୯ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମାଆ ଦାବି କରିଥିଲେ ଯେ ସେ ଆବେଦନକାରୀଙ୍କ ସହ ସମ୍ପର୍କରୁ ଜନ୍ମଗ୍ରହଣ କରିଛନ୍ତି । ତଥାପି, ଆବେଦନକାରୀ ପ୍ରଥମେ ପିତୃତ୍ୱକୁ ଅସ୍ୱୀକାର କରିଥିଲେ । ତାଙ୍କ ପକ୍ଷରେ, ଆବେଦନକାରୀ ଯୁକ୍ତି ଦେଇଥିଲେ ଯେ ମହିଳାଙ୍କ ଦ୍ୱାରା ଦାୟର କରାଯାଇଥିବା ଦୁଷ୍କର୍ମ ମାମଲାରେ ତାଙ୍କୁ ପୂର୍ବରୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି । ସେ ଏହା ମଧ୍ୟ ଯୁକ୍ତି ଦେଇଥିଲେ ଯେ, ପୂର୍ବର ଅନ୍ୟ ମାମଲା ଏବଂ କୋର୍ଟ ପର୍ଯ୍ୟବେକ୍ଷଣ ଯୋଗୁଁ ପିତୃତ୍ୱର ପ୍ରସଙ୍ଗ ପୁନର୍ବାର ଉଠାଯାଇପାରିବ ନାହିଁ । ସାବାଳକ ହେବା ପରେ, ଯୁବକ ଜଣକ ସିଭିଲ୍ କୋର୍ଟରେ ଏକ ମାମଲା ଦାୟର କରିଥିଲେ, ଯେଉଁଥିରେ ସେ ଆବେଦନକାରୀଙ୍କ ଜୈବିକ ପୁତ୍ର ବୋଲି ଘୋଷଣା କରିବାକୁ ଅନୁରୋଧ କରାଯାଇଥିଲା ଏବଂ ତେଣୁ ତାଙ୍କ ସମ୍ପତ୍ତିରେ ଅଂଶ ପାଇବାକୁ ହକଦାର ଥିଲେ । ମାମଲାର ଶୁଣାଣି ସମୟରେ, ଟ୍ରାଏଲ୍ କୋର୍ଟ ଡିଏନଏ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ପରେ ଛତିଶଗଡ଼ ହାଇକୋର୍ଟ କାଏମ୍ ରଖିଥିଲେ । ତା’ପରେ ଆବେଦନକାରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

### ପରାଜୟର ଦୁଇବର୍ଷ ...

ଆଗକୁ ରହିଛି ପଞ୍ଚାୟତ ଓ ପୌର ନିର୍ବାଚନ । ଏହାକୁ ନଜରରେ ରଖି ପୁଣି ମୈଦାନକୁ ଓହ୍ଲାଇବାକୁ ଘୋଷଣା କରିଛନ୍ତି ରାଜ୍ୟକୁ ଦୀର୍ଘ ୨୪ବର୍ଷ ଧରି ଶାସନ କରିଥିବା ନବୀନ ପଟ୍ଟନାୟକ । ଏନେଇ ସେ ଜିଲ୍ଲାକୁ ଜିଲ୍ଲା ବୁଲି ପୁଣି ଦଳୀୟ ସଂଗଠନକୁ ମଜବୁତ କରିବାକୁ ନେତା ଓ କର୍ମୀଙ୍କୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ଜିଲ୍ଲା ଗସ୍ତ ପୂର୍ବରୁ ନବୀନ ପଟ୍ଟନାୟକ ୧୦୦ ଟି ବିଧାନସଭା ମଣ୍ଡଳୀର ନେତାଙ୍କ ସହ ଆଲୋଚନା କରିବା ଓ ସେମାନଙ୍କ ଠାରୁ ପରାମର୍ଶ ମଧ୍ୟ ନେଇଛନ୍ତି । ଏଥିରେ ନବୀନ ଦଳୀୟ ନେତାଙ୍କୁ କହିଛନ୍ତି କି, ୨ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ବିଫଳତାକୁ ଲୋକଲୋଚନ ଆଣ । ଆଜି ନବୀନ ନିବାସରେ ହୋଇଥିବା ବୈଠକରେ ମୁଖ୍ୟତ ୬ ଟି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ସେଥିମଧ୍ୟରୁ ମୁଖ୍ୟତଃ ଦରଦାମ ବୃଦ୍ଧି, ଚାଷୀ ସମସ୍ୟା, ମହିଳା ନିର୍ଯାତନା, ଆଇନଶୃଙ୍ଖଳା, ମହିଳା ସଶକ୍ତିକରଣରେ ବିଫଳତା, ଭତ୍ତା ଦେବାରେ ବିଫଳ, ମେକ୍ ଇନ୍ ଓଡ଼ିଶା କ୍ଷେତ୍ରରେ ବିଫଳତା ଓ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା କିଭଳି ଭାରତରେ ବଦନାମ ହେଉଛି ତା ଉପରେ ଆଲୋଚନା ହୋଇଛି । ଏହି ବୈଠକରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ମଧ୍ୟ ଆଲୋଚନା ହୋଇଛି । କିଭଳି ତୃଣମୂଳସ୍ତରରେ ଦଳକୁ ଅଧିକ ମଜବୁତ୍ କରାଯିବ ସେନେଇ ନବୀନ ଆଲୋଚନା କରିଛନ୍ତି ।

### ଓଡ଼ିଶା ଗାଁରେ ଆନ୍ଧ୍ରର ...

ଏବଂ ଓଡ଼ିଶା ସରକାର ଓ ପୁଲିସ ବିରୋଧରେ ମନଇଛା ବର୍ଷିଛନ୍ତି । କୋଟିଆକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ଆନ୍ଧ୍ରର ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ଏହି ଗସ୍ତ ଓ କାର୍ଯ୍ୟକ୍ରମ ପୁଣିଥରେ ପ୍ରସଙ୍ଗକୁ ଚର୍ଚ୍ଚାକୁ ଆଣିଛି । ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ଜବାବରେ ଆଇନ ମନ୍ତ୍ରୀ କହିଛନ୍ତି, ସେଠାକାର ଲୋକ ଓଡ଼ିଶା ସହ ରହିବାକୁ ଚାହୁଁଛନ୍ତି । ଆନ୍ଧ୍ରର କିଛି ଲୋକ ରାଜନୈତିକ ଉଦ୍ଦେଶ୍ୟ ପାଇଁ ଏଭଳି କାର୍ଯ୍ୟ କରୁଛନ୍ତି । ସରକାର ଶୀଘ୍ର କଠୋର ନିଷ୍ପତ୍ତି ନେବେ । ଦୀର୍ଘ ବର୍ଷ ହେବ କୋଟିଆକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଲାଗି ରହିଛି ସୀମାବିବାଦ । ଏହି ବିବାଦ ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି ।

### ଏନ୍‌ଡିଏ କନ୍‌କ୍ଲେଭ୍ ...

ଦେଶର ମନ୍ଥର ଆର୍ଥିକ ବିକାଶ ପାଇଁ ମୋଦୀ ପୂର୍ବତନ କଂଗ୍ରେସ ସରକାରକୁ ଦାୟୀ କରିଛନ୍ତି । ମୋଦୀ କହିଛନ୍ତି, ଏତେଦିନ ଧରି ଲୋକଙ୍କର ସେବା କରିବାକୁ ସୁଯୋଗ ପାଇବା ମୋର ସୌଭାଗ୍ୟ । ମୋଦୀ ଏନ୍‌ଡିଏ କନକ୍ଲେଭ୍‌ରେ ମେଣ୍ଟ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ଏବଂ ମେଣ୍ଟର ଲମ୍ବା ଯାତ୍ରାରେ ସେମାନଙ୍କ ଅବଦାନ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି । ମୋଦୀ କହିଛନ୍ତି, ଡିଜିଟାଲ କାରବାର କ୍ଷେତ୍ରରେ ଭାରତ ଆଜି ୧ ନମ୍ବରରେ ରହିଛି । ୨୦୧୪ରେ ଦେଶରେ ବିମାନବନ୍ଦର ସଂଖ୍ୟା ୭୪ ଥିଲା । କିନ୍ତୁ ୨୦୨୬ରେ ଏହି ସଂଖ୍ୟା ୧୬୦ରେ ପହଞ୍ଚିଛି । ୨୦୧୪ରେ ମାତ୍ର ୫ ସହରରେ ମେଟ୍ରୋ ସେବା ଥିଲା । କିନ୍ତୁ ୨୦୨୬ରେ ୨୦ରୁ ଅଧିକ ସହରରେ ମେଟ୍ରୋ ସେବା ଉପଲବ୍ଧ । ୨୦୧୪ରେ ୭୦୦ କୋଟି ଟଙ୍କାର ପ୍ରତିରକ୍ଷା ରପ୍ତାନୀ କରାଯାଉଥିବା ବେଳେ ଏବେ ୨୦୨୬ରେ ଏହା ୨୩ ହଜାର କୋଟିରେ ପହଞ୍ଚିଛି । ୨୦୧୪ରେ ଦେଶରେ କେବଳ ୨୫ କୋଟି ଇଣ୍ଟରନେଟ୍ ୟୁଜର ଥିଲେ । କିନ୍ତୁ ଆଜି ୧୦୦ କୋଟିରୁ ଅଧିକ ଇଣ୍ଟରନେଟ୍ ୟୁଜର ଅଛନ୍ତି । ଡିଜିଟାଲ ପେମେଣ୍ଟକୁ ଅବହେଳା କରାଯାଉଥିଲା ।

### ମମତାଙ୍କୁ ସୋନିଆଙ୍କ...

ଭୟାବହ ପରାଜୟ ପରେ ତୃଣମୂଳ କଂଗ୍ରେସ (ଟିଏମସି) ଦଳ ପ୍ରାୟ ଭାଙ୍ଗିଯିବା ସ୍ଥିତିକୁ ପହଞ୍ଚିଛି । ମମତା ବାନାର୍ଜୀଙ୍କ ୮୦ ଜଣ ବିଧାୟକଙ୍କ ମଧ୍ୟରୁ ୫୮ ଜଣ ନିଜସ୍ୱ ଗୋଷ୍ଠୀ ଗଠନ କରିଛନ୍ତି । ଏହାପରେ ଦିଲ୍ଲୀରେ ମଧ୍ୟ ପ୍ରାୟ ୨୦ ଜଣ ସାଂସଦ ଟିଏମସି ଛାଡ଼ି ଅଲଗା ହୋଇଯାଇଛନ୍ତି ।

# ନୀଳଗିରି ପଞ୍ଚାୟତ ସମିତି ଉନ୍ନୟନମୂଳକ କାର୍ଯ୍ୟର ୬ଷ୍ଠତମ ସାଧାରଣ ସମୀକ୍ଷା ଓ ଆଲୋଚନା ବୈଠକ

ନୀଳଗିରୀ, ୧୦/୬ (ନି.ପ୍ର): ବୁଧବାର ପୂର୍ବାହ୍ନ ୧୦.୩୦ ସମୟରେ ସ୍ଥାନୀୟ ପଞ୍ଚାୟତସମିତି ସମ୍ମିଳନୀ କକ୍ଷରେ ନୀଳଗିରି ପଞ୍ଚାୟତସମିତିର ଉନ୍ନୟନମୂଳକ କାର୍ଯ୍ୟର ୬ଷ୍ଠତମ ସାଧାରଣ ସମୀକ୍ଷା ଓ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ସମୀକ୍ଷା ଓ ଆଲୋଚନା ବୈଠକରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆଙ୍କ ଉପସ୍ଥିତ ଥିବାବେଳେ ପଞ୍ଚାୟତ ସମିତିର ଅଧ୍ୟକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ ପୌରୋହିତ୍ୟ କରିଥିଲେ ।ଏଥିରେ ଗୋଷ୍ଠୀଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା ବୈଠକର ବିବରଣୀ ଅନୁସାରେ ଉପସ୍ଥିତ ତ୍ରିସ୍ତରୀୟ ପଞ୍ଚାୟତରାଜ ବିଭାଗୀୟ ନିର୍ବାଚିତ ଲୋକପ୍ରତିନିଧି ଓ ବିଭିନ୍ନ ବିଭାଗ ମାଧ୍ୟମରେ ହେଉଥିବା ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ଓ ଆଲୋଚନା ହୋଇଥିଲା ।ଗତ ୨୦୨୪-୨୫ ମସିହା ୧୫ତମ ଆର୍ଥିକ ବର୍ଷରେ



ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନ ରାଶିରେ ଉନ୍ନୟନମୂଳକ କାର୍ଯ୍ୟରେ ନୀଳଗିରି ପଞ୍ଚାୟତସମିତି ଜିଲ୍ଲାରେ ପ୍ରଥମ ସ୍ଥାନରେ ଥିବାବେଳେ ଗ୍ରାମପଞ୍ଚାୟତ ସ୍ତରରେ ତୃତୀୟ ସ୍ଥାନରେ ରହିଛି ବୋଲି ଗୋଷ୍ଠୀଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ପରିଡ଼ା ପ୍ରକାଶ କରିଥିଲେ ।ମାତ୍ର ଚତୁର୍ଦ୍ଦଶ ଅର୍ଥକମିଶନ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁଦାନ ରାଶି ସଠିକ୍ ଭାବରେ ବ୍ୟୟ ହୋଇପାରି ନଥିବାରୁ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଖଟୁଆ ଗଭୀର ଉଦବେଗ ଏବଂ କ୍ଷୋଭପ୍ରକାଶ କରିଥିଲେ ।ଏଥିରେ ନୀଳଗିରି ପଞ୍ଚାୟତସମିତି ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତମାନଙ୍କରେ ବିଭିନ୍ନ ଯୋଜନାରେ ହେଉଥିବା ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା ଓ ଆଲୋଚନା ହୋଇଥିଲା । ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁସମ୍ପଦ, ପାନୀୟ ଜଳ ଯୋଗାଣ, ଜଙ୍ଗଲ ଓ ପରିବେଶ,ବିଦ୍ୟୁତ୍, ସମନ୍ୱିତ ଶିଶୁ ବିକାଶ ଯୋଜନା,ଆଦିବାସୀ ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, ସାମାଜିକ ସଶକ୍ତି କରଣ ଓ ଖାଦ୍ୟସୁରକ୍ଷା ଯୋଜନା ଆଦି ସମସ୍ତ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକାରୀ ଯୋଜନାର ସୁଫଳ ଉପରେ ସମୀକ୍ଷା ଓ ଆଲୋଚନା କରାଯାଇଥିଲା ।ଏଥିରେ ଚଳିତ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ବିଗତ ବର୍ଷ ଅନୁଦାନ ତୁଳନାରେ ଦୁଇ ଗୁଣ ଅଧିକ ରାଶି ବ୍ୟୟବରାଦ ସଂପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ପରିଡ଼ା ସୂଚନାପ୍ରଦାନ କରିଥିଲେ ।
ଏହି ୬ଷ୍ଠତମ ସାଧାରଣ ସମୀକ୍ଷା ଓ ଆଲୋଚନା ବୈଠକରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ,ମାନ୍ୟବର ବାଲେଶ୍ୱର ସାଂସଦ ଙ୍କ ପ୍ରତିନିଧି ଶ୍ରୀଯୁକ୍ତ କରୁଣାକର ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଜ୍ୟୋତିର୍ମୟ ପୋଥାଳ, ଜିଲ୍ଲାପରିଷଦ ସଦସ୍ୟ/ସଦସ୍ୟା ଶ୍ରୀଯୁକ୍ତ ଗତିକୃଷ୍ଣ ନନ୍ଦ, ଶ୍ରୀମତୀ ରଞ୍ଜିତା ସିଂହ, ଶ୍ରୀମତୀ ସୁବର୍ଣ୍ଣମଞ୍ଜରୀ ସିଂ, ଗୋଷ୍ଠୀଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା, ତ୍ରିସ୍ତରୀୟ ପଞ୍ଚାୟତରାଜ ବିଭାଗୀୟ ନିର୍ବାଚିତ ଲୋକ ପ୍ରତିନିଧି, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଗଣ ମାଧ୍ୟମର ପ୍ରତିନିଧିଗଣ ଯୋଗ ଦେଇଥିଲେ । ଶେଷରେ ଏହି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଅତିରିକ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ ଶ୍ରୀମତୀ ସୁନନ୍ଦା ସାହୁ ସମସ୍ତଙ୍କୁ କୃତଜ୍ଞତାସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଗନ୍ନାଥପୁର ସ୍କୁଲରେ ୧୯୯୮ ବ୍ୟାଚ ମାଟ୍ରିକ ଗୁରୁ ପୂଜନ ଓ ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ

ବାସୁଦେବପୁର, ୧୦/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୯୮ ମସିହା ମାଟ୍ରିକ ବ୍ୟାଚ ବନ୍ଧୁ ମିଳନ ଓ ଗୁରୁ ପୂଜନ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ବର୍ତ୍ତମାନର ପ୍ରଧାନ ଶିକ୍ଷକ ପରମାନନ୍ଦ ଦାସ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷକ ପୀତାମ୍ବର ମିଶ୍ର, ସୁରେଶ ଚନ୍ଦ୍ର ପାଢ଼ୀ,ଭାଗୀରଥି ସାହୁ, ବଳରାମ କର, ସ୍କୁଲ ପରିଚାଳନା କମିଟି ସଭାପତି ବଳରାମ ବେହେରା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଓ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ ।



ବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ ଗୁରୁ ଶିଷ୍ୟର ପରମ୍ପରା ସଂପର୍କରେ ଆଲୋଚନା କରିଥିଲେ । ଅତୀତର ସ୍ମୃତିକୁ ଖୁବ୍ ସୁନ୍ଦର ଭାବେ ଏହି ବର୍ଣ୍ଣାଢ଼୍ୟ ଉତ୍ସବରେ ସମସ୍ତେ ବର୍ଣ୍ଣନା କରିଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ଅବସର ପ୍ରାପ୍ତ ଶିକ୍ଷକ ବନ୍ଧୁ ମାନଙ୍କୁ ମାନପତ୍ର ଓ ଉପଢ୍ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ସୁକାନ୍ତ କୁମାର ପାଢୀ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଗୀତାଞ୍ଜଳି ସ୍ୱାଇଁ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ପୁରାତନ ଛାତ୍ର ଦେବାଶିଷ ଦେବ ଗୋସ୍ୱାମୀ, ସୁକାନ୍ତ କୁମାର ପାଢ଼ୀ,ଦୀପ୍ତି କାନ୍ତ ଦାସ, ଚିନ୍ତାମଣି ସେଠୀ, ସନ୍ତୋଷ କୁମାର ମଲ୍ଲିକ,ଗୀତାଞ୍ଜଳି ସ୍ୱାଇଁ,ସସ୍ମିତା କର, ସଞ୍ଜୁଲତା ରାଉତ, ରଞ୍ଜିତା ଦାସ ଓ ବହୁ ସଂଖ୍ୟାରେ ପୁରାତନ ଛାତ୍ର ଛାତ୍ରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ । ଏହି ଆକର୍ଷଣୀୟ ଉତ୍ସବରେ ଶିକ୍ଷକ ବନ୍ଧୁ ମାନେ ଛାତ୍ର ଛାତ୍ରୀ ମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।

# ଭାରତ ବର୍ଷରେ ନରେନ୍ଦ୍ର ମୋଦିଙ୍କ ସର୍ବାଧିକ ସମୟ ଧରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଭାବେ ଗୌରବ ଅର୍ଜନ କରିଥିବା ହେତୁ ସାମୁହିକ ଦ୍ୱୀପଦାନ ଓ ପୂଜାର୍ଚ୍ଚନା

ଜଳେଶ୍ୱର, ୧୦/୬ (ନି.ପ୍ର): ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ଦୀର୍ଘତମ ସମୟର ସେବା ସଫଳତା ଓ ଐତିହାସିକ ନେତୃତ୍ୱକୁ ସେଲିବ୍ରେଟ୍ କରିବା ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଛମୌଜ ପାବନ କ୍ଷେତ୍ର ଠାରେ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ ଜଳେଶ୍ୱର ଭାରତୀୟ ଜନତା ପାର୍ଟି ତରଫରୁ ପ୍ରଧାନମନ୍ତ୍ରୀଙ୍କ ସୁସ୍ଥ ଶରୀର ଏବଂ ଦୀର୍ଘାୟୁ କାମନା କରି ଏକ ମହାଯଜ୍ଞ,ବିଶେଷ ପୂଜାର୍ଚ୍ଚନା ଏବଂ ସଂକଳ୍ପ ସଭା ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱରର ପ୍ରସିଦ୍ଧ ଛମୌଜ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏହି ପବିତ୍ର ଯଜ୍ଞ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ଯୁବ ମୂର୍ଚ୍ଛା ସଭାପତି ଫାଲଗୁନି ପାଣିଗ୍ରାହୀଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବକ୍ତବ୍ୟ ପ୍ରଦାନ କରିଥିଲେ ।ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ଡ.ପ୍ରଦୀପ ପଣ୍ଡା,ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ନେତା ଶ୍ରୀଯୁକ୍ତ ବ୍ରଜମୋହନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବାଲେଶ୍ୱର (ଉତ୍ତର) ବିଜେପି ଜିଲ୍ଲା ସମ୍ପାଦକ ଶ୍ରୀ କାଳିଚରଣ ଦାସ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।ଜିଲ୍ଲା ଆଦିବାସୀ ମୂର୍ଚ୍ଛା ସଭାପତି ଗଣେଷ ସରେନ୍, ଜିଲ୍ଲା ଉପସଭାପତି ରାଧାକାନ୍ତ ପ୍ରଧାନ,



ନଗର ସଭାପତି ଶିବ ନାରାୟଣ ମହାପାତ୍ର,କାଉନସିଲର ଚନ୍ଦନ ଦାସ, ମଣ୍ଡଳ ସଭାପତି ସଞ୍ଜୀବ ସେନାପତି, ସଞ୍ଜୀବ ଜେନା, ନବୀନ ସାମଲ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦିଜୀ ଦୀର୍ଘ ସମୟ ଧରି ଦେଶର ଦାୟିତ୍ୱ ତୁଲାଇ ଭାରତକୁ ବିଶ୍ୱ ଦରବାରରେ ଏକ ନୂତନ ଗୌରବ ଆଣିଦେଇଛନ୍ତି ।ଏହି ଐତିହାସିକ ସଫଳତା ପାଇଁ ଭଗବାନଙ୍କ ନିକଟରେ କୃତଜ୍ଞତା ଜଣାଇବା ସହ ତାଙ୍କର ମଙ୍ଗଳ କାମନା କରି ଏହି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ପୂଜାର୍ଚ୍ଚନା ଏବଂ ଯଜ୍ଞ ପୂର୍ଣ୍ଣାହୁତି ସମାପ୍ତ ହେବା ପରେ ସମସ୍ତ ଶ୍ରଦ୍ଧାଳୁ,ଜନସାଧାରଣ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ରାଜେଶ ଜେନା, ସୁଶାନ୍ତ ପ୍ରଧାନ, ଅଜୟ ପ୍ରଧାନ, ଶ୍ରୀକଣ୍ଠ ମହାନ୍ତି,ରାଜେନ୍ଦ୍ର ପାତ୍ର,ସତ୍ୟରଞ୍ଜନ ପତି, କାଳିକିଙ୍କର ମହାନ୍ତି, ରାଜେଶ ଖଟୁଆ, ହରିଶ ଚନ୍ଦ୍ର ପରିଡ଼ା, ଅତୁଲ ଚନ୍ଦ୍ର ଦାସ, ଜନ୍ମେଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ଓଝା, ରବୀନ୍ଦ୍ର ଜେନା, ଦୀନକୃଷ୍ଣ କୁଣ୍ଡୁ, ଅମୂଲ୍ୟ ସେନାପତି, ରାମଚନ୍ଦ୍ର ପ୍ରମାଣିକ, ସରୋଜ ଗିରି, ରଜନୀକାନ୍ତ ଜେନା, ତ୍ରିଲୋଚନ ଦାସ, ମନ୍ତୋଷ କର୍ମିଳା, ତାପସ ପାଣିଗ୍ରାହୀ, ଦିଲ୍ଲୀପ ପଣ୍ଡା, ସୁମତି ରଣା, ମଞ୍ଜୁଲିକା ଘୋଷ, ଚନ୍ଦନା ଦାସ, ବିଶ୍ୱରୂପ ଦାସ, ରବିନ୍ଦ୍ର ଗିରି, ଧରଣୀ ଧର ଦାସ,ମନ୍ମଥ ଦାସ, ପ୍ରମୁଖ ନେତୃମଣ୍ଡଳୀ ଙ୍କ ଶହ ଶତାଧିକ ଜନସାଧାରଣ ଓ ଦଳୀୟ କର୍ମକର୍ତ୍ତା ବିପୁଳ ସଂଖ୍ୟାରେ ଯୋଗଦାନ କରିଥିଲେ ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ମୁନି ସମାଜର ଶୁଭ ଜନ୍ମଦିନ ପାଳନ

ରୂପସା , ୧୦/୬ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗସାଧକ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ଜ୍ୟେଷ୍ଠା କନ୍ୟା ଆୟୁଷ୍ମତୀ ମୁନିମତୀ ସୌଦାମିନୀ ବାରିକ-ଡାକ୍ତର ସୁଚିତ୍ର ନାୟକଙ୍କ ଜ୍ୟେଷ୍ଠ ସୁ ପୁତ୍ର ଶ୍ରୀୟାନସ ନାୟକଙ୍କ ର ୧୪ତମ ଶୁଭ ଜନ୍ମଦିନ, ଆଶ୍ରମର ଆତ୍ମଜ୍ଞାନୀ ବରିଷ୍ଠ ଯୋଗୀ ଭିକାରି ଚରଣ ମୁନିଜୀ ଙ୍କ ଅଧକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମୁନି ସଙ୍ଗୀତ ଗାନ କରିଥିଲେ କଣ୍ଠଶୀଳ୍ପୀ ମୁନିରାଜ୍ଞୀ ଶକୁନ୍ତଳା ପରିଡ଼ା । ଆଶ୍ରମର ଆତ୍ମଜ୍ଞାନୀ ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା,ମୁନି ପରିବାରର ଆଦର୍ଶ ନାତୀ ହିସାବରେ ଆଶୀର୍ବାଦର ବର୍ଷା କରିଥିଲେ ।ଅଜା ଯୋଗୀ ପରମାନନ୍ଦ ମୁନି,ଆଦର୍ଶ ମାତାଙ୍କର ଦିବ୍ୟ ଗୁଣାବଳୀ ବର୍ଣନା ସହିତ ଜଣେ ମେଧାବି ଛାତ୍ର ହିସାବରେ ନାତୀର ସଂସ୍କାର ଉପରେ ଆଲୋକପାତ ସହିତ ଆଶିର୍ବଚନ ପ୍ରଦାନ କରିଥିଲେ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ,ମୁନି କୁମାର ଶ୍ରୀୟାନସ୍ ଙ୍କ ର ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଯୋଗମୟ ଜୀବନ ଯାପନ ସହିତ ଦେଶର ଜଣେ ଆଦର୍ଶ ଆତ୍ମଜ୍ଞାନୀ ପ୍ରତିଷ୍ଠିତ ବ୍ୟକ୍ତିଟିଏ ହେବାର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା ।ଉପସ୍ଥିତ ଥିଲେ, ଆଶ୍ରମର ନୂତନ ସଭାପତି ମୁନି ରାଜ ନାରାୟଣ



ମହାପାତ୍ର ମହୋଦୟ,ଉପାଧ୍ୟକ୍ଷ୍ୟା ମୁନିରାଜ୍ଞୀ କନକଲତା ମହାପାତ୍ର, ମୁନିରାଜ୍ଞୀ ବିମଳା ଲେଙ୍କା,ମୁନିମତୀ ସରସ୍ୱତୀ ନନ୍ଦ,କୈକେୟୀ ଜେନା,ବାସନ୍ତୀ ଗିରି, ଜାହ୍ନବୀ ଗିରି,ସୀତା ବେହେରା,ଉର୍ମିଳା ରାଉଳ,ଆରତୀ ଗିରି,କାଞ୍ଚନ ସାହୁ,ବାସନ୍ତୀ ପରିଡ଼ା,ନୀନ ସାହୁ,ମମତା ରାଉଳ,ସୁକାନ୍ତୀ ସେନାପତି,ମମତା ମହାପାତ୍ର,ମୁନି ରାଜ ଗଉରହରି ବାରିକ,ରଘୁନାଥ ବେହେରା, ଯୋଗେନ୍ଦ୍ର ବେହେରା,ଶଶଧର ସେନାପତି, ସିନ୍ଧୁ ସିଂ,ମୁନି ଭଗବାନ ଜେନା,ସତ୍ୟ ସେନାପତି ଏବଂ ଜଗଦୀଶ ପରିଡ଼ା ପ୍ରମୁଖ ବହୁ ମୁନି ମୁନିମତୀ ମାନେ ।ଶେଷରେ ଅଜା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ବରହମପୁର ଥାନାରେ କ୍ୱାର୍ଟର ଅଭାବ: ୨ କୋଠରୀ ଭରସାରେ ୯ କନେଷ୍ଟବଳ




ନୀଳଗିରି, ୧୦/୬ (ନି.ପ୍ର): ନୀଳଗିରି ଅଞ୍ଚଳରେ ଅପରାଧିକ ମାମଲାକୁ ରୋକିବା ସହ ଶାନ୍ତିଶୃଙ୍ଖଳା ବଜାୟ ରଖିବାପାଇଁ ନୀଳଗିରି ଓ ବରହମପୁରରେ ଦୁଇଟି ଥାନା ନିର୍ମାଣ କରାଯାଇଛି। ବରହମପୁର ଥାନା ଅଧୀନରେ ୧୧ଗୋଟି ପଞ୍ଚାୟତ ରହିଥିବାବେଳେ ଅପରାଧିକ ମାମଲା ଓ ଲଘୁ ଖଣିଜସମ୍ପଦ ରହିଛି । ଯାହାକୁ ପୋଲିସ ପ୍ରଶାସନ ସୁରକ୍ଷାପ୍ରଦାନ କରିଥାଏ।ବର୍ତ୍ତମାନ ବରହମପୁର ଥାନାରେ ଆଇଆଇସିଙ୍କ ସମେତ ୩ ଜଣ ଅଧିକାରୀ ଓ ୯ଜଣ କନେଷ୍ଟବଳ ରହିଛନ୍ତି।ହେଲେ ସେମାନଙ୍କ ରହିବା ନିମନ୍ତେ ମାତ୍ର ଦୁଇଗୋଟି ସରକାରୀ କ୍ୱାର୍ଟର ରହିଛି।ଯାହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି କେତେବେଳେ ଛାତରୁ ପାଣିଗଳୁଛି ତ କେତେବେଳେ ଛାତରୁ ଖଣ୍ଡଖଣ୍ଡ ସିମେଣ୍ଟ କଂକ୍ରିଟ ମଧ ଖସୁଛି। ୨୦୧୮-୧୯ ଆର୍ଥିକବର୍ଷରେ ୫ କୋଟିରୁ ଉର୍ଦ୍ଧ୍ୱଟଙ୍କା ଖର୍ଚ୍ଚ କରାଯାଇ ନୂତନ ଥାନାଗୃହ ପ୍ରସ୍ତୁତ କରାଯାଇଛି। ହେଲେ ଏଯାବତ ବରହମପୁର ଥାନାରେ କର୍ମଚାରୀଙ୍କ କ୍ୱାର୍ଟର୍ସ ପାଇଁ କୌଣସି ସରକାରୀ ଆର୍ଥିକ ଅନୁଦାନ କରାଯାଇନାହିଁ। ଫଳରେ ରାତିରେ ଡ୍ୟୁଟି କରି ଫେରିବାପରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଅଧିକାରୀ ମାନେ ଘରଭଡା ନେଇ ଦୂରରେ ରହୁଥିବା ବେଳେ ଅନେକ ସମୟରେ ସାଧାରଣ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ତେବେ ଜିଲ୍ଲା ପ୍ରାଶାସନ ଓ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଏ ଦିଗରେ ଧାନଦେବା ସହ ଏକ ନୂତନ କ୍ୱାର୍ଟର ପ୍ରଦାନପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି।

## ମୋଦୀ ସରକାରଙ୍କ ବାର ବର୍ଷ ପୂର୍ତ୍ତି ଅବସରରେ ବାରିପଦା ବିଜେପି ପକ୍ଷରୁ ପୂଜାର୍ଚ୍ଚନା



ବାରିପଦା, ୧୦/୬ (ନି.ପ୍ର): କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପି-ଏନ୍.ଡି.ଏ. ସରକାରର 'ସେବା, ସୁଶାସନ ଓ ଗରୀବ କଲ୍ୟାଣ'ର ବାର ବର୍ଷ ପୂର୍ତ୍ତି ତଥା ଶ୍ରୀ ମୋଦୀ ସ୍ୱାଧୀନ ଭାରତବର୍ଷର ଦୀର୍ଘତମ-ସମୟ-ସେବାକାରୀ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ପ୍ରତିଭାତ ହେବା ଅବସରରେ ବୁଧବାର ଦିନ ବିଜେପି ବାରିପଦା ନଗର ଶାଖାର କର୍ମକର୍ତ୍ତାମାନେ ସ୍ଥାନୀୟ ବଡ଼ ଜଗନ୍ନାଥ ମନ୍ଦିରରେ ଦୀପଦାନ ଓ ପୂଜା ଅର୍ଚ୍ଚନା କରିଛନ୍ତି। ସରକାରଙ୍କ ଉପଲବ୍ଧି ପାଇଁ ଠାକୁରଙ୍କୁ କୃତଜ୍ଞତା ଜଣାଇବା ସହ ଆଗକୁ ସରକାରଙ୍କ ସୁଶାସନ ଓ ସଫଳତାର ନିରବଛିନ୍ନତା ବଜାୟ ରହିବା ସକାଶେ ଏହି ଅବସରରେ ସେମାନେ ପ୍ରାର୍ଥନା କରିଛନ୍ତି। ବାରିପଦାର ଦୁଇ ନଗର ମଣ୍ଡଳ ସଭାପତି ସୁବ୍ରତ ମୁଖୀ ଓ ଶ୍ରଦ୍ଧାଞ୍ଜଳି ପଣ୍ଡାଙ୍କ ନେତୃତ୍ୱରେ ଏକ ଗମ୍ଭୀର ପରିବେଶରେ ଅନୁଷ୍ଠିତ ଏହି ପୂଜାର୍ଚ୍ଚନା ଉତ୍ସବରେ ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ଜିଲ୍ଲା ପ୍ରବକ୍ତା ନରୋତ୍ତମ ପାଣିଗ୍ରାହୀ ତଥା ସର୍ବଶ୍ରୀ ଲକ୍ଷ୍ମୀଧର ହାବଡ଼ା, ବିଜୟ କୁମାର ଦାସ, ନିରଞ୍ଜନ ଦାଶ, ରସିକାନନ୍ଦ ମିଶ୍ର, ତରୁଣ ପାଲବାବୁ, ଶମ୍ଭୁନାଥ ସାହୁ, ବିକାଶ ବାରିକ, ଶଙ୍କର୍ଷଣ ପଣ୍ଡା, କଳ୍ପତରୁ ରାୟବାବୁ, ରାଜୀବ ଦାସ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିବା ଜଣାଯାଇଛି।

## ନିର୍ବାଚିତ ହୋଇ ସର୍ବାଧିକ ଦିନ ଦେଶସେବାର ରେକର୍ଡ ହାସଲ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

### ଦୀର୍ଘ ନିରାୟମ ଜୀବନ କାମନା ପୂର୍ବକ ପୂଁଜାର୍ଚ୍ଚନା ଓ ପ୍ରାର୍ଥନା କଲେ ସଦର ନିର୍ବାଚନ ମଣ୍ଡଳୀର ବିଜେପି କାର୍ଯ୍ୟକର୍ତ୍ତା




ବାଲେଶ୍ୱର, ୧୦/୬ (ନି.ପ୍ର): ବିଶ୍ୱର ସର୍ବୋଚ୍ଚ ଲୋକପ୍ରିୟ ନେତା ନରେନ୍ଦ୍ର ମୋଦି ଭାରତର ପ୍ରଧାନମନ୍ତ୍ରୀ ଭାବେ ଏକ ବିରଳ ରେକର୍ଡ ସ୍ଥାପନ କରିଛନ୍ତି । ସର୍ବାଧିକ ସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ନିରନ୍ତର ରୂପେ ସେବା ପ୍ରଦାନର ଗୌରବ ଅର୍ଜନ କରିଛନ୍ତି ସେ । ୨୦୧୪ ମସିହା ମେ ୨୬ ତାରିଖ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରି ଆଜି ପର୍ଯ୍ୟନ୍ତ ୪୩୯୯ ଦିନ ଧରି ୧୪୦କୋଟି ଦେଶବାସୀଙ୍କ ସେବାରେ ସମର୍ପିତ ଅଛନ୍ତି ମୋଦି । ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ନାମରେ ନିର୍ବାଚିତ ଭାବେ ୪୩୯୮ ଦିବସର କାର୍ଯ୍ୟକାଳ ରେକର୍ଡଭୁକ୍ତ ଥିବା ବେଳେ ନିର୍ବାଚିତ ହେବା ପୂର୍ବରୁ ଅର୍ଥାତ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରୁ ମୋଟ ୬୧୩୦ ଦିବସ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଥିଲେ । ଏହି ଐତିହାସିକ ଉପଲବଧିକୁ ସମଗ୍ର ଦେଶରେ ଏକ ଉତ୍ସବ ଭାବେ ପାଳନ କରାଯାଉଥିବା ବେଳେ ବାଲେଶ୍ୱରରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୀର୍ଘ ନିରାୟମ ଜୀବନ କାମନା ପୂର୍ବକ ପୂଁଜାର୍ଚ୍ଚନା କରାଯାଇଛି । ସଦର ନିର୍ବାଚନ ମଣ୍ଡଳୀର ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ଥାନୀୟ ଝାଡେଶ୍ୱର ମନ୍ଦିରରେ ଅନୁଷ୍ଠିତ ସ୍ୱତନ୍ତ୍ର ପୂଜାର୍ଚ୍ଚନାରେ ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇଥିଲେ । ଭବିଷ୍ୟତ ଏକ ଦୀର୍ଘ କାଳଖଣ୍ଡ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ରସେବାରେ ସମର୍ପିତ ରହି ଦେଶବାସୀଙ୍କ କଲ୍ୟାଣ ସାଧନ ସହିତ ସଶକ୍ତ ଓ ସମୃଦ୍ଧ ବିକଶିତ ଭାରତ ନିର୍ମାଣର ମହାନ ଦାୟିତ୍ୱ ସଫଳତାର ସହ ନିର୍ବାହ କରିଚାଲନ୍ତୁ ବୋଲି ଶ୍ରୀ ଦତ୍ତ କାମନା କରିଥିଲେ । ତେବେ ପ୍ରଧାନମନ୍ତ୍ରୀ ଭାବେ ମୋଦିଙ୍କ ଶାସନକାଳରେ ଦେଶ ଅଭୂତପୂର୍ବ ପ୍ରଗତି ହାସଲ କରିବାରେ ସକ୍ଷମ ହୋଇଛି । ସମଗ୍ର ବିଶ୍ୱରେ ଦେଶ ତୃତୀୟ ଅର୍ଥନୀତି ଆଡକୁ ଅଗ୍ରସର ହେଉଥିବା ବେଳେ ୨୦୪୭ ମସିହା ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ରରେ ରୂପାନ୍ତରିତ ହେବା ନେଇ ଲକ୍ଷ୍ୟ ରଖାଯାଇଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ସମସ୍ତ ଲକ୍ଷ୍ୟ ପୂରଣ ହେବ ବୋଲି ଶ୍ରୀ ଦତ୍ତ ଆଶା ପ୍ରକାଶ କରିଥଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୁଷମା ବିଶ୍ୱାଳ, ମମତା ମହାପାତ୍ର, ରାଜେନ୍ଦ୍ର ଚାଟାର୍ଜୀ, ଚିତରଞ୍ଜନ ପଣ୍ଡା, କାଉନସିଲର ନିତ୍ୟଗୋପାଳ ସିଂ ଓ ରାଧାକାନ୍ତ ଦାସ, ସୀତାକାନ୍ତ ସ୍ୱାଇଁ, ଧିରଜ ମହାନ୍ତି, ସୁଧାଂଶୁ ପଣ୍ଡା, ଯୋଗେନ ରଣା, ସୁସ୍ମିତା ପଣ୍ଡା, ସସ୍ମିତା ଦାଶ, ପବନ କମିଲା, ମନୋରଞ୍ଜନ ନନ୍ଦି, ପ୍ରତାପ ପ୍ରଧାନ, ଉମେଶ ବେହେରା, ସୌମ୍ୟ ଦାଶ, ମନୋହର ପେରିୱାଲ, ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଦ୍ଦେଶ୍ୟରେ ମହାଦେବଙ୍କ ନିକଟରେ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରିଥିଲେ ।

## ୧୫ ଆଇପିଏସ ଅଫିସରଙ୍କୁ ୧୭ଟି ଜିଲ୍ଲାର ସ୍ୱତନ୍ତ୍ର ନିରୀକ୍ଷଣ ଓ ତଦାରଖ ଦାୟିତ୍ୱ

ଭୁବନେଶ୍ୱର, ୧୦/୬ (ନି.ପ୍ର): ୧୫ ଜଣ ଆଇପିଏସ ଅଧିକାରୀଙ୍କୁ ୧୭ଟି ଜିଲାର ସ୍ୱତନ୍ତ୍ର ନିରୀକ୍ଷଣ ଓ ତଦାରଖ ଦାୟିତ୍ୱ ପ୍ରଦାନ କରାଯାଇଛି। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କୁ ବାଲେଶ୍ୱର ଓ ଭଦ୍ରକ ଜିଲାର ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସ୍ପେଶାଲ ଅପରେସନ୍ ଏଡିଜି ସଞ୍ଜୀବ ପଣ୍ଡାଙ୍କୁ କୋରାପୁଟ ଓ ରାୟଗଡ଼ା ଦାୟିତ୍ୱ, ଅନ୍ୟ ୧୩ ଆଇପିଏସ ଅଫିସରଙ୍କୁ ଗୋଟିଏ ଲେଖାଏଁ ଜିଲା ନିରୀକ୍ଷଣ ଦାୟିତ୍ୱ, ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଜଗତସିଂହପୁର ଜିଲା ନିରୀକ୍ଷଣ ଦାୟିତ୍ୱ, ରେଳବାଇ ଏଡିଜି ଅରୁଣ ବୋଥ୍ରାଙ୍କୁ ଅନୁଗୁଳ ଜିଲା ତଦାରଖ ଦାୟିତ୍ୱ ଦିଆଯାଇଥିବା ବେଳେ ଆଇନ ଓ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାରଙ୍କୁ ସମ୍ବଲପୁର ଜିଲା ଦାୟିତ୍ୱ, ଏଡିଜି ରାଜେଶ କୁମାରଙ୍କୁ ନୟାଗଡ଼, ଏଡିଜି ପ୍ରତୀକ ମହାନ୍ତିଙ୍କୁ ଯାଜପୁର, ଏଡିଜି ଯତୀନ୍ଦ୍ର କୋଏଲଙ୍କୁ କଳାହାଣ୍ଡି, ଏଡିଜି ଏସ୍.ସାଇନିଙ୍କୁ ବଲାଙ୍ଗୀର, ଆଇଜି ଏସ ପ୍ରବୀଣ କୁମାରଙ୍କୁ କନ୍ଧମାଳ, ଆଇଜି ଦୀପକ କୁମାରଙ୍କୁ ମାଲକାନଗିରି, ଅନୁପ ସାହୁଙ୍କୁ ପୁରୀ, ଅବିନାଶ କୁମାର ମୟୁରଭଞ୍ଜ ଓ ସାର୍ଥକ ଷଡଙ୍ଗୀ କେନ୍ଦ୍ରାପଡା, ଆଇଜି ଗଜଭିୟେ ସତୀଶ କୁମାର ଈଶ୍ୱରଦାସଙ୍କୁ ଢେଙ୍କାନାଳ ଜିଲା ଦାୟିତ୍ୱ ପ୍ରଦାନ କରାଯାଇଛି । ଆସନ୍ତା ଜୁଲାଇରୁ ସମୀକ୍ଷା ଓ ଯାଞ୍ଚ ପାଇଁ ଆଇପିଏସ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଖୋରଧା ସହରରେ ଅଚଳ ଷ୍ଟ୍ରିଟ୍ ଲାଇଟ: ଅନ୍ଧାରରେ ଯାତାୟତ କରୁଛନ୍ତି ଲୋକେ

ଖୋରଧା, ୧୦/୬ (ନି.ପ୍ର): ଖୋରଧା ସହରର ମୁଖ୍ୟ ରାସ୍ତାରେ ଦୀର୍ଘ ଦିନ ଧରି ଅନେକ ଷ୍ଟ୍ରିଟ ଲାଇଟ୍ ଅଚଳ ହୋଇ ପଡ଼ିଥିବାରୁ ସନ୍ଧ୍ୟା ହେଲେ ରାସ୍ତାରେ ଅନ୍ଧାର ଛାଇଯାଉଛି। ଫଳରେ ପଥଚାରୀ, ଦୁଇଚକିଆ ଓ ଚାରିଚକିଆ ଯାନ ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ରାତି ସମୟରେ ଦୁର୍ଘଟଣାର ଆଶଙ୍କା ବଢ଼ିବା ସହ ସାମାଜିକ ସୁରକ୍ଷା ନେଇ ମଧ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ସହରର ବିଭିନ୍ନ ପ୍ରମୁଖ ଛକ ଓ ରାସ୍ତାରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଗତ କିଛି ମାସ ହେବ ଜଳୁନାହିଁ। ଏ ସମ୍ପର୍କରେ ପୌର ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନାହିଁ। ଅନ୍ଧାର ଯୋଗୁଁ ବୃଦ୍ଧ, ମହିଳା ଓ ଛାତ୍ରଛାତ୍ରୀମାନେ ଅଧିକ ସମସ୍ୟାରେ ପଡୁଥିବା ଅଭିଯୋଗ ହେଉଛି। ଏହା ସହିତ ସହରର ସୌନ୍ଦର୍ଯ୍ୟ ଓ ସ୍ମାର୍ଟ ସିଟି ଭଳି ବିକାଶମୂଳକ ଯୋଜନା ଉପରେ ମଧ ପ୍ରଶ୍ନ ଉଠିଛି। ଖୋରଧା ପୌର ପରିଷଦ ପକ୍ଷରୁ ତୁରନ୍ତ ଅଚଳ ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକର ମରାମତି କରି ସହରବାସୀଙ୍କୁ ଏହି ସମସ୍ୟାରୁ ମୁକ୍ତି ଦେବାକୁ ସାଧାରଣ ଲୋକ ଦାବି କରିଛନ୍ତି। ବର୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ଏହି ସମସ୍ୟା ଆହୁରି ଗୁରୁତର ହୋଇପାରେ ବୋଲି ସହରବାସୀ ଆଶଙ୍କା ପ୍ରକାଶ କରିଛନ୍ତି।

## ଆସନ୍ତା ୧୨ ତାରିଖରେ ୨ ବର୍ଷର ହିସାବ ଦିଆଯିବ: ମନମୋହନ ସାମଲ

ଭୁବନେଶ୍ୱର, ୧୦/୬ (ନି.ପ୍ର): ଆସନ୍ତା ୧୨ ତାରିଖରେ ୨ ବର୍ଷର ହିସାବ ଦିଆଯିବ । ଏନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଆମେ ୨ ବର୍ଷରେ କ'ଣ କରିଛୁ, ତା'ର ଉତ୍ତର ଆସନ୍ତା ୧୨ରେ ଦେବୁ । ସରକାର ଗଠନର ୨୪ ଘଣ୍ଟା ମଧ୍ୟରେ ସଂକଳ୍ପପତ୍ର ଅନୁସାରେ କାମ କରିଛୁ । କ୍ୟାବିନେଟ୍ ଡାକି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛୁ । ପୂର୍ବରୁ ଚାଷୀଙ୍କୁ ୧୦ ଟଙ୍କା ବୋନସ୍ ଦିଆଯାଇନଥିଲା, ଆମେ ୩୧୦୦ କଲୁ । ୪ ଥର ଧାନ କିଣି ସାରିଛୁ, ସୁଭଦ୍ରା ସହାୟତା ମଧ ଦେଇଛୁ । ଆମେ ରତ୍ନଭଣ୍ଡାର ଖୋଲିଲୁ, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଛୁ । ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ପାଇଁ କାମ ଆରମ୍ଭ କରିସାରିଛୁ ବୋଲି ସେ କହିଛନ୍ତି ।

## ନନ୍ଦିନୀ ଶତପଥୀଙ୍କ ୯୫ ତମ ଜୟନ୍ତୀ ଉତ୍ସବ



ଭଦ୍ରକ, ୧୦/୬ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଏକାଧାରରେ ଜଣେ ଏକାଧାରରେ କବୟିତ୍ରୀ, କଥାଶିଳ୍ପୀ, ରାଜନେତ୍ରୀ ଓ ସଙ୍ଗୀତାନୁରାଗିଣୀ ଥିଲେ। ସେ ସ୍ୱାଧୀନଚେତା ଚିନ୍ତାଧାରାର ମହିଳା ଥିଲେ ବୋଲି ଭଦ୍ରକ ସହରର ନୂଆବଜାର ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପଠାରେ ଗତକାଲି ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ୯୫ତମ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟ ବକ୍ତା ଭାବେ ପଣ୍ଡିତ ଦୈତାରୀ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଶିବ ଚରଣ ଖାମୁରାଇ, ନାରୀ ନେତ୍ରୀ କଳ୍ପନା ଜେନା ପ୍ରମୁଖ ଯୋଗଦେଇ ନନ୍ଦିନୀ ଶତପଥି ଜଣେ ସାଲିସ ବିହୀନ ନେତ୍ରୀ ଥିଲେ । ସମାଜର ନିମ୍ନବର୍ଗ ବ୍ୟକ୍ତି ଙ୍କ ପାଇଁ ଥିଲା ତାଙ୍କର ଶ୍ରଦ୍ଧା ଓ ସମ୍ବେଦନା । ନନ୍ଦିନୀ ଥିଲେ ସାହିତ୍ୟ, ସେବା ଓ ରାଜନୀତି ର ଏକ ସମନ୍ୱିତ ବ୍ୟକ୍ତିତ୍ୱ ଓ ତାଙ୍କର ସାହାସିକତା ଉପରେ ଉପସ୍ଥିତ ପିଲାମାନଙ୍କୁ ଓ ମହିଳା, ବୁଦ୍ଧିଜୀବୀଙ୍କୁ ଓ ସାଧାରଣ ଜନତା ଙ୍କୁ କହିଥିଲେ କ୍ଷଖବରଦାତା ତଥା ଜୟନ୍ତୀ କମିଟି ର ଆବାହକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମହିଳା ସଂଗଠନ ର ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସଂଯୁକ୍ତା ଯାଦବ ଙ୍କ ସଂଯୋଜନା ରେ ଉପସଭାପତି ଶାନ୍ତିଲତା ବାରିକ ମଞ୍ଚ ଆମନ୍ତ୍ରଣ, ସମ୍ପାଦିକା ନିରୁପମା ଦାଶ ଅତିଥି ପରିଚୟ ପ୍ରଦାନ, ସହ ସମ୍ପାଦିକା ଶ୍ରଦ୍ଧାଞ୍ଜଳି ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏହି ଅବସରରେ ଶିକ୍ଷୟତ୍ରୀ ସାବିତ୍ରୀ ସେଠି, ସ୍ୱାସ୍ଥ୍ୟ ସେବିକା କୁସୁମ ମଞ୍ଜରୀ ପାଢ଼ୀ, ଚିନ୍ମୟୀ ସ୍ୱାଇଁ, ଗୃହିଣୀ ଶ୍ରଦ୍ଧାଞ୍ଜଳି ସାହୁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ରମେଶ ଚନ୍ଦ୍ର ସ୍ୱାଇଁ, ଶିକ୍ଷକ ଅମର ପାଣିଗ୍ରାହୀ,ଶିକ୍ଷୟତ୍ରୀ ରଶ୍ମିତା ଦାଶ ନନ୍ଦିନୀ ଶତପଥି ଙ୍କ ଉପରେ କବିତା ପାଠ କରିଥିଲେ। ପ୍ରଧାନ ଶିକ୍ଷୟତ୍ରୀ ଡ଼. ଜାନକୀ ପାଢ଼ୀ ବେଦ ପାଠ କରିଥିବା ବେଳେ ସହ ସମ୍ପାଦିକା ତପସ୍ୱିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବୟତ୍ରୀ ସଂଯୁକ୍ତା ବଳ ନାୟକ, ଦମୟନ୍ତୀ ରାଉତ, କବି ବିପ୍ଳବ ହୋତା, ନାରାୟଣ ଚନ୍ଦ୍ର ପାଢ଼ୀ, ରମେଶ ଦାସ, ବିଜୟ ବହଳି, ସୁଶ୍ରୀ ଅଞ୍ଜନା ମିଶ୍ର, ରେଣୁବାଳା ଖିଲାର ଙ୍କ ସମେତ ବହୁ କବି କବୟତ୍ରୀ ଉପସ୍ଥିତ ଥିଲେ ।

## ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜିତ

ଭୁବନେଶ୍ୱର, ୧୦/୬ (ନି.ପ୍ର): ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସରକାରୀ ଅଧିକାରୀମାନଙ୍କ ପାଇଁ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଉଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଜୁନ୍ ୧୦ ଓ ୧୧ ତାରିଖ ଦୁଇ ଦିନ ଏହି ପ୍ରଶିକ୍ଷଣ ଶିବିର ସଂସ୍କୃତି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ହେଉଛି। ଓଡ଼ିଶା ସରକାରଙ୍କ ୨୩ ଟି ବିଭାଗ ଏବଂ ୫ଟି ନିର୍ଦ୍ଦେଶାଳୟରୁ ମୋଟ୍ ୨୦୫ ଜଣ ସରକାରୀ ଅଧିକାରୀ ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଛନ୍ତି।

## ବଟେଶ୍ୱର-ଗନ୍ଧାଳୀ ଭାୟା ଶାଳବଣୀ ରାସ୍ତାର ଶୁଭ ଉଦ୍‌ଘାଟନ



ଖଇରା, ୧୦/୬ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ବଟେଶ୍ୱର ରୁ ଶାଳବଣୀ ଦେଇ ଗନ୍ଧାଳୀ ପର୍ଯ୍ୟନ୍ତ ନିର୍ମିତ କଂକ୍ରିଟ ରାସ୍ତା ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ଉଦଘାଟିତ ହୋଇ ଯାଇଛି। ଏହି ରାସ୍ତା ପାଇଁ ୧୦ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ବେଳେ ସମ୍ପୂର୍ଣ୍ଣ ପାଇଁ ଆଉ ୬ଲକ୍ଷ ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗନ୍ଧାଳୀ ଗ୍ରାମରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୋହନ ସରକାରଙ୍କ ୨ବର୍ଷ ଶାସନ କାଳରେ ରାଜ୍ୟରେ ସବୁ କ୍ଷେତ୍ରରେ ଅଭୁତପୁର୍ବ ବିକାଶ ହୋଇଛି । ମୋହନ ସରକାର ଲୋକମାନଙ୍କୁ ଯାହା କଥା ଦେଇଥିଲେ ତାହା ସବୁ ପାଳନ କରିଛନ୍ତି ବୋଲି ପ୍ରକାଶ କରିଥିଲେ । ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ଆରତୀ ମହାନ୍ତି, ସମିତି ସଭ୍ୟା ଭାନୁପ୍ରିୟା ସାହୁ,୪ନମ୍ବର ଜୋନ ମଣ୍ଡଳ ସଭାପତି ଲକ୍ଷ୍ମୀଧର ନାୟକ, ଭାଜପା ନେତା ଦେବାଶିଷ ରାଉଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।ପ୍ରଥମେ ବିଧାୟକ ଫଗୁଣା ଗ୍ରାମ ନିକଟରେ ଏକ ପୋଲର ଶିଳାନ୍ୟାସ କରିଥିଲେ ।

## ଜିଲ୍ଲାସ୍ତରୀୟ ମ୍ୟାଲେରିଆ ମାସ ପାଳନ ନିମନ୍ତେ ସଚେତନତା ବୈଠକ




ବାରିପଦା, ୧୦/୬ (ନି.ପ୍ର): ଜିଲ୍ଲାସ୍ତରୀୟ ମ୍ୟାଲେରିଆ ମାସ ପାଳନ ନିମନ୍ତେ ସଚେତନତା ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସେ ମେଡିକାଲ ଅଫିସର ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀ ମାନଙ୍କୁ ଯଥାଶୀଘ୍ର ସମସ୍ତ ଜ୍ୱର ରୋଗୀଙ୍କୁ ମ୍ୟାଲେରିଆ ରକ୍ତ ପରୀକ୍ଷା କରିବା ସହ ସମ୍ପୂର୍ଣ୍ଣ ଚିକିତ୍ସା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶୋଇଲା ବେଳେ ମଶାରୀ ବ୍ୟବହାର କରିବା ଏବଂ ଘରକୁ ଘର ବୁଲି ଲୋକଙ୍କୁ ସଚେତନତା କରିବା ପାଇଁ କହିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଧନୁର୍ଜ୍ୟୟ ମହାନ୍ତ ସରକାର ପ୍ରତ୍ୟେକ ପଞ୍ଚାୟତରେ ମ୍ୟାଲେରିଆ ରକ୍ତ ପରୀକ୍ଷା କରିବା, ଆୟୁସମାନ କାର୍ଡ ବଣ୍ଟନ, ରକ୍ତହୀନତା ପରୀକ୍ଷା ଓ ଅଣ ସଂକ୍ରମକ ରୋଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହା ସହିତ ସମସ୍ତ ମେଡିକାଲ ଅଫିସରମାନଙ୍କୁ ଆଦେଶ ଦେଇଥିଲେ ଯେ ,ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ଓ ଆଶାକର୍ମୀ ଅଙ୍ଗନବାଡ଼ି କର୍ମୀ ଘରକୁ ଘର ବୁଲି ପ୍ରତ୍ୟେକ ଦିନ ସନ୍ଧ୍ୟା ବେଳେ ମଶାରୀ ବ୍ୟବହାର ଉପରେ ଗୁରୁତ୍ୱର ସହିତ ବୁଝାଇବା ସହ ମଶାରୀ ବ୍ୟବହାର କରୁଛନ୍ତି କି ନାହିଁ ତଦାରଖ କରିବେ ଏବଂ ମୋବାଇଲ ହେଲଥ ଟିମ ମ୍ୟାଲେରିଆ ପ୍ରବଣ ଗାଁ ରେ ମାସ ସର୍ଭେ ଓ ଜ୍ୱର ସର୍ଭେ କରି ମ୍ୟାଲେରିଆ ରୋଗ ଚିହ୍ନଟ ହେଲେ ସମ୍ପୂର୍ଣ୍ଣ ଚିକିତ୍ସା କରିବାକୁ କହିଥିଲେ । ଜିଲ୍ଲା ଭେକ୍ଟୋର ବାହିତ ରୋଗ ପରାମର୍ଶଦାତା ଶ୍ରୀ ତପନ କୁମାର ସାହୁ ମ୍ୟାଲେରିଆ ମାସ ପାଳନର କାର୍ଯ୍ୟ ଉପରେ ବିସ୍ତୃତ ବିବରଣୀ ଦେବା ସହ ମ୍ୟାଲେରିଆ ରୋଗ କିପରି ନିୟନ୍ତ୍ରଣ ହୋଇପାରିବ ତା ଉପରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭି ବି ଡି)ଡା ବିଜୟ କୁମାର ଦାସ ମୟୂରଭଞ୍ଜ ଜିଲ୍ଲାରେ ସମସ୍ତେ ମିଳିମିଶି କାମ କରି ମ୍ୟାଲେରିଆ ରୋଗକୁ ନିୟନ୍ତ୍ରଣ କରିବାକୁ ଗୁରୁତ୍ୱ ଆରୋପ କରିଥିଲେ । ଏହି ବୈଠକରେ ଅଧିକ୍ଷକ ପଣ୍ଡିତ ରଘୁନାଥ ମୁର୍ମୁ କଲେଜ ଡା ରିତାଞ୍ଜଳୀ ବେହେରା ଅଧି ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ସୁବାସ ନାୟକ , ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକ୍ଷକ ଡା ଶଶିକାନ୍ତ ସେଠି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ ରୋଗ) ଡା ଶାନ୍ତନୁ ଦାସ ,ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର ମଙ୍ଗଳ) ଡା ସୁନନ୍ଦା ମିଶ୍ର ,ଜିଲ୍ଲା ସ୍ୱାସ୍ଥ୍ୟ ମିଶନର ପରିଚାଳକ ଅନୀଲ କୁମାର ମହାନ୍ତି, ଜିଲ୍ଲା ଅର୍ଥ ଓ ଉପକରଣ ସହଯୋଗୀ ଗୋପବନ୍ଧୁ ଗିରି ,ବଳରାମ ବେହେରା ଓ ଅନ୍ୟ ବିଭାଗର ଅଧିକାରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସାମାଜିକ ଓ ମଙ୍ଗଳ ଅଧିକାରୀ, ସମସ୍ତ ମେଡିକାଲ ଅଫିସର , ସି ଡି ପି ଓ ପ୍ରମୁଖ ଉପସ୍ଥିତ ଥିଲେ।

## ନଦୀରେ ଗାଧୋଇବା ହେଲା କାଳ : ଚାଲିଗଲା ଦୁଇ ନାବାଳକଙ୍କ ଜୀବନ



ନୀଳଗିରି, ୧୦/୬ (ନି.ପ୍ର): ସୋନନଦୀରେ ବୁଡି ଚାଲିଗଲା ଦୁଇ ନାବାଳକ ସାଙ୍ଗଙ୍କ ଜୀବନ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାଧାକିଶୋରପୁର ଗ୍ରାମର ସୋନନଦୀ ଘାଟରେ। ଗାଧୋଇବାକୁ ଯାଇ ନଦୀରେ ବୁଡି ପ୍ରାଣ ହରାଇଛନ୍ତି ଦୁଇସାଙ୍ଗ ।ଦୁଇ ଜଣ ନାବାଳକ ଉକ୍ତ ଗ୍ରାମର ପ୍ରଦୀପ ବେହେରାଙ୍କ ୧୨ବର୍ଷର ପୁଅ କାର୍ତ୍ତିକ ବେହେରା ଓ ଲକ୍ଷ୍ମୀଧର ମହାଳିକଙ୍କ ୧୨ବର୍ଷର ପୁଅ ଆକାଶ ମହାଳିକ । ସୂଚନା ଅନୁଯାୟୀ ଖରାଛୁଟି ହେଇଥିବାରୁ ଉଭୟ ଗାଁର କିଛି ସାଙ୍ଗଙ୍କ ସହ ମିଶି ସୋନନଦୀକୁ ଗାଧୋଇବାକୁ ଯାଇଥିଲେ। ହେଲେ କୌଣସି କାରଣରୁ ଉଭୟ ପାଣିରେ ବୁଡିଯାଇଥିଲେ ।ଅନ୍ୟ ସାଥୀମାନେ ଗ୍ରାମବାସୀଙ୍କୁ ଅବଗତ କରିବାରୁ ଗାଁ ଲୋକେ ପ୍ରଥମେ ଜଣଙ୍କ ମୃତ ଦେହ ଉଦ୍ଧାର କରିଥିବା ବେଳେ ନୀଳଗିରି ଅଗ୍ନିଶମ ବାହିନୀ ଓ ନୀଳଗିରି ପୋଲିସ ପହଞ୍ଚି ଅନ୍ୟ ମୃତ ଦେହ ଟିକୁ ପାଣିରୁ ଉଦ୍ଧାର କରି ରେମୁଣା ମେଡିକାଲ କଲେଜକୁ ପଠାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା ।ଯେହେତୁ ବାଲି ମାଫିଆମାନେ ବେଆଇନ ଭାବରେ ବାଲି ଉତ୍ତୋଳନ କରୁଛନ୍ତି ତେଣୁ ନଦୀରେ ବଡ ବଡ ଗଣ୍ଡ ସୃଷ୍ଟି ହୋଇଛି ଯେଉଁଥିରେ ଜୀବନ ଯାଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।


❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida